
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୮ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 28 DECEMBER 2020
Vol.No. 30 ■ No. 329 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଙ୍ଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଜି ୧୦୦ ତମ କିଷାନ ରେଳର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୨୭।୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସୋମବାର ଅପରାହ୍ନ ୪.୩୦ ମିନିଟ ସମୟରେ ଭିଡିଓ କନଫରେନ୍ସ ମାଧ୍ୟମରେ ମହାରାଷ୍ଟ୍ରର ସାଙ୍ଗୋଲା ଠାରୁ ପଶ୍ଚିମବଙ୍ଗର ଶାଲିମାର ପର୍ଯ୍ୟନ୍ତ ୧୦୦ ତମ କିଷାନ ରେଳ ଚଳାଚଳକୁ ପତାକା ଦେଖାଇ ଶୁଭାରମ୍ଭ କରିବେ । ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ସିଂ ତୋମର ଏବଂ ଶ୍ରୀ ପୀୟୁଷ ଗୋୟଲ ମଧ୍ୟ ଉପସ୍ଥିତ ରହିବେ । ବହୁମୁଖୀ ମାଲବାହୀ ଟ୍ରେନ ସେବାରେ ଫୁଲକୋବି, କ୍ୟାପ୍ସିକମ, କୋବି, ସଜନା, ଲଙ୍କା, ପିଆଜ ଇତ୍ୟାଦି ପରିବା ସହିତ ଅଙ୍ଗୁର, କମଳା, ଡାଳିମ୍ବ, ବନ୍ଧାକୋବି, କଷ୍ଟାର୍ଡ ଆପଲ ଇତ୍ୟାଦି ଫଳ ପରିବହନ ହେବ । ସମସ୍ତ ଷ୍ଟପେଜ ଷ୍ଟେସନରେ ନଷ୍ଟ ହୋଇଯାଉଥିବା ଦ୍ରବ୍ୟର ଲୋଡିଂ ଏବଂ ଅନଲୋଡିଂ ପାଇଁ ଅନୁମତି ଦିଆଯିବ । ସାମଗ୍ରୀର ଆକାରରେ କୌଣସି ପ୍ରତିବନ୍ଧକ ରହିବ ନାହିଁ । ଫଳ ଓ ପନିପରିବା ପରିବହନରେ ଭାରତ ସରକାର ସବସିଡି ୫୦ ପ୍ରତିଶତକୁ ବୃଦ୍ଧି କରିଛନ୍ତି । ପ୍ରଥମ କିଷାନ ରେଳ ୭ ଅଗଷ୍ଟ, ୨୦୨୦ରେ ଦେବଲାଲୀରୁ ଦାନାପୁର ପର୍ଯ୍ୟନ୍ତ ଚଳାଚଳ କରିବା ପାଇଁ ସ୍ଥିର ହୋଇଥିଲା, ଯାହାକି ମୁଜାଫରପୁର ପର୍ଯ୍ୟନ୍ତ ପୁଣି ବୃଦ୍ଧି କରାଯାଇଥିଲା । କୃଷକଙ୍କ ସକାରାତ୍ମକ ପ୍ରତିକ୍ରିୟା ଫଳରେ ଏହାର ଚଳାଚଳକୁ ମଧ୍ୟ ସପ୍ତାହରେ ଗୋଟିଏ ଦିନରୁ ତିନି ଦିନକୁ ବୃଦ୍ଧି କରାଯାଇଥିଲା । ସମଗ୍ର ଦେଶରେ କୃଷିଜାତ ଦ୍ରବ୍ୟର ଦ୍ରୁତ ପରିବହନକୁ ସୁନିଶ୍ଚିତ କରିବାରେ କିଷାନ ରେଳ ଏକ ପଟପରିବର୍ତ୍ତନକାରୀ ପଦକ୍ଷେପ । ଏହା ନଷ୍ଟ ହୋଇଯାଉଥିବା ଉତ୍ପାଦଗୁଡିକର ବାଧା ରହିତ ଯୋଗାଣରେ ସହାୟକ ହେଉଛି ।

## ଗୁଲଜାରଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୭।୧୨ (ନି.ପ୍ର): ଓଡ଼ିଶାର କିମ୍ବଦନ୍ତୀ କବି ହଳଧର ନାଗଙ୍କ କବିତାଗୁଡ଼ିକୁ ଗୁଲଜାର ସାହେବ ତାଙ୍କ ଅନୂଦିତ କବିତା ସଂକଳନ 'ଏ ପୋଏମ୍, ଏ ଡେ'ରେ ସ୍ଥାନିତ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧନ୍ୟବାଦ ଦେଇଛନ୍ତି । କୋଶଳୀ ଭାଷାର କବି ଏବଂ ଭାଷାର ଉନ୍ନତି ପାଇଁ ତାଙ୍କ ଜୀବନବ୍ୟାପୀ ସାଧନା ପ୍ରତି ଏହା ଉପଯୁକ୍ତ ସମ୍ମାନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଆସନ୍ତାକାଲିଠୁ ଖୋଲିବ ଆଖଣ୍ଡଳମଣି ମନ୍ଦିର

ଭଦ୍ରକ,୨୭।୧୨ (ନି.ପ୍ର): ଭଦ୍ରକ ଆରଡ଼ି ସ୍ଥିତ ଆଖଣ୍ଡଳମଣି ମନ୍ଦିର ଆସନ୍ତାକାଲି ଠାରୁ ଖୋଲିବାକୁ ଯାଉଛି । ପ୍ରଶାସନ ସୂତ୍ରରୁ ପ୍ରାପ୍ତ ସୂଚନା ପ୍ରକାରେ, ପ୍ରଥମ ଦୁଇ ଦିନ ସେବାୟତଙ୍କ ପରିବାରକୁ ଦର୍ଶନ ଅନୁମତି ମିଳିବ। ସେହିପରି ନୂଆବର୍ଷରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜାନୁଆରୀ ୧ ତାରିଖ ଓ ୨ ତାରିଖ ଦୁଇ ଦିନ ପାଇଁ ମନ୍ଦିର ବନ୍ଦ ରହିବ। ଜାନୁଆରୀ ୩ ତାରିଖ ଠାରୁ ସାଧାରଣ ଲୋକଙ୍କୁ ଦର୍ଶନ ଅନୁମତି ମିଳିବ । ତେବେ ମନ୍ଦିରକୁ ପ୍ରବେଶ ପାଇଁ ମାସ୍କ ଓ ସାନିଟାଇଜର ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି ।

## ଗୋଟିଏ ଦିନରେ ୩୦୩ କରୋନା ଆକ୍ରାନ୍ତ ଚିହ୍ନଟ : ସଂକ୍ରମିତଙ୍କ ସଂଖ୍ୟା ୩୨୭୨୭୯

ଭୁବନେଶ୍ୱର,୨୭।୧୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୦୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୮୫୦୪ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୨୩୭୪୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୮୪୧ ରହିଛି । ଆଜି ଚିହ୍ନଟ ହୋଇଥିବା ୩୦୩ ଜଣଙ୍କ ମଧ୍ୟରୁ ୧୭୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୩୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଓ

▶▶ପୃଷ୍ଠା ୭

## ଜେଡିୟୁର ନୂତନ ସଭାପତି ଭାବରେ ଅରସିପି ସିଂ ନିଯୁକ୍ତ



ନୂଆଦିଲ୍ଲୀ,୨୭।୧୨ (ନି.ପ୍ର): ଜନତା ଦଳ ୟୁନାଇଟେଡ୍ (ଜେଡିୟୁ)ର ନୂତନ ସଭାପତି ଭାବରେ ଅରସିପି ସିଂ ନିଯୁକ୍ତ ହୋଇଛନ୍ତି । ଜାତୀୟ କାର୍ଯ୍ୟନିର୍ବାହୀ ବୈଠକରେ ମୁଖ୍ୟମନ୍ତ୍ରୀ ତଥା ଜେଡିୟୁର ପ୍ରାକ୍ତନ ମୁଖ୍ୟ ନୀତୀଶ କୁମାର କହିଛନ୍ତି ଯେ ଦୁଇଟି ପଦବୀକୁ ଏକାସାଙ୍ଗରେ ପରିଚାଳନା କରିବା ସହଜ ନୁହେଁ । ଉଭୟ ବିହାରର ମୁଖ୍ୟମନ୍ତ୍ରୀ ଏବଂ ଜେଡିୟୁର ଜାତୀୟ ସଭାପତି ପଦବୀକୁ ପରିଚାଳନା କରିବା କଷ୍ଟକର ହୋଇଥିବାରୁ

▶▶ପୃଷ୍ଠା ୭

## 'ଅନ୍ନଦାତାଙ୍କ ପ୍ରତି ସମର୍ପିତ ମୋଦି ସରକାର' ପୁସ୍ତକ ଉନ୍ମୋଚନ କଲେ କେନ୍ଦ୍ରମନ୍ତ୍ରୀ

### ଚାଷୀଙ୍କୁ ନୂତନ କୃଷି ଆଇନ ଉପରେ ସଚେତନ କରିବ : ଧର୍ମେନ୍ଦ୍ର



ଭୁବନେଶ୍ୱର,୨୭।୧୨ (ନି.ପ୍ର): ନୂଆ କୃଷି ଆଇନ ଉପରେ ଲିଖିତ ପୁସ୍ତକ "ଅନ୍ନଦାତାଙ୍କ ପ୍ରତି ସମର୍ପିତ ମୋଦି ସରକାର" ଓଡ଼ିଶାର ଚାଷୀଙ୍କୁ ନୂତନ କୃଷି ଆଇନ ଉପରେ ସଚେତନ କରିବା ସହ ସେମାନଙ୍କ ମନରେ ଏମଏସପି ଉଠିଯିବା ଭଳି ତିଆରି କରାଯାଉଥିବା ଅନେକ ଭ୍ରାନ୍ତ ଧାରଣାକୁ ଦୂର କରିବ ବୋଲି ଏହି ପୁସ୍ତକକୁ ଉନ୍ମୋଚନ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧିତ କରି କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ନୂଆ କୃଷି ଆଇନ ଉପରେ ପ୍ରକାଶିତ ଏହି ଓଡ଼ିଆ ଅନୁବାଦିତ ପୁସ୍ତକ ତଥ୍ୟ ଓ ତର୍କର ପ୍ରମାଣ । ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରି ବାଜପେୟୀଙ୍କ ଜନ୍ମଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି ଯେ ଭାରତ ସରକାର ତଥ୍ୟ ଓ ତର୍କ ଆଧାରରେ ଚାଷୀଙ୍କ ମନରୁ ଭ୍ରାନ୍ତ ଧାରଣା ଦୂର କରିବା ପାଇଁ ପ୍ରସ୍ତୁତ ଅଛନ୍ତି । ଏହି ପୁସ୍ତକକୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଠାରୁ ବିଧାୟକ, ବରିଷ୍ଠ ସାମ୍ବାଦିକ, ଚାଷୀ ସଂଗଠନ, ପ୍ରମୁଖ ବର୍ଗର ଲୋକଙ୍କ ପାଖରେ ପହଁଚାଇବା ପାଇଁ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶା ସମେତ ଭାରତବର୍ଷର ଚାଷୀଙ୍କୁ ସଶକ୍ତ କରିବା ପାଇଁ ବଦ୍ଧପରିକର। ଚଳିତବର୍ଷ ଭାରତ ସରକାର ଓଡିଶାରୁ ୧ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବାର ଲକ୍ଷ୍ୟ ରଖିଛନ୍ତି ।

▶▶ପୃଷ୍ଠା ୭

## ମିନିବସ୍ ଦୁର୍ଘଟଣା : ଦୁଇ ମୃତ, ୪ ଗୁରୁତର




ରାଉରକେଲା,୨୭।୧୨ (ନି.ପ୍ର): ଡ଼ିଭାଇଡ଼ରରେ ପିଟି ହୋଇ ଏକ ମିନି ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଲାଠିକଟାରୁ ରାଉରକେଲା ଅଭିମୁଖେ ଯାଉଥିବା ବେଳେ ବସ୍ ଟି ବାଲୁଘାଟ ନିକଟ ରୋଡରେ ଆଜି ସକାଳ ପ୍ରାୟ ୮ଟା ସମୟରେ ଡିଭାଇଡରରେ ପିଟି ହେବା ଫଳରେ ଏହି ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ମୃତକ ଦ୍ୱୟ ହେଲେ କାର୍ତ୍ତିକ ମହାକୁଡ଼, ସୁନିତା କିସପଟା । କାର୍ତ୍ତିକଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ସୁନିତା ଚିକିତ୍ସାଧିନ ଅବସ୍ଥାରେ ପ୍ରାଣ ହରାଇଛନ୍ତି । ରିୟା ମାର୍ଥା (୬) ନାବାଳିକାର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଆରଜିଏଚର ନିର୍ଦ୍ଦେଶକ ଏନେଇ ସୂଚନା ଦେଇ କହିଛନ୍ତି ଯେ, ଜଣକର ଡ଼ାକ୍ତର ଖାନାରେ ମୃତ୍ୟୁ ଘଟିଛି । ଅନ୍ୟ ଜଣକର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ଜଣେ ଶିଶୁକୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଅନ୍ୟ ମାନେ ଚିକିତ୍ସାଧିନ ରହିଛନ୍ତି ।

## ଡିଏଲ୍ ଆବେଦନ ସମୟ ସୀମା ବୃଦ୍ଧି



ଭୁବନେଶ୍ୱର,୨୭।୧୨ (ନି.ପ୍ର): ଲର୍ଣ୍ଣର୍ ଲାଇସେନ୍ସଧାରୀଙ୍କ ଡିଏଲ୍ ଆବେଦନ କରିବା ପାଇଁ ସମୟ ସୀମା ବୃଦ୍ଧି କରାଯାଇଛି। ଯେଉଁ ଲର୍ଣ୍ଣର୍ ଲାଇସେନ୍ସଧାରୀଙ୍କ ଡିଏଲ୍ ଡିସେମ୍ବର ୩୧ ତାରିଖ ସୁଦ୍ଧା ଶେଷ ହେବ, ସେମାନଙ୍କ ଲାଗି ୨୦୨୧ ମାର୍ଚ୍ଚ ୩୧ ଯାଏଁ ଏହାର ବୈଧତାକୁ ବଢ଼ାଯାଇଛି। ଏନେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ପକ୍ଷରୁ ଏକ ସରକାରୀ ନିର୍ଦ୍ଦେଶ ଜାରି କରାଯାଇଛି। ସୂଚନାଯୋଗ୍ୟ, କରୋନା ମହାମାରୀ ଯୋଗୁ ଭାରତ ସରକାର ଫିଟନେସ୍, ଅନୁମତି (ସମସ୍ତ ପ୍ରକାର), ଡ୍ରାଇଭିଂ ଲାଇସେନ୍ସ, ପଞ୍ଜୀକରଣ ପ୍ରମାଣପତ୍ର ଇତ୍ୟାଦିର ବୈଧତା ବୃଦ୍ଧି ପାଇଁ ଏକ ଆଡଭାଇଜାରି ଜାରି କରିଥିଲେ।

## ମୋଦିଙ୍କ ମନ୍ କି ବାତ୍‌କୁ ଥାଳି ବାଢ଼େଇ ପ୍ରତିବାଦ କଲା ନବନିର୍ମାଣ କୃଷକ ସଂଗଠନ

ଭୁବନେଶ୍ୱର,୨୭।୧୨ (ନି.ପ୍ର): ରବିବାର ପୂର୍ବାହ୍ନ ୧୧ ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କି ବାତ୍ କୁ ବିରୋଧ କରି ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ସ୍ଥାନୀୟ ମାଷ୍ଟର କ୍ୟାଂଟିନ୍ ଛକ ଠାରେ ଥାଳି ବାଡେଇ ପ୍ରତିବାଦ କରାଯାଇଥିଲା। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଓ ଯୁବଛାତ୍ର ରାଜ୍ୟ ସଂଯୋଜକ ମନଓ୍ୱାର ଅଲ୍ଲୀଙ୍କ ନେତୃତ୍ୱରେ 'କଳା କାନୁନ୍ ଓ୍ୱାପସ ଲୋ' କୃଷି ବିରୋଧୀ ନୀତି କୃଷି ପ୍ରଧାନ ଦେଶରେ ଚଳିବ ନାହିଁ, କୃଷି କ୍ଷେତ୍ରକୁ କର୍ପୋରେଟ ହାତକୁ ଟେକିଦେବା ଚଳିବ ନାହିଁ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆଇନ ପରିବର୍ତ୍ତନ କାହିଁକି କଲ ଜବାବ ଦିଅ, ସ୍ୱାମୀନାଥନ କମିଶନ ସୁପାରିଶ କାର୍ଯ୍ୟକାରୀ ନକରି

▶▶ପୃଷ୍ଠା ୭

## ନମିତା ଟପ୍ପୋ ପାଇଲେ ଏକଲବ୍ୟ ପୁରସ୍କାର




ଭୁବନେଶ୍ୱର,୨୭।୧୨ (ନି.ପ୍ର): ଆନ୍ତର୍ଜାତୀୟ ହକି ଖେଳାଳି ନମିତା ଟପ୍ପୋଙ୍କୁ ଏକଲବ୍ୟ ପୁରସ୍କାରରେ ସମ୍ମାନିତକରାଯାଇଛି। ତାଙ୍କୁ ପୁରସ୍କାର ବାବଦକୁ ୫ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ସେହିପରି ଭାରୋତଳକ ସ୍ନେହା ସୋରେନ ଓ ବ୍ୟାଡମିଂଟନ ଖେଳାଳି ରତପର୍ଣ୍ଣା ପଣ୍ଡାଙ୍କୁ ଉପବିଜେତା ଭାବେ ୫୦ ହଜାର ଲେଖାଏଁ ଟଙ୍କା ସହ ମାନପତ୍ର ପ୍ରଦାନ କରାଯାଇଛି। ରବିବାର ଦିନ 'ଇମ୍ପାକ୍ଟ' ପକ୍ଷରୁ ଏକ ନିରାଡମ୍ବର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଉଲ୍ଲେଖ୍ୟଯୋଗ୍ୟ ଯେ ନମିତା ଭାରତ ପକ୍ଷରୁ ୧୫୦ରୁ ଅଧିକ ମ୍ୟାଚରେ ପ୍ରତିନିଧିତ୍ୱ କରିଛନ୍ତି। ସେ ୨୦୧୮ରେ ଜାକର୍ତ୍ତା ଓ ୨୦୧୪ରେ ଇଂଚିଅନଠାରେ ଆୟୋଜିତ ଏସିଆନ୍ ଗେମ୍ସରେ ଭାରତ ପକ୍ଷରୁ ଖେଳିଥିଲେ। ଏହି ଦୁଇଟି ଯାକ କ୍ରୀଡ଼ାରେ ଭାରତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲା। ଏହା ବ୍ୟତୀତ ସେ ୨୦୧୬ରେ ରିଓଠାରେ ଆୟୋଜିତ ଅଲମ୍ପିକ କ୍ରିଡ଼ାରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ।

## ରାଜ୍ୟସ୍ତରୀୟ ଚିତ୍ରକଳା ଶିବିର ଆୟୋଜିତ : ସମ୍ବର୍ଦ୍ଧିତ ହେଲେ ୯ଜଣ ବରିଷ୍ଠ ଶିଳ୍ପୀ

ଭୁବନେଶ୍ୱର,୨୭।୧୨ (ନି.ପ୍ର): ଧଉଳି ଚାରୁକଳା ମହାବିଦ୍ୟାଳୟ ଓ ଅନିଲା ଆର୍ଟ ଫାଉଣ୍ଡେସନ ମିଳିତ ସହଯୋଗରେ ଶାନ୍ତିସ୍ତୁପଠାରେ ରାଜ୍ୟସ୍ତରୀୟ ଜଳରଙ୍ଗ ଚିତ୍ର ଶିବିର 'ସ୍ୟାଡ଼ୋ ଅଫ୍ ହେରିଟେଜ୍' ଓ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ ସାହିତ୍ୟିକା ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀର କାର୍ଯ୍ୟକାରୀ ସଦସ୍ୟା ଡ. ଶୁଭଶ୍ରୀ ଲେଙ୍କାଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ଡ଼. ହୃଷିକେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରାରମ୍ଭରେ ଅଧକ୍ଷ ପଂଚାନନ ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ମିହିରକାନ୍ତ ପ୍ରହରାଜ ସ୍ୱାଗତ ଭାଷଣ ଦେଇଥିଲେ। ଅନିଲା ଆର୍ଟ ଫାଉଣ୍ଡେସନର ପ୍ରତିଷ୍ଠାତା ଶଶଧର ପତି ଫାଉଣ୍ଡେସନର ଆଭିମୁଖ୍ୟ ବିଷୟରେ ଅବଗତ କରିଥିଲେ।

▶▶ପୃଷ୍ଠା ୭

## ଦୀର୍ଘ ୯ ମାସ ପରେ ଖୋଲିଲା ଶ୍ରୀଲିଙ୍ଗରାଜ ମନ୍ଦିର



ଭୁବନେଶ୍ୱର,୨୭।୧୨ (ନି.ପ୍ର): କରୋନା କାରଣରୁ ବନ୍ଦ ଥିବା ଶ୍ରୀଲିଙ୍ଗରାଜ ମନ୍ଦିର ଦୀର୍ଘ ୯ମାସ ପରେ ରବିବାର ମନ୍ଦିର ଖୋଲିଛି। ମନ୍ଦିର ଖୋଲିବା ପରେ ଆଜି କେବଳ ସେବାୟତଙ୍କ ଓ ସେମାନଙ୍କର ପରିବାରର ଲୋକ ମାନେ ହିଁ ଦର୍ଶନ କରୁଛନ୍ତି। ଆଜିଠାରୁ ଆଗାମୀ ୩୧ ତାରିଖ ଯାଏଁ ସେବାୟତ ପରିବାରକୁ ଲିଙ୍ଗରାଜଙ୍କ ଦର୍ଶନ ଅନୁମତି ମିଳିବବୋଲି ସୂଚନା ଦିଆ ଯାଇଥିଲା । ଇଂରାଜୀ ନୂଆ ବର୍ଷରେ ଦୁଇ ଦିନ ଧରି ଦର୍ଶନ ବନ୍ଦ ରହିବ। ୩ରୁ ୫ ତାରିଖ ଯାଏଁ ଭୁବନେଶ୍ୱରବାସୀ ଶ୍ରୀଲିଙ୍ଗରାଜ ଦର୍ଶନ କରିପାରିବେ। ଜାନୁଆରି ୬ ତାରିଖରୁ ସାଧାରଣ ଭକ୍ତ ଲିଙ୍ଗରାଜଙ୍କ ଦର୍ଶନ କରିପାରିବେ ବୋଲି ଜଣାଯାଇଛି।

## ରାଜ୍ୟରେ କମିଛି ଅପରାଧ : ଡିଜିପି

ଭୁବନେଶ୍ୱର,୨୭।୧୨ (ନି.ପ୍ର): ୨୦୨୦ ବର୍ଷରେ ଓଡ଼ିଶା ପୋଲିସ୍ କୁ ବହୁ ସଫଳତା ମିଳିଛି। ରାଜ୍ୟରେ ଅପରାଧର ମାତ୍ରା କମିଛି। ରାଜ୍ୟ ପୋଲିସ ଭଲ ଭାବେ କରୋନା ମୁକାବିଲା କରିଛି। ରାଜ୍ୟରେ ୪୭ ଜଣ ପୋଲିସ କର୍ମଚାରୀ କରୋନାରେ ପ୍ରାଣ ହରାଇଛନ୍ତି। ୯୦୦ରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀ ପ୍ଲାଜମା ଦାନ କରିଛନ୍ତି ବୋଲି ପୋଲିସ୍ ଡିଜି ଶ୍ରୀ ଅଭୟ କହିଛନ୍ତି। ରବିବାର ଠାରୁ ଆରମ୍ଭ ହୋଇଥିବା ୬୨ ତମ ବରିଷ୍ଠ ପୋଲିସ ଅଧିକାରୀ ସମ୍ମିଳନୀରେ ଡିଜିପି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଚଳିତ ବର୍ଷ ୧୭ ଜଣ ନକ୍ସଲ ପ୍ରାଣ ହରାଇଛନ୍ତି। ୨୧ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ମାଲକାନଗିରି, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାରେ ନକ୍ସଲ ଦମନ ପାଇଁ ଭବିଷ୍ୟତ ଯୋଜନା ପ୍ରସ୍ତୁତ କରାଯାଇଛି। ଚଳିତ ବର୍ଷ ରକର୍ଡ ପରିମାଣର ଗଞ୍ଜେଇ ଓ ବ୍ରାଉନସୁଗାର ଜବତ କରାଯାଇଛି। ୧୨୦୦ କୁଇଂଟାଲରୁ ଅଧିକ ଗଂଜେଇ ଜବତ ହୋଇଥିବା ବେଳେ ୧୮୦୦୦ ଏକରରେ ହୋଇଥିବା ଗଂଜେଇ ଚାଷ ନଷ୍ଟ କରଛି। ସେହିପରି ୩୪ କିଲୋ ବ୍ରାଉନ ସୁଗାର ଜବତ ହୋଇଛି। ଏହି ସମ୍ମିଳନୀରେ ରାଜ୍ୟର ସମସ୍ତ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ, ସଶସ୍ତ୍ର ବାଟାଲିୟନ୍ କମାଣ୍ଡାଂଟ, ରେଞ୍ଜ ଆଇଜି ଓ ଡିଆଇଜି ଉପସ୍ଥିତ ରହିଛନ୍ତି। ଏହାସହ ଭିଜିଲାନ୍ସ, ଜେଲ ଏବଂ ଗୃହ ନିର୍ମାଣ ଓ କଲ୍ୟାଣ ନିଗମର ବରିଷ୍ଠ ଅଧିକାରୀମାନେ ମଧ୍ୟ ସାମିଲ ହୋଇଛନ୍ତି। ସମ୍ମିଳନୀରେ ଆଇନ ଶୃଙ୍ଖଳା, ନକ୍ସଲ ମୁକାବିଲା, ସଡ଼କ ନିରାପତା, ଡିଜିଟାଲ ଅଫିସ କାର୍ଯ୍ୟକ୍ଷମ କରିବା ଉପରେ ଆଲୋଚନା ହେବ।

## କୃଷି ଆଇନ୍ ବିରୋଧରେ ତୀବ୍ର ହେବ ଆନ୍ଦୋଳନ

ଭୁବନେଶ୍ୱର,୨୭।୧୨ (ନି.ପ୍ର): ଶ୍ରମିକ ବିରୋଧି ମଜୁରୀ କୋର୍ଡ୍, ସାମାଜିକ ସୁରକ୍ଷା, ଶିଳ୍ପ ବିରୋଧି କୋର୍ଡ୍, ସ୍ୱାସ୍ଥ୍ୟ ବିଭାଗ କୋର୍ଡ୍ ତଥା କୃଷକ ବିରୋଧି କୃଷି ଆଇନ ଆଦୌ ଗ୍ରହଣୀୟ ନୁହେଁ। ମୋଦି ସରକାର ଏ ଆଇନ୍ ଗୁଡ଼ିକୁ ଏକ ତରଫା ଭାବେ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କଲେ ଚାଷୀମାନଙ୍କ ଆନ୍ଦୋଳନ କରି ସାରା ଦେଶରେ ସରକାର ବିରୋଧି ଆନ୍ଦୋଳନକୁ ଆହୁରି ତିବ୍ର କରାଯିବ ବୋଲି ଆଜି ସର୍ବଭାରତୀୟ ନିର୍ମାଣ ଓ ଜଙ୍ଗଲ କର୍ମଚାରୀ ମହାସଂଘ ତଥା

▶▶ପୃଷ୍ଠା ୭

# ସିପିଆଇର ୯୫ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ

ଭୁବନେଶ୍ୱର,୨୭।୧୨ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୯୫ ବର୍ଷ ପୂର୍ତ୍ତି ଉତ୍ସବ ଆଜି ପାର୍ଟିର ରାଜ୍ୟ ଦପ୍ତର ଭଗବତୀ ଭବନ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି । ଉତ୍ସବର ଅବ୍ୟବହିତ ପୂର୍ବରୁ ସିପିଆଇର ରାଜ୍ୟ ସଂପାଦକ ଆଶିଷ କାନୁନ୍‌ଗୋ ଲାଲ ପତାକା ଉତ୍ତୋଳନ କରିଥିଲେ ଏବଂ ଉତ୍ସବର ପ୍ରାରମ୍ଭରେ ଓଡିଶାରେ କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା ଗୁରୁଚରଣ ପଟ୍ଟନାୟକଙ୍କ ରଚିତ କମ୍ୟୁନିଷ୍ଟ ମାନଙ୍କ ମଧ୍ୟରେ ଲୋକପ୍ରିୟ ପୁସ୍ତକ 'କମ୍ୟୁନିଜମ୍ କ'ଣ ?ର ନୂତନ ସଂସ୍କରଣର ଲୋକାର୍ପଣ କରାଯାଇଥିଲା । ସିପିଆଇର ଜାତୀୟ ପରିଷଦ ସଭ୍ୟ ଅଭୟ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ରାଜ୍ୟ ସ୍ତରୀୟ ଉତ୍ସବରେ ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକ, ରାମକୃଷ୍ଣ ପଣ୍ଡା, ରାଜ୍ୟ ସହ-ସଂପାଦକ ପ୍ରଶାନ୍ତ ମିଶ୍ର, ବିଶ୍ୱ ଶିକ୍ଷକ ସଂଘ ସଭାପତି ଡଃ ଅମୀୟ ମହାନ୍ତି, ପ୍ରଫେସର ଅଶୋକ ପଟ୍ଟନାୟକ, ଉଦ୍‌ବୋଧନ ଦେଇ କହିଲେ– ସ୍ୱାଧୀନତା ସଂଗ୍ରାମ ଓ ଶ୍ରେଣୀ ସଂଗ୍ରାମର ଅଗ୍ନିଗର୍ଭରୁ ୧୯୨୫ ଡିସେମ୍ବର ୨୬ ତାରିଖରେ ଜନ୍ମଲାଭ କରିଥିବା ସିପିଆଇର ୯୫ ବର୍ଷର ଇତିହାସ ଅସୀମ ତ୍ୟାଗ, ସଂଗ୍ରାମ ଓ ଆତ୍ମ ବଳିଦାନରେ ଦୀପ୍ତିମାନ । ଆଣ୍ଡାମାନ ସେଲୁଲାର ଜେଲ୍‌ରେ ବନ୍ଦୀ ବିପ୍ଳବୀମାନଙ୍କ ମଧ୍ୟରୁ ୮୦ ଭାଗ ଥିଲେ କମ୍ୟୁନିଷ୍ଟ । କୃଷକ ବିରୋଧୀ ୩ଟି ନୂଆ କୃଷି ଆଇନର ପ୍ରତ୍ୟାହାର ଦାବିରେ ଦେଶର ୫୦୦ କୃଷକ ସଂଗଠନ ଦିଲ୍ଲୀ ସୀମାରେ ଦୀର୍ଘ ଏକମାସ ହେବ ଯେଉଁ ଆନ୍ଦୋଳନ ଚଳାଇଛନ୍ତି ତାକୁ ସମର୍ଥନ କରି ଉତ୍ସବରେ ଏକ ପ୍ରସ୍ତାବ ଗୃହୀତ ହୋଇଥିବା ବେଳେ ଏହା ଉପରେ ଆଲୋଚନା ପାଇଁ ଓଡ଼ିଶା ବିଧାନସଭା ର ସ୍ୱତନ୍ତ୍ର ଅଧିବେଶନ ଡାକିବା ସକାଶେ ରାଜ୍ୟ ସରକାରଙ୍କୁ ସିପିଆଇ ଆହ୍ୱାନ ଦେଇଛି । ଏହି ଉତ୍ସବରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଜୟନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ , ଭୁବନେଶ୍ୱର ଜୋନ୍ ସଂପାଦକ ସୁର ଜେନା, ଶ୍ରମିକ ନେତା ବିଜୟ ଜେନା, ବସନ୍ତ କୁମାର ପାଇକରାୟ, 'ନୂଆଦୁନିଆ' ସଂପାଦକ ରମେଶ ଚନ୍ଦ୍ର ପାଢ଼ୀ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଉତ୍କଳ ମହିଳା ସମିତିର ସଭାନେତ୍ରୀ ପ୍ରମୋଦିନୀ ପାଇକରାୟ, ସତୀଶ ମିଶ୍ର, ଏଆଇଏସ୍‌ଏଫ୍‌ର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ୪ବର୍ଷର ଶିଶୁପୁତ୍ର ନିଖୋଜ ଘଟଣା : ଘଟଣାସ୍ଥଳ ପରିଦର୍ଶନ କଲେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ

ଧର୍ମଶାଳା,୨୭।୧୨ (ନି.ପ୍ର):୩ ଦିନ ବିତି ଯାଇଥିଲେ ମଧ ନିଖୋଜ ୪ ବର୍ଷର ଶିଶୁ ପାଖରେ ବଡଚଣା ପ୍ରଶାସନ ପହଂଚି ପାରି ନାହିଁ। ନିଖୋଜ ସଂପର୍କରେ ଶିଶୁର ମାଆ ବଡଚଣା ଥାନାରେ ଲିଖିତ ଅଭିଯୋଗ ଦେଲା ପରେ ପୋଲିସ ପକ୍ଷରୁ ୪୩୧/୨୦ରେ ଏକ ମାମଲା ରୁଜୁ କରି ବିଭିନ୍ନଦ ସ୍ଥାନରେ ଖୋଜାଖୋଜି ଆରମ୍ଭ କରିଛି । ପରିବାରର ଏକମାତ୍ର ଶିଶୁପୁତ୍ରକୁ ନପାଇ ବାପାମାଆଙ୍କ ମୁହଁକୁ ଦାନା ଯାଉନାହିଁ କି ପରିବାରରେ ଚୁଲି ଜଳୁ ନାହିଁ। ଶିଶୁ ମାନଙ୍କୁ ସଚେତନ କରିବା ପାଇଁ ଜିଲ୍ଲା ଓ ବ୍ଲକ ସ୍ତରରେ ଶିଶୁ ସୁରକ୍ଷା କମିଟିମାନ ରହିଅଛି । ଜିଲ୍ଲାରେ ଜିଲ୍ଲାପାଳ ଓ ବ୍ଲକସ୍ତରରେ ବ୍ଲକ ଉନ୍ନୟନ ଅଧିକାରୀ ଏହି କମିଟିର ମୁଖ୍ୟ ରହିଛନ୍ତି । ମାତ୍ର ବଡଚଣା ବ୍ଲକର ଚାରି କି.ମି.ଦୂରରେ ନିଖୋଜ ଶିଶୁର ଘର ଥିଲେ ମଧ ବଡଚଣା ବିଡିଓଙ୍କ ପକ୍ଷରୁ ଶିଶୁ ନିଖୋଜ ବିଷୟରେ ଏପର୍ଯ୍ୟନ୍ତ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ କି କୌଣସି ବ୍ଲକ କର୍ମଚାରୀ ପରିବାର ନିକଟରେ ପହଂଚି ନାହାନ୍ତି ବୋଲି ପରିାବର ପକ୍ଷରୁ ଅଭିଯୋଗ ହୋଇଅଛି । ଶନିବାର ଅପରାହ୍ନରେ ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଓ ତାଙ୍କ ଟିମ ଘଟଣା ସ୍ଥଳକୁ ଯାଇ ପରିବାର ବର୍ଗଙ୍କୁ ଭେଟିବା ସହିତ ଶିଶୁ ନିଖୋଜ ସଂପର୍କରେ ପରିବାର ବର୍ଗଙ୍କୁ ପଚାରି ବୁଝିଥିଲେ । ପରେ ଧାନମଣ୍ଡଳ ଫାଣ୍ଡି ଅଧିକାରୀ ଓ ବଡଚଣା ଥାନା ଅଧିକାରୀଙ୍କୁ ଭେଟି ନିଖୋଜ ଶିଶୁ ସଂପର୍କରେ ଆଲୋଚନା କରିଥିଲେ ।

## ପବିତ୍ର ବ୍ୟଞ୍ଜନ ଦ୍ୱାଦଶୀରେ ୬୪ ବ୍ୟଞ୍ଜନ ଲାଗି

ଡେଲାଙ୍ଗ,୨୭।୧୨ (ନି.ପ୍ର): ଭଗବାନ ଶ୍ରୀକୃଷ୍ଣଙ୍କୁ ମାତା ଯଶୋଦା ଏହି ପବିତ୍ର ବ୍ୟଞ୍ଜନ ଦ୍ୱାଦଶୀ ତିଥି ରେ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ପୃଷ୍ଟିକର ବ୍ୟଞ୍ଜନ ପ୍ରସ୍ତୁତ କରି ସମର୍ପିତ କରିଥିଲେ ବୋଲି ଆବାହନ କାଳରୁ ଶାସ୍ତ୍ରୀୟ ମତ ରହିଛି । ଏହି ଅବସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅର୍ନ୍ତଗତ ସାଉରିଆ (ଘୋରଡିଆ) ଗ୍ରାମର ଶ୍ରୀଶ୍ରୀ ରାଧାକାନ୍ତ ଦେବ ମନ୍ଦିର ରେ ପବିତ୍ର ବ୍ୟଞ୍ଜନ ଦ୍ୱାଦଶୀ ପର୍ବ ଅନୁଷ୍ଠିତ ହୋଇଯାଇଛି । ମହାପ୍ରଭୁଙ୍କ ନିକଟରେ ୬୪ ପ୍ରକାର ନିରାମିଷ , ସ୍ୱାଦିଷ୍ଟି ବ୍ୟଞ୍ଜନ ପୂଜା କରା ଯାଇଥିଲା । ଏଥିରେ ଅନ୍ନ, ଡାଲି, ଭଜା, ଖଟା, ସାଗ, ଖିରୀ, ବେସର, ତରକାରୀ ,ଭର୍ତା ପ୍ରତ୍ୟେକ ତିନିପ୍ରକାର ହୋଇଥିବା ବେଳେ ବିଭିନ୍ନ ପ୍ରକାର ଫଳମୁଳ, ବିରିବରା, ବୁଟୋଶଲା, ଡାଳିମ୍ବ, ଚୁଡାଘଷା, ଖଇ ରେ ପ୍ରସ୍ତୁତ ୬୪ ପ୍ରକାର ବ୍ୟଜଂନ ଲାଗି ହୋଇଥିଲା । ମନ୍ଦିର ପରିଚାଳକ ଦଃଶାସନ ମଙ୍ଗରାଜଙ୍କ ପ୍ରତ୍ୟେକ୍ଷ ତତ୍ୱାବଧନରେ ମନ୍ଦିର ପୁରୋହିତ ତିବିକ୍ରମ ମିଶ୍ର, ପୂଜକ ମୁରଲିଧର ପଣ୍ଡା, ମହେଶ୍ୱର ପଣ୍ଡା, ନିଲୁ ପଣ୍ଡା,ଦିଲ୍ଲିପ ପଣ୍ଡା ଏହି କାର୍ଯ୍ୟକ୍ରମଟିକୁ ସୂଚାରୁ ସମ୍ପର୍ଣ୍ଣ କରିଥିଲେ । ଏଥିରେ ଆର୍ତତ୍ରାଣ କୋଦମାସିଂହ, ରବିନ୍ଦ୍ର ରଣା, ବିପିନୀ ବିହାରୀ ସାହୁ ପ୍ରମୁଖ ସହ ଯୋଗ କରିଥିଲେ ।

## ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ବାର୍ଷିକ ପ୍ରତିଷ୍ଠା ସ୍ମାରକୀ ଦିବସ

### କୋଭିଡ଼ କଟକଣାରେ ପାଳନ ହେବ ନେତ ଉଡ଼ାଣ ଉତ୍ସବ



ଭଦ୍ରକ,୨୭।୧୨ (ନି.ପ୍ର): ଭଦ୍ରକ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଏକବିଂଶତମ ବାର୍ଷିକ ପ୍ରତିଷ୍ଠା ସ୍ୱାରକୀ 'ନେତ ଉଡାଣ' ଉପଲକ୍ଷେ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ ସନ୍ନିକଟ ଅସ୍ଥାୟୀ କାର୍ଯ୍ୟାଳୟରେ ସମିତିର କର୍ମକର୍ତ୍ତାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇ କାର୍ଯ୍ୟ ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି । ସମିତିର ମୁଖ୍ୟ ପରିଚାଳକ ଭାଗିରଥି ନନ୍ଦଶର୍ମାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷର ନେତ ଉଡାଣ ଉତ୍ସବକୁ ଦୁଇ ଦିନ ପରିବର୍ତ୍ତେ କେବଳ ଗୋଟିଏ ଦିନରେ ସମ୍ପନ୍ନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ମହାମାରୀ କରୋନା ଜନିତ କଟକଣା କାରଣରୁ ଉତ୍ସବକୁ ସମ୍ପୂର୍ଣ୍ଣ କୋଭିଡ଼ ନିୟମ ଅନୁପାଳନ ପୂର୍ବକ ପାଳନ କରାଯିବ । ଏହି ଉତ୍ସବ ଚଳିତ ବର୍ଷ ଭଦ୍ରକ ବ୍ଲକ ବ୍ରହ୍ମପୁର ପଞ୍ଚାୟତ କୁଣ୍ଡିବାଗ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହେବ । ପ୍ରତିବର୍ଷ ଉତ୍ସବରେ ଯୋଗ ଦେଉଥିବା ବାଲେଶ୍ୱର, କେନ୍ଦୁଝର, ଭଦ୍ରକ ଜିଲ୍ଲାର ସଂକୀର୍ତ୍ତନ ସେବକଙ୍କୁ ଚଳିତ ବର୍ଷ ଯୋଗ ଦେବାକୁ ମନା କରାଯାଇଛି । ଜାନୁଆରୀ ୧ ତାରିଖ ଶୁକ୍ରବାର ସକାଳ ୭ ଘଟିକାରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଶ୍ରୀଜଗନ୍ନାଥଙ୍କ ଷୋଡଶ ଉପଚାର ପୂଜା ଓ ବିଶ୍ୱଶାନ୍ତି ଯଜ୍ଞ ସହିତ ନେତ ଉଡାଣ ହେବ ବୋଲି ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଏହି ବୈଠକରେ ଆବାହକ ଶରତ କୁମାର ସାହୁ, ପଦ୍ମଲୋଚନ ମହାପାତ୍ର, ବିଷ୍ଣୁ ମୋହନ ପଣ୍ଡା, ପ୍ରଶାନ୍ତ କୁମାର ଦେ, ଲକ୍ଷ୍ମୀଧର ଖଟୁଆ, ବିଜୟ କୁମାର ବେହେରା, ଗୋପବନ୍ଧୁ ବେହେରା, ସନେଇ ଶିଅଳ, ବାବୁଲାଲ ଦାସ, ନାରାୟଣ ଚନ୍ଦ୍ର ପ୍ରଧାନ, ସଦାନନ୍ଦ ପାଣିଗ୍ରାହି, ବିକାଶ ଚନ୍ଦ୍ର ଶତପଥି, ଗୌତମ ପ୍ରସାଦ ମହାପାତ୍ର, କମଳାକାନ୍ତ ମଲ୍ଲିକ, କାହ୍ନୁ ଚରଣ ଦାସ, ସନାତନ ସାହୁ, ଗୀତାରାଣି ମହାନ୍ତି, ସୁରେଶ କୁମାର ସାହୁ, ନରେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

# ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସର ସାଧାରଣ ସଭାରେ ମହ ମହ କରି ବାସି ଉଠିଲା ପୌର ନିର୍ବାଚନର ବାସନା




ଉଦଳା,୨୭।୧୨ (ନି.ପ୍ର): ଉଦଳା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ୨୪ତମ ପ୍ରତିଷ୍ଠା ଦିବସ ଆଜି ଡ଼ିସେମ୍ବର ୨୬ ତାରିଖ ଶନିବାର ଦିନ ଆନନ୍ଦଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏଥିପାଇଁ ପ୍ରଭାତରେ ଦଳୀୟ କର୍ମୀ ମାନେ ବିଭିନ୍ନ ସ୍ଥାନ ବୁଲି ପରସ୍ପରକୁ ଶୁଭେଛା ଜଣାଇଥିଲେ । ଏହାପରେ ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ଜୟପୁର ଠାରେ ଜୀବନବିନ୍ଦୁ କାର୍ଯ୍ୟକ୍ରମର ସଂଯୋଜକ ଅମୀୟ କୁମାର ବଳଙ୍କ ନେତୃତ୍ୱରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୧୦୦ୟୁନିଟ ରକ୍ତ ସଂଗୃହିତ ହୋଇ ରକ୍ତଭଣ୍ଡାରକୁ ପ୍ରଦାନ କରାଯାଇଥିଲା । ଏହାପରେ ଉଦଳା ସହର ମଧ୍ୟରେ ପୂର୍ବତନ ବିଧାୟକଶ୍ରୀନାଥ ସୋରେନଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ପୁର୍ବତନ ନଗରପାଳ ପ୍ରେମଲତା ଜେନା, କପ୍ତିପଦା ବ୍ଲକର ପୁର୍ବତନ ଅଧକ୍ଷ ଭଗିରଥ ଦେହୁରୀ, ଉଦଳା ବ୍ଲକର ପୁର୍ବତନ ଅଧକ୍ଷା ସବିତା ହାଁସଦା, ଜିଲ୍ଲା ପରିଷଦର ପୁର୍ବତନ ଉପାଧକ୍ଷ ପ୍ରତାପ ସାହୁ, ପୁର୍ବତନ ସରପଞ୍ଚ ରବିନ୍ଦ୍ର ମିଶ୍ର, ପୁର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଶିରୁ ସୋରେନ୍ , ବରିଷ ନେତା ଅନୁପ ରାଉତଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ବିଜୁ ଜନତା ଦଳ ଯୋଗୁଁ କିପରି ରାଜ୍ୟର ସାମଗ୍ରୀକ ବିକାଶ ସମ୍ଭବ ହୋଇ ପାରିଛି ଓ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ ସମଗ୍ର ଭାରତ ବର୍ଷରେ ନଂ୧ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କର ପରିଚୟ ସୃଷ୍ଟି କରିପାରିଛନ୍ତି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ତେବେ ଦଳୀୟ କର୍ମୀ ମାନେ ଆଗକୁ ଆସୁଛି ପୌର ନିର୍ବାଚନ, ଏଥିରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ଥିବା ସମସ୍ତ ୱାର୍ଡ଼ରେ କିପରି ବିଜୁ ଜନତା ଦଳର ପ୍ରାର୍ଥି ଜୟଯୁକ୍ତ ହେବେ ସେଥିପାଇଁ ଆଜିରୁ ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ ବୋଲି କହିଥିଲେ । ମୋଟା ମୋଟି ଭାବରେ ଆଜିର ଏହି ବୈଠକରୁ ପୌର ନିର୍ବାଚନର ବାସନା ମହ ମହ ମହ ହୋଇ ବାସି ଉଠୁଥିଲା ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

## ପୀଡିତା ମହିଳା କାନ୍ଦି କାନ୍ଦି ବିଧାୟକଙ୍କୁ ଜଣାଇଲେ ଗୁହାରୀ

କେନ୍ଦ୍ରାପଡା ,୨୭।୧୨ (ନି.ପ୍ର): ପାରିବାରିକ ନିର୍ଯ୍ୟାତନା ର ଶିକାର ହୋଇଥିବା ଜଣେ ବିବାହିତା ମହିଳା ପ୍ରତିକାର ପାଇଁ କାନ୍ଦି କାନ୍ଦି କେନ୍ଦ୍ରାପଡା ବିଧାୟକଙ୍କୁ ନିଜର ଦୁଃଖ ଜଣାଇବା ସହ ସମସ୍ୟାର ସମାଧାନ ପାଇଁ ହସ୍ତକ୍ଷେପ କରିବା ପାଇଁ ନିବେଦନ କରିଥିବା ଜଣା ପଡିଛି । ଶନିବାର ଦିନ ପ୍ରାୟ ୯ଟା ସମୟରେ କେନ୍ଦ୍ରାପଡା ମେଡିକାଲ ଛକରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତୀରେ ସାମୁହିକ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବିଧାୟକ ଶଶି ଭୂଷଣ ବେହେରାଙ୍କୁ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନରସିଂହପୁର ଗ୍ରାମର ବିଜୟ କୁମାର ସ୍ୱାଇଁଙ୍କ ସ୍ତ୍ରୀ ରଶ୍ମିତା ସ୍ୱାଇଁ ନିଜର ନିର୍ଯ୍ୟାତନା କାହାଣୀ କହିଥିଲେ । ଦୀର୍ଘ ୧୦ବର୍ଷ ହେଲା ଶାଶୂଘରେ ରହୁଥିବା ବେଳେ ଭିନ୍ନକ୍ଷମ ସ୍ୱାମୀଙ୍କ ସରଳତା ର ସୁଯୋଗ ନେଇ ଶାଶୂଘର ଲୋକେ ତାଙ୍କୁ ନିର୍ଯ୍ୟାତନା ଦେବାରୁ ମହିଳା ଜଣକ ବାରମ୍ବାର ଥାନାରେ ଅଭିଯୋଗ କଲେ ସୁଦ୍ଧା ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ନିରୁପାୟ ହୋଇ ରଶ୍ମିତା ଶନିବାର ବିଧାୟକଙ୍କୁ ଦୁଃଖ ଜଣାଇ ପ୍ରତିକାର ଲୋଡିଥିଲେ ।

# ଭର୍ଚୁଆଲ ଟୁରରେ ଆଜି ଓରାଓଁ ଜନଜାତିଙ୍କ ପର୍ବପର୍ବାଣି ଓ ପୋଷାକ ପରିଚ୍ଛଦ

ଭୁବନେଶ୍ୱର,୨୭।୧୨ (ନି.ପ୍ର): ଓଡ଼ିଶାର ଓରାଓଁ ଜନଜାତି ମୁଖ୍ୟତଃ କୃଷି ଉପରେ ନିର୍ଭର କରିଥାନ୍ତି । ଏହି ଜନଜାତି ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେଓଗଡ଼, କେଉଁଝରରେ ବସବାସ କରିଥାନ୍ତି । କୃଷି, କୃଷି କ୍ଷେତ୍ରରେ ଶ୍ରମ, ଖଣି ଓ ପଥର ଖଣିରେ କାମକୁ ଏହି ଜନଜାତି ପେଶା ଭାବେ ଗ୍ରହଣ କରିଥାନ୍ତି । ରବିବାର ଡିସେମ୍ବର ୨୭ ତାରିଖରେ ଦର୍ଶକମାନେ ଫେସବୁକ୍ ଓ ଟୁଇଟର ପେଜ୍ ଖୋଲି ଓରାଓଁ ସମ୍ପର୍କରେ ସମ୍ୟକ ଧାରଣା ପାଇବେ ବୋଲି ଏସସିଏସଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି । ମାନବଜୀବନର ଗୁରୁତ୍ୱ ଓ ପ୍ରକୃତି ସହିତ ଜନଜାତିମାନେ କିଭଳି ଜଡ଼ିତ ଏବଂ ଏହି ସମ୍ପର୍କକୁ ଓରାଓଁ ଜନଜାତିମାନେ ସାମାଜିକ ବ୍ୟବସ୍ଥାରେ ସଂଯୁକ୍ତ କରିପାରିଛନ୍ତି । ଋତୁ ପରିବର୍ତନ ସହିତ ସେମାନେ ବିବିଧ ପର୍ବପର୍ବାଣୀ ପାଳନ କରିଥାନ୍ତି । ନୃତ୍ୟ, ସଂଗୀତ ଓ ଉତ୍ସବ ପାଳନ ପର୍ବପର୍ବାଣୀର ମୁଖ୍ୟ ଅଂଶ ଅଟେ । ପ୍ରାଣୀମାନଙ୍କର ସମ୍ମାନାର୍ଥେ ସେମାନେ କ୍ୟାଟେଲ୍ ଫେଷ୍ଟିଭାଲ (ଗୋପର୍ବ) ଆୟୋଜନ କରିଥାନ୍ତି । ଓରାଓଁ ଜନଜାତି ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ । ସେମାନେ କୃଷିର ଆଧୁନିକ ପ୍ରଣାଳୀକୁ ଅନୁସରଣ କରିଥାନ୍ତି । ଓରାଓଁ ଜନଜାତିଙ୍କ ପୋଷାକପରିଚ୍ଛଦ ନିଆରା । ସେମାନେ ଧଳା ଓ ନାଲି ରଙ୍ଗର ସୂତାବସ୍ତ୍ର ପରିଧାନ କରିଥାନ୍ତି । ପୁରୁଷମାନେ ପରିଧାନ କରୁଥିବା ବସ୍ତ୍ର କରେୟା ଓ ମହିଳାମାନେ ଖନ୍‌ରିଆ ପରିଧାନ କରିଥାନ୍ତି । ସ୍ଥାନୀୟ ବୁଣାକାରମାନଙ୍କ ଦ୍ୱାରା ଏହି ବସ୍ତ୍ର ପ୍ରସ୍ତୁତ କରାଯାଥାଏ । ପୁରୁଷମାନେ ସମୟେ ସମୟେ ପଗଡ଼ି ବ୍ୟବହାର କରିଥାନ୍ତି । ମହିଳାମାନେ ମୂଲ୍ୟବାନ ଧାତୁ ବା ଆଲୟରେ ପ୍ରସ୍ତୁତ ସାଧାରଣ ଅଳଙ୍କାର ବ୍ୟବହାର କରିଥାନ୍ତି । ସମାଜର ଅନ୍ୟ ବର୍ଗ ମାନଙ୍କ ସମ୍ପର୍କରେ ଆସିବା ପରେ ସେମାନେ ପାରମ୍ପରିକ ପୋଷାକ ସହିତ ଆଧୁନିକ ପୋଷାକ ମଧ୍ୟ ବ୍ୟବହାର କରୁଛନ୍ତି । ପର୍ବପର୍ବାଣୀ ସମୟରେ ଏହି ଓରାଓଁ ଜନଜାତି ପାରମ୍ପରିକ ବସ୍ତ୍ର ପରିଧାନ କରିଥାନ୍ତି । ନୃତ୍ୟ ପରିବେଷଣ ସମୟରେ ନକଲି ମୁଦ୍ରା ଆକାରର ମାଳା ଓ ବଳାଗଣ୍ଠି ପାଇଁ ଅଳଙ୍କାର ବ୍ୟବହାର କରିଥାନ୍ତି ।

# ଚଣ୍ଡିଖୋଲରେ ବିଜେଡିର ୨୪ତମ ପ୍ରତିଷ୍ଠା ଦିବସ

ଧର୍ମଶାଳା,୨୭।୧୨ (ନି.ପ୍ର): ବିଜୁ ଜନତା ଦଳର ୨୪ତମ ପ୍ରତିଷ୍ଠା ଦିବସ ଶନିବାର ଚଣ୍ଡିଖୋଲ ଛକରେ ଅନୁଷ୍ଠିତ ହୋଇଥିଲା । ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥି ଯୋଗ ଦେଇ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ସଭା କାର୍ଯ୍ୟକୁ ଉଦଘାଟନ କରିଥିଲେ । ନିଜ ଅଭିଭାଷଣରେ ଦଳ ଗଢା ହେଲା ଦିନୁ ସାଧାରଣ ଲୋକଙ୍କ ସମସ୍ୟାକୁ ଦଳ ସର୍ବଦା ଗୁରୁତ୍ୱ ଦେଇ ଆସିଅଛି । ଆଗକୁ କିପରି ତୃଣମୂଳ ସ୍ତରରେ ଦଳ ସୁଦୃଢ ହୋଇପାରିବ ସେ ବିଷୟରେ କର୍ମୀମାନେ ଯତ୍ନବାନ ହେବାକୁ ବିଧାୟକ ଉପସ୍ଥିତ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ସୁଙ୍ଗୁଡା ସରପଂଚ ଚାଚାଲିନି ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡି ସଭାପତି ଯଚୀନ୍ଦ୍ର ନାୟକ, ମହିଳା ସଭାନେତ୍ରୀ ସରସ୍ୱତୀ ବେହେରା, ପଂଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲିକ, ଜିଲ୍ଲା ପରିଷଦ ସଭ୍ୟା ଇତିଶ୍ରୀ ସାମଲ, ସୁମତୀ ବାସ୍କେ, ଜିଲ୍ଲା ପରିଷଦ ସଭ୍ୟ ବିପିନି ବିହାରୀ ଜେନା, ଉପସଭାପତି ନିରଞ୍ଜନ ସେନାପତି, ବରିଷ୍ଠ ନେତା ଶାରଦା ପ୍ରସାଦ ମହାନ୍ତି, ପଂଚାନନ ଧଳ, ନାରୀ ନେତ୍ରୀ କିଚିନା ମହାପାତ୍ର, ପବନେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ରହି ୨୪ତମ ପ୍ରତିଷ୍ଠା ଦିବସରେ ନିଜ ନିଜର ବକ୍ତବ୍ୟ ରଖିଥିଲେ ।

## ସାଇକ୍ଲୋଥନ କାର୍ଯ୍ୟକ୍ରମକୁ ସବୁଜ ପତାକା ଦେଖାଇ ଶୁଭ ଉଦ୍‌ଘାଟନ କଲେ ମହାପ୍ରବନ୍ଧକ

ଭୁବନେଶ୍ୱର,୨୭।୧୨ (ନି.ପ୍ର): ପ୍ରଧାନମନ୍ତ୍ରୀଙ୍କ ବାର୍ତା ଫିଟନେସ କା ଡୋଜ ଅଧା ଘଂଟା ରୋଜ ରେ ଯୋଗଦେଇ ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ ଫିଟ୍ ଇଣ୍ଡିଆ ମୁଭମେଂଟକୁ ସ୍ମରଣୀୟ କରିବା ପାଇଁ ଏକ ସାଇକ୍ଲୋଥନ କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ପୂର୍ବତନ ରେଳପଥର ମହା ପ୍ରବନ୍ଧକ ବିଦ୍ୟାଭୂଷଣ ରେଳସଦନଠାରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର ଏବଂ ଅନ୍ୟ ପ୍ରମୁଖ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ସାଇକ୍ଲୋଥନ କାର୍ଯ୍ୟକ୍ରମକୁ ସବୁଜ ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ରେଳବାଇ ଅଧିକାରୀମାନଙ୍କ ସହିତ କ୍ରୀଡ଼ାବିତ ମାନେ ଯୋଗଦେଇଥିଲେ । ଏହି ସାଇକ୍ଲୋଥନ ରେଳ ସଦନରୁ ବାହାରି ପ୍ରେସ୍ ଛକ, ରେଳ ଷ୍ଟାଡିୟମ ଦେଇ ରେଳ ସଦନରେ ପହଂଚିଥିଲା । ଇକୋର୍ସାର ସଭାପତି ତଥା ପ୍ରମୁଖ ମୁଖ୍ୟ ମେକାନିକାଲ ଇଂଜିନିୟର ଗୌତମ ଦତ ସାଇକ୍ଲୋଥନ ଦଳର ନେତୃତ୍ୱ ନେଇଥିଲା ବେଳେ ଇକୋର୍ସାର ସାଧାରଣ ସମ୍ପାଦକ ତଥା ପୂର୍ବତଟ ରେଳପଥର ଉପ ମହାପ୍ରବନ୍ଧକ ଅଶୋକ କୁମାର ମିଶ୍ର ପରିଚାଳନା କରିଥିଲେ ।

# ବିଜେଡ଼ିର ୨୪ତମ ପ୍ରତିଷ୍ଠା ଦିବସ ନୀଳଗିରିରେ ଅନୁଷ୍ଠିତ

ନୀଳଗିରି,୨୭।୧୨ (ନି.ପ୍ର): ୨୪ତମ ବିଜେଡ଼ିର ପ୍ରତିଷ୍ଠା ଦିବସ ମହାସମାରୋହରେ ନୀଳଗିରିସ୍ଥିତ ଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ପାଳନ କରାଯାଇଛି । ଏହି ପ୍ରତିଷ୍ଠା ଦିବସ ପାଳନ ସମାରୋହରେ ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆଙ୍କ ସଭାପତିତ୍ୱରେ କରି ୨୪ବର୍ଷ ଭିତରେ ନବୀନ ସରକାର ଓଡ଼ିଶାବାସୀଙ୍କ ପାଇଁ ବହୁ ଜନହିତକର ଯୋଜନାମାନ ପ୍ରଚଳନ କରିଥିବାର ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ପୂର୍ବତନ ସାଂସଦ ତଥା ବାଲେଶ୍ୱର ଜିଲ୍ଲା ବିଜେଡ଼ି ସଭାପତି ଇଂ. ରବିନ୍ଦ୍ର କୁମାର ଜେନା ପ୍ରତିଷ୍ଠା ଦିବସରେ ଉପସ୍ଥିତ ରହି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଦାସର୍ବଦା ଓଡ଼ିଶାବାସୀଙ୍କ ସୁଖ ଦୁଃଖରେ ସାମିଲ ହୋଇ ଭାରତ ବର୍ଷରେ ଓଡ଼ିଶା ନଂ -୧ ହୋଇଥିବାର ସୂଚନା ଦେଇଥିଲେ । ସକାଳେ ବାଇପାସ୍‌ଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତିରେ ଦଳ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଥିଲା । ଅନୁରୂପ ଭାବେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ (ରାଜ୍ୟ) ଗତିକୃଷ୍ଣ ନନ୍ଦ, ବ୍ଲକ୍ ବିଜେଡ଼ି ସଭାପତି ବିଜୟ ଲେଙ୍କା, ଔପଦା ବ୍ଲକ୍ ସଭାପତି ଅଶୋକ ପ୍ରଧାନ, ଏନ୍.ଏ.ସି. ସଭାପତି ରବିନ୍ଦ୍ର ପରିଡ଼ା, ରାଜ୍ୟ ପରିଷଦ ସଦସ୍ୟ ପ୍ରତୀକ୍ଷା ସିଂ, ଜିଲ୍ଲା କୃଷକ ସେଲ୍ ସଭାପତି ଅଜୟ ସାମଲ, ଜିଲ୍ଲା ଯୁବ ବିଜେଡ଼ି ସଭାପତି, ତାପସ କୁମାର ପରିଡ଼ା, ବ୍ଲକ୍ ଅଧକ୍ଷା ଜାନକୀ ସିଂ, ୧୨ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ରଂଜିତା ସିଂ, ବରିଷ୍ଠ ଆଇନ୍‌ଜୀବୀ ଅମର ପଟ୍ଟନାୟକ, କିଶୋର ଷଡ଼ଙ୍ଗୀ, ଶିଶିର କୁମାର ରାଉତ, କୃତିବାସ ବେହେରା, ଶଚିନ୍ଦ୍ର ସେଠୀ, ବିଶ୍ୱଜିତ୍ ପଣ୍ଡା, ଲୋକନାଥ ଦଳେଇ, ମନୋରଂଜନ ମହାନ୍ତି, ରଶ୍ମିରଂଜନ ରାଉତ ମଂଚାସୀନ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ । ପୂର୍ବତନ ଯୁବ ସଭାପତି ସବ୍ୟସାଚୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରତିଷ୍ଠା ଦିବସରେ ଏକ ହଜାରରୁ ଅଧିକ ବିଜୁ ପ୍ରେମୀ ଉପସ୍ଥିତ ଥିଲେ ।

# ପାଇକ ମହାସଂଘ ପକ୍ଷରୁ ନିରାଶ୍ରୟଙ୍କୁ କମ୍ବଳ ବଂଟନ

ଭୁବନେଶ୍ୱର,୨୭।୧୨ (ନି.ପ୍ର): ନିଖିଳ ଓଡ଼ିଶା ପାଇକ ମହାସଂଘର ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହଙ୍କ ନେତୃତ୍ୱରେ ରାଜଧାନୀ ରାଜରାସ୍ତା ଉପରେ ଗରିବ, ଅସହାୟ, ନିରାଶ୍ରୟଙ୍କୁ କମ୍ବଳ ବଂଟନ କରାଯାଇଛି । ବାଣୀବିହାର ଶନିମନ୍ଦିର, ରାମମନ୍ଦିର, ରାଜମହଲ, ରସୁଲଗଡ଼, ଖାରବେଳ ନଗର, ଜୟଦେବ ବିହାର ଅଂଚଳରେ କମ୍ବଳ ବଂଟନ କରାଯାଇଥିଲା । ଭିକ୍ଷାବୃତିକୁ ଆପଣାଇଥିବା ବ୍ୟକ୍ତିମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରି ଏହି ବୃତିକୁ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ମହାସଂଘ ଦାବି କରିଛି ।ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ମନୋଜ କୁମାର ଜେନା, ଯୁବ ସାମ୍ବାଦିକ ରାଜୀବ ରଥ, ବର୍ଷିୟାନ ପାଇକ ମହାସଂଘର ଉପଦେଷ୍ଟା ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ ଯୋଗଦାନ କରିଥିଲେ ।

# ପୂର୍ବ ଶତୃତାକୁ କନ୍ଦ୍ର କରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ସହ ଗୃହ ଦାହ: ଗୁରୁତର ମେଡିକାଲରେ ଭର୍ତ୍ତି

ଧର୍ମଶାଳା,୨୭।୧୨ (ନି.ପ୍ର): ରସୁଲପୁର ବ୍ଲକ ଯାଜପୁର ସଦରଥାନା ଅନ୍ତର୍ଗତ ଅର୍ଥଙ୍ଗା ପଂଚାୟତ ଅଳପୁଆ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଅଭାବନୀୟ ଘଟଣା ଘଟିଯାଇଛି । ପୂର୍ବ ଶତୃତାକୁ ନେଇ ଜଣେ ଯୁବକଙ୍କୁ ସଙ୍ଘବଦ୍ଧ ଭାବେ ଆକ୍ରମଣ କରି ଗୁରୁତର କରିବା ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ମାରଣନ୍ତକ ଆକ୍ରମଣରେ ଜଣେ ଗୁରୁତର ଆହତ ହୋଇ ଭୁବନେଶ୍ୱରସ୍ଥ ଏକ ଘରୋଇ ମେଡିକାଲରେ ଭର୍ତି ହୋଇଥିବା ଜଣାପଡିଛି । ଆହତ ଯୁବକ ଜଣକ ହେଲେ ଏହି ଗ୍ରାମର ମୋହନ ନାୟକଙ୍କ ପୁଅ ଶ୍ରୀକାନ୍ତ (୩୦) ବୋଲି ଜଣାପଡିଛି । ଘଟଣା ଗୁରୁତର ହେବାରୁ ଦୃବୃତମାନେ ତାଙ୍କ ରୋଷେଇ ଘରେ ନିଆଁ ଲଗାଇ ଦେଇଥିବା ଜଣାପଡିଛି । ନିଆଁ ଜଳୁଥିବା ଦେଖି ଗ୍ରାମବାସୀ ନିଆଁକୁ ଆୟତ କରିଥିଲେ । ଶ୍ରୀକାନ୍ତ ରସୁଲପୁର ବ୍ଲକ କର୍ମଚାରୀ ଥିବା ଜଣାପଡିଛି । ଏନେଇ ଶ୍ରୀକାନ୍ତଙ୍କ ମାଆ ସଂଜୁଲତା ଯାଜପୁର ସଦର ଥାନାରେ ଏହି ଗ୍ରାମର ୫ ଜଣଙ୍କ ନାମରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ସଦର ଥାନା ଅଧିକାରୀ ବଂଶୀଧର ବେହେରା ଘଟଣାସ୍ଥଳରେ ପଂହଚି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି ।

# ବିଜେଡି ପ୍ରତିଷ୍ଠା ଦିବସରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସହ କେକ୍ କାଟିଲେ ସୁବାସିନୀ

ବାଲେଶ୍ୱର,୨୭।୧୨ (ନି.ପ୍ର): ବିଜୁ ଜନତା ଦଳର୨୪ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବାଲେଶ୍ୱର ସହରର ରାଣୀପାଟଣାସ୍ଥିତ ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ସମାଜସେବୀ ତଥା ନାରୀନେତ୍ରୀ ସୁବାସିନୀ ଜେନା ଏଥିରେ ଯୋଗଦେଇ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଗହଣରେ ଦଳର 'ବାର୍ଥ-ଡେ' କେକ୍ କାଟିଥିଲେ । ପ୍ରବାଦ ପୁରୁଷ ବିଜୁ ପଟ୍ଟପାୟକଙ୍କ ଓଡ଼ିଶା ବିକାଶର ସ୍ୱପ୍ନକୁ ସାକାର କରିଥିବା ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ସାଢ଼େ ୪ କୋଟି ଓଡ଼ିଆଙ୍କ ହୃଦୟରେ ସ୍ଥାନ ପାଇଛନ୍ତି । ଆଗାମୀ ଦିନରେ ମଧ୍ୟ ଏହି ବିକାଶର ଧାରା ବୋହି ଚାଲିବ ବୋଲି ଶ୍ରୀମତୀ ଜେନା ଆଶା ପ୍ରକାଶ କରିଥିଲେ । ବିଜୁ ଯୁବ ଜନତା ଦଳର ଜୋନାଲ ସଭାପତି ଜୟରାମ ଦାସ, ଅସିତ୍ ଦାସ, ପ୍ରଦୀପ୍ତ ମହାପାତ୍ର, ଜୟଶ୍ରୀ ବିଶ୍ୱାଳ, ଭାସ୍କର ପରିଡ଼ା, ତାପସ ଦାସ, ଶୁଭମ୍ ସାଇ ମହାପାତ୍ର, ମନୋଜ ଆଚାର୍ଯ୍ୟ, ଭାରତଭୂଷଣ ଦାସ, ଗୌରାଙ୍ଗ ମଲ୍ଲିକ, କୈଳାସ ତରେଇ, ତନ୍ମୟ ମହାନ୍ତି, ରକେଶ ବାରିକ, ନମିତା ରାଣୀ ବାରିକ, ହ୍ରିତିକ୍ ନାୟକ ଏଥିରେ ଯୋଗଦେଇ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ କେକ୍ ଓ ମିଷ୍ଟାନ୍ନ ଖୁଆଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଦିବାକର ସ ଏଥିରେ ଉପସ୍ଥିତ ରହି ବିଜେଡି କର୍ମୀଙ୍କ ମହାନତାକୁ ଭୂୟସୀ ପ୍ରଶଂସା କରିଥିଲେ । ପରିବାରଠାରୁ ଦୂରରେ ରହୁଥିବା ଏହି ଦିବ୍ୟାଙ୍ଗ ପିଲାଙ୍କ ସହ ଖୁସୀ ବାଣ୍ଟିବାର ଏହି ସାଧୁ ଉଦ୍ୟମ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇଛି ବୋଲି ସେ କହିଥିଲେ ।

# ତ୍ୱଚାର ଚମକ ପାଇଁ ପଦ୍ମାସନ



ସୁନ୍ଦର ଓ ସୁଦୃଢ଼ ଶରୀର ପାଇଁ ଯୋଗାସନ ତ ସମସ୍ତେ କରନ୍ତି କିନ୍ତୁ କ'ଣ ଅପଣ ଜାଣନ୍ତି ତ୍ୱଚାରେ ଚମକ ଆଣିବା ପାଇଁ ମଧ ଯୋଗାସନର ଭୂମିକା ରହିଛି ଅନେକ । ତ୍ୱଚାରେ ଚମକ ଆଣିବା ପାଇଁ ମୂଲ୍ୟବାନ ପ୍ରସାଧାନ ସମାଗ୍ରୀର ବ୍ୟବହାର ଛାଡ଼ନ୍ତୁ ଓ ଆପଣାନ୍ତୁ ଏହି ସମହଜ ଯୋଗାସନକୁ । ଯୋଗ ଆରମ୍ଭ ପଦ୍ମାସନରୁ କରାଯାଏ । ତେବେ ଏହି ଆସନରେ ବସିବା ସଦ୍ୱାରା ଶରୀରର ବିଭିନ୍ନ ଅଙ୍ଗ ଦୃଢ଼ ଆସନରେ ବସିବା ଦ୍ୱାରା ଶରୀରର ବିଭିନ୍ନ ଅଙ୍ଗ ଦୃଢ଼ ହୁଏ । ସୁସ୍ଥ ଓ ଚିନ୍ତାମୁକ୍ତ ମସ୍ତିଷ୍କ ପାଇଁ ଅନେକ ଏହି ଆସନରେ ବସି ଦୀର୍ଘ ସମୟ ମେଡିଟେସନ ମଧ କରିଥାନ୍ତି । କେବଳ ଏତିକି ନୁହେଁ, ପଦ୍ମାସନରେ ବସିଲେ ଝାଉଁଳି ପଡ଼ିଥିବା ତ୍ୱଚାରେ ମଧ ଚମକ ଫେରି ଆସେ । ଏହି ଆସନକୁ କରିବା ପାଇଁ ପ୍ରଥମେ ଆସନରେ ଗୋଡ଼ ଲମ୍ବାଇ ବସନ୍ତୁ । ବାମ ପାଖ ଗୋଡ଼କୁ ଡାହାଣ ଜଙ୍ଘ ଉପରେ ଏବଂ ଡାହାଣ ଗୋଡ଼କୁ ବାମ ପାଖ ଜଙ୍ଘ ଉପରେ ରଖି ଦୁଇ ହାତକୁ ଚିନ ମୁଦ୍ରାରେ ଜଙ୍ଘ ଉପରେ ରଖି ଆଖି ବନ୍ଦ କରି ୧୦ରୁ ୧୫ ମିନିଟ୍ କିମ୍ବା ଏହା ଠାରୁ ଅଧିକ ସମୟ ବସି ରୁହନ୍ତୁ । ପ୍ରତିଦିନ ଏହି ଆସନରେ ଅଧଘଣ୍ଟା ପର୍ଯ୍ୟନ୍ତ ବସି ରୁହନ୍ତୁ । ଏହି ସମୟରେ ସାଧାରଣ ଶ୍ୱାସକ୍ରିୟା କରିପାରିବେ ।

# ଟ୍ରେନରେ ଯାତ୍ରା ସମୟରେ ଏସବୁ ନିଅନ୍ତୁନି

ଯାତ୍ରାକରିବା ସମୟରେ ବିଶେଷକରି ଟ୍ରେନରେ ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ଆମର ଖାଦ୍ୟପାନୀୟ ଗ୍ରହଣରେ ଅଳ୍ପବହୁତ ଅସୁବିଧା । ହୋଇଥାଏ । ପ୍ରାୟତଃ ଷ୍ଟେସନମାନଙ୍କରେ ବା ଟ୍ରେନ ମଧ୍ୟରେ ବିକ୍ରି ହେଉଥିବା ଖାଦ୍ୟ ଅସ୍ୱାସ୍ଥ୍ୟକର ତଥା ଅସୁଆଦିଆ ହୋଇଥାଏ । ସୁତରାଂ ଟ୍ରେନ ଯାତଆ ସମରେ ଆମର ଖାଦ୍ୟପାନୀୟ ସମସ୍ୟାକୁ କେତେକାଂଶରେ ଦୂର କରିବା ନିମନ୍ତେ ଆମେ ସାଙ୍ଗରେ କିଛି ଖାଦ୍ୟ, ପାନୀୟ ନେଇଥାଉ । ଏହି ଖାଦ୍ୟପାନୀୟ ନେବାବେଳେ କିଛି ସତର୍କତା ଅବଲମ୍ବନ କରିବା ଆବଶ୍ୟକ ।
ଅର୍ଥାତ୍ କେତେକ ଖାଦ୍ୟ ଏବଂ ପାନୀୟ ଟ୍ରେନ ଯାତ୍ରା ସମୟରେ ନ ନେବା ଭଲ । ଯେପରିକି....



ଦୁଗ୍ଧ- ଯାତ୍ରା ସମୟରେ ଭିନ୍ନଭିନ୍ନ ସ୍ଥାନର ତାପମାତ୍ରାରେ ଏହା ଶୀଘ୍ର ଖରାପ ହୋଇଯାଏ ।
ପେକଡ଼ଜୁସ୍- ଜୁସ୍ ସାଧାରଣତଃ ଥଣ୍ଡା ଏବଂ ଶୁଖିଲା ସ୍ଥାନରେ ରଖାଯାଇଥାଏ, ଯାହାକି ଜୁସର ପ୍ୟାକରେ ନିର୍ଦ୍ଦେଶିତ ମଧ ହୋଇଥାଏ । ଟ୍ରେନର ତାପମାତ୍ରା ସଂସ୍ପର୍ଶରେ ଆସି ଏହା ପାନୀୟ ଉପଯୋଗୀ ନଥାଏ ।
ମାଛ, ମାଂସ ଏବଂ ଅଣ୍ଡା-
ଏହି ସବୁ ଖାଦ୍ୟର ସୁଗନ୍ଧ ତ ଆପଣଙ୍କ ଆଖପାଖ ଅଞ୍ଚଳ ଅର୍ଥାତ୍ ଆପଣଙ୍କ ସହଂଯାତ୍ରୀଙ୍କୁ ଅସୁବିଧାରେ ପକାଇପାରେ । ପୁଣି ଏହି ଜାତୀୟ ଖାଦ୍ୟ ଗ୍ରହଣ ପରେ ବିନା ଚଳପ୍ରଚଳରେ ଟ୍ରେନରେ ବସିରହିବା ଦ୍ୱାରା ଅନେକ ସମୟରେ ଆପଣ ଏସିଡ଼ିଟି, ଡାଇରିଆ ବା ଫଉଡ୍ ପଏଜନିଂ ଭଳି ରୋଗରେ ସଂକ୍ରମିତ ହେବାର ସମ୍ଭାବନା ମଧ ରହିଛି ।
ତରକାରୀ ଜାତୀୟ- ଆଉ ମଧ ବିଶେଷ ରୂପରେ ତରକାରୀ, ଯେଉଁଥିରେ କି ଅଧିକ ମାତ୍ରାରେ ଗ୍ରେବୀ ଥାଏ, ନେବା ବେଳେ ଏହା ଅନ୍ୟ ସାମଗ୍ରୀ ପିଡ଼ି ସେସବୁକୁ ନଷ୍ଟ କରିଦେବାର ସମ୍ଭାବନା ରହିଥାଏ । ତତସଙ୍ଗେ ସଙ୍ଗେ ଖାଇବା ସମୟରେ ଟିକେ ମାତ୍ର ଅସତର୍କ ହେଲେ ଏହା ପଡ଼ି ଆପଣଙ୍କ ସହଯାତ୍ରୀଙ୍କୁ ମଧ ଅସୁବିଧାରେ ପକାଇବାର ସମ୍ଭାବନା ରହିଛି ।

# ଅର୍ଶ କଷ୍ଟ କାହିଁକି ?



ଅର୍ଶ ଏପରି ଏକ ରୋଗ ଯାହା ଖୁବ୍ ଯନ୍ତ୍ରଣାଦାୟକ ହେଲେ ମଧ୍ୟ ଏ ବାବଦରେ କହିବାକୁ ଅନେକ କୁଣ୍ଠାବୋଧ କରନ୍ତି। ଚିକିତ୍ସକୀୟ ଭାଷାରେ ହେମୋର ଏଡ଼ସ ନାମକ ପରିଚିତ ଏହି ରୋଗ। ଏଥିରେ ମଳଦ୍ୱାରରେ କ୍ଷତ ହେବା ସହ ରକ୍ତସ୍ରାବ ମଧ୍ୟ ହୋଇଥାଏ। ଯେକୌଣସି ବୟସରେ ଆକ୍ରମଣ କରୁଥିବା ଏହି ରୋଗକୁ ଆରମ୍ଭ ବେଳେ ହାତପାଆନ୍ତାରେ ମିଳୁଥିବା କେତେକ ଜିନିଷ ଦ୍ୱାରା ଘରୋଇ ଚିକିତ୍ସା କରି ଭଲ କରାଯାଇପାରିବ।

**କଲରା:** ୧ ଗ୍ଲାସ ଘୋଳଦହିରେ ୩ଚାମଚ କଲରାପତ୍ର ରସ ମିଶାଇ ମାସେକାଳ ସକାଳୁ ଖାଲିପେଟରେ ପିଅନ୍ତୁ। ଅର୍ଶ ରୋଗରେ ଆରାମ ମିଳିବ।

**କଦଳୀ:** ଗୋଟିଏ ପାଚିଲା କଦଳୀ କପେ କ୍ଷୀରରେ ସିଝାଇ ଭଲଭାବେ ଚକଟି ଦିଅନ୍ତୁ। ଏହି ମିଶ୍ରଣ ଦିନକୁ ୩/ ୪ଥର ଖାଇଲେ ଭଲ।

**ସୋରିଷ:** ଅର୍ଶରୋଗ କାରଣରୁ ହେଉଥିବା ରକ୍ତସ୍ରାବ ରୋକିବା ଲାଗି ଏକ ଚାମଚ ସୋରିଷ ଗୁଣ୍ଡକରି ଅଧାକପ ଛେଳି କ୍ଷୀରରେ ମିଶାଇ ଦିଅନ୍ତୁ। ଏହାକୁ ପ୍ରତିଦିନ ଖାଲିପେଟରେ ପିଇବେ। ସ୍ୱାଦ ପାଇଁ ଇଚ୍ଛା କଲେ କିଛି ଚିନି ମିଶାଇ ପାରନ୍ତି।

**ଶାଲଗମ:** ଅର୍ଶ ଉପଚାର ପାଇଁ ଶାଲଗମ ପତ୍ରର ରସ ଖୁବ୍ ଭଲ। ସମାନ ପରିମାଣରେ ଗାଜର, ପାଳଙ୍ଗ ଏବଂ ଶାଲଗମ ପତ୍ରର ରସ ବାହାର କରି ମିଶାଇ ଦିନକୁ ୫୦ ମିଲି ପିଅନ୍ତୁ।

**ନିମ୍ବ ପତ୍ର:** ନିମ୍ବପତ୍ର ସହିତ କିଛି ଗହମ ଘାସ ସିଝାଇ ଏହାକୁ ପ୍ରତିଦିନ ପିଅନ୍ତୁ। ଏହା ଶରୀରର ସମସ୍ତ ବିଷାକ୍ତ ତତ୍ତ୍ୱ ବାହାର କରିବା ସହିତ ଅର୍ଶ ସମସ୍ୟାରୁ ମୁକ୍ତି ପାଇଁ ବି ଖୁବ୍ ଉପକାରୀ।

**ଆମ୍ବ ଟାକୁଆ:** ଏହାକୁ ଶୁଖାଇ ଗୁଣ୍ଡ କରିଦେବେ ଏବଂ ଏଥିରେ ଦୁଇ ଚାମଚ ଲେଖା ମହୁ ମିଶାଇ ପ୍ରତିଦିନ ଦୁଇଥର ଲେଖାଏ ସେବନ କରିବେ।

**ହଳଦୀ:** ପ୍ରତିଦିନ କଞ୍ଚା ହଳଦୀ ଖଣ୍ଡିଏ ଲେଖା ଖାଇବା ଭଲ।

**ପିଆଜ:** ପୂରା ସରୁ କଟା ହୋଇଥିବା ପିଆଜରେ ଦୁଇ ଚାମଚ ମହୁ ମିଶାଇ ପିଇବେ।

**ନଡ଼ିଆତେଲ:** ଅର୍ଶ ଯୋଗୁ ହେଉଥିବା ଯନ୍ତ୍ରଣା ସ୍ଥାନରେ ନଡ଼ିଆ ତେଲ ଲଗାଇଲେ ଆରାମ ମିଳେ। ଏହାକୁ ପ୍ରତିଦିନ ଦୁଇ-ତିନିଥର ଯନ୍ତ୍ରଣା ଜାଗାରେ ଲଗାଇଲେ କୁଣ୍ଡାଇ ହେବା, ଜଳାପୋଡ଼ା ଆଦିରୁ ଆରାମ ମିଳିଥାଏ।

# ନିଦ ଆଣେ କ୍ଷୀର

ଅଧିକାଂଶ ଲୋକଙ୍କୁ ଏହା କହିବାର ଶୁଣାଯାଇଛି ଯେ, ସେମାନଙ୍କୁ ରାତିରେ ନିଦ ହେଉନାହିଁ । ଯଦି ବି ନିଦ ହେଉଛି, ତେବେ ଆ ରାତିରେ ଭାଙ୍ଗିଯାଉଛି । ଏହି ସମ୍ୟାରୁ ମୁକ୍ତି ପାଇବା ପାଇଁ ଅନେକ ନିଦ ବଟିକା ରାତିରେ ଖାଇଶୋଇଥାନ୍ତି । ପ୍ରତିଦିନ ନିଦ ବଟିକା ଖାଇବା ଦ୍ୱାରା ପରବର୍ତ୍ତୀ ସମୟରେ ଏହା ଅନେକ ସମସ୍ୟା ସୃଷ୍ଟି କରିଥା, । ତେବେ ଏହି ସମସ୍ୟାର ଏକ ଘରୋଇ ଉପଚାର ରହିଛି । ଯାହାକୁ ଅବଲମ୍ବନ କଲେ ରାତିରେ ଭଲ ନିଦ ଆସିବ । ଏକ ଗବେଷଣାରୁ ଜଣାଯାଇଛି, ନିୟମିତ ରାତିରେ କ୍ଷୀର ପିଇ ଶୋଇବା ଦ୍ୱାରା ଭଲ ନିଦ ଆସିଥା, । ଦକ୍ଷିଣ କୋରିଆ ୟୁମୟାଙ୍ଗ ରିସର୍ଚ୍ଚ ଇନଷ୍ଟ୍ୟୁଟର ଗବେଷକମାନେ କରିଥିବା ଗବେଷଣାରୁ ଏହା ଜଣାପଡ଼ିଛି । ଗବେଷକମାନଙ୍କ ମତରେ ବିଶେଷ କରି ରାତିରେ ଗାଈ କ୍ଷୀରରେ ଟ୍ରିପ୍ଟୋଫେନ୍ ଓ ମେଲାଟୋନିନର ମାତ୍ରା ପ୍ରଚୁର ପରିମାଣରେ ମିଳିଥାଏ । ମେଲାଟୋନିନ ଏକ ପ୍ରକାର ସ୍ୱାମିକ ହର୍ମନ ।



# ସୂର୍ଯ୍ୟପୂଜା କରୁଛନ୍ତି କି !



ସାଧାରଣତଃ ଆମର ଧର୍ମୀୟ ଆସ୍ଥା ଓ ବି୍ୱାସ ଅନୁସାରେ ସୂର୍ଯ୍ୟଙ୍କୁ ଦେବତାଙ୍କ ଆସନରେ ଆସୀନ କରାଯାଇଛି । ସ୍ୱାସ୍ଥ୍ୟପ୍ରଦ ଜୀବନଯାପନ ଲାଗି ଅନେକ ସୂର୍ଯ୍ୟ ୁପାସନା କରିଥାନ୍ତି । ସୁତରାଂ ସୂର୍ଯ୍ୟଙ୍କୁ ସନ୍ତୁ୍ଟେ କରିବା ପାଇଁ କେତୋଟି ସାମଗ୍ରୀ ପ୍ରୟୋଗ କରିବା ଆସନ୍ତୁ ଜାଣିବା....

- ଲାଲପୁଷ୍ପ-ସୂର୍ଯ୍ୟଙ୍କର ଲାଲ ଫୁଲ ଅତ୍ୟନ୍ତ ପ୍ରିୟ । ସୂର୍ଯ୍ୟ ପୂଜା ସମୟରେ ଏହାରି ୁପରେ ଧ୍ୟାନ ଦେଲେ ବା ସୂର୍ଯ୍ୟଙ୍କୁ ଲାଲ ଫୁଲ ଅର୍ପଣ କଲେ ଅନେକ ପ୍ରସିଦ୍ଧି ମିଳିଥାଏ ।
- ଅଷ୍ଟାଙ୍ଗ ଅର୍ଘ୍ୟ- ଅଷ୍ଟାଙ୍ଗ ଅର୍ଘ୍ୟ ଅର୍ପଣ ଦ୍ୱାରା ହଜାର ବର୍ଷ ପର୍ଯ୍ୟନ୍ତ ମନୁଷ୍ୟଙ୍କୁ ସୂର୍ଯ୍ୟଲୋକ ପ୍ରାପ୍ତ ହେବାର ଶୁଣାଯାଏ । ଏହି ଅଷ୍ଟାଙ୍ଗ ଅର୍ଘ୍ୟ ପାଇଁ ଆପଣ ଜଳ, କ୍ଷୀର, କୁଶର ଅଗ୍ରଭାଗ, ଘିଅ, ଦହୀ, ମହୁ, ଲାଲ କନିଅର ଫୁଲ ଏବଂ ଲାଲ ଚନ୍ଦନର ବ୍ୟବହାର କରନ୍ତୁ ।
- ତାମ୍ର ପାତ୍ର-ଆପଣ ମାଟି ବା କାଂସ୍ୟ ପାତ୍ରରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାରେ କୌଣସି ଦୋଷ ନାହିଁ । କିନ୍ତୁ ଏହା ଅପେକ୍ଷା ତାମ୍ର ପାତ୍ରରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ତାହା ଅଧିକ ଫଳଦାୟୀ ହୋଇଥାଏ ।
- କମଳ ଏବଂ ପଳାଶ ପତ୍ର-ସୂର୍ଯ୍ୟଙ୍କୁ ଲାଲ ରଙ୍ଗ ଅଧିକ ପସନ୍ଦ ହୋଇଥାଏ । ଯଦି ଆପଣ କମଳ ଏବଂ ପଳାଶ ପତ୍ର ସୂର୍ଯ୍ୟଙ୍କୁ ଅର୍ପଣ କଲେ, ଦୂର୍ଯ୍ୟଙ୍କୁ ଅଧିକ ପସନ୍ଦ ହୋଇଥାଏ ।
- ତାଳପତ୍ରର ପଙ୍ଖା-ଭବିଷ୍ୟ ପୂରାଣ ଅନୁସାରେ ଯେଉଁ ବ୍ୟକ୍ତି ସୂର୍ଯ୍ୟଙ୍କୁ ତାଳପତ୍ରର ପଙ୍ଖା ଅର୍ପଣ କରନ୍ତି, ସେ ଦଶ ହଜାର ବର୍ଷ ପର୍ଯ୍ୟନ୍ତ ସୂର୍ଯ୍ୟଲୋକରେ ରହିବାର ଅଧିକାରୀ ହୋଇଥାନ୍ତି ।

# କବରସ୍ଥାନରେ ଘର କରି ରହୁଛନ୍ତି ଲୋକେ

ମଣିଷର ମୃତ୍ୟୁପରେ ଧର୍ମ ବିଚାରରେ ଉକ୍ତ ବ୍ୟକ୍ତିଙ୍କ କ୍ରିୟାକର୍ମ କରାଯାଇଥାଏ । ନିଜ ଧର୍ମରେ ଦାହ ସଂସ୍କାର ପ୍ରଥା ଥିଲାବେଳେ ମୁସଲମାନ ଧର୍ମରେ ଶବକୁ କବର ଦେବାର ପ୍ରଥା ରହିଛି । ହେଲେ ଏପରି ଏକ ସ୍ଥାନ ଅଛି ଯେଉଁଠାରେ ପରିବାର ଲୋକେ ନିଜ ସମ୍ପର୍କୀୟଙ୍କ କବର ନିକଟରେ ଘର କରି ରହିବାର ସୁଯୋଗ ପାଇଛନ୍ତି । ମିଶରର ଏକ ଛୋଟ ସହରରେ ମୃତ ବ୍ୟକ୍ତିଙ୍କ କବର ଏପରି ଭାବେ ବନାଯାଇଥାଏ ଯେ, ଏହାର ଦେଖାରେଖା କରରିବା ପାର୍ଇ ପରିବାର ଲୋକେ ରହିପାରିଥାଆନ୍ତି । ପରିବାର ସୁଯୋଗ ପାଇଛନ୍ତି । ମିଶରର ଏକ ଛୋଟ ସହରରେ ମୃତ ବ୍ୟକ୍ତିଙ୍କ କବର ,ପରି ଭାବେ





ବନାଯାଇଥାଏ ଯେ, ଏହାର ଦେଖାରେଖା କରିବା ପାଇଁ ପରିବାର ଲୋକେ ରହିପାରିଥାଆନ୍ତି । ପରିବାର ପକ୍ଷରୁ କବର ନିକଟରେ ଘର ବନାଯାଇଥାଏ । ଯାହା ଦେଖିବାକୁ ମଧ ସାଧାରଣ ଘର ଭଳି । ଏହି ସହରର ନାମ ହେଉଛି ଏଲ-ଅରାଫା। ଏହାକୁ ମଧ ଶବର ସହର ବୋଲି କୁହାଯାଇଥାଏ । ଏଠାରେ କବର ସ୍ଥଳକୁ ଘର ଆକାରରେ ତିଆରି କରାଯାଇଥାଏ । ଏହି ଘରେ ଦୁଆର ଠାରୁ ଆରମ୍ଭ କରି ଛାତ, ପାଣିଟାଙ୍କି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ସବୁ ରହିଛି । କବର ନିକଟରେ ରହିବା ଯଦିଓ ସହଜ ନୁହେଁ ତଥାପି ଏଠାକାର ଲୋକେ ଏହି କବର ଘରେ ବଡ଼ ଆରାମରେ ରହିଆସୁଛନ୍ତି । ଏହାକୁ ଦେଖିବା ପାଇଁ ଅନ୍ୟ ଦେଶର ଲୋକମାନେ ମଧ ଏଠାକୁ ଆସୁଥିବାରୁ ।ବର ଏହି ସହର ଏଲ-ଅରାଫା ଚର୍ଚ୍ଚାରେ ରହିଆସୁଛି ।

# ଗାଈଙ୍କ ପାଇଁ ପାଇଖାନା



ଗୋ-ମୂତ୍ର, ଆମୋନିଆ ପ୍ରଦୂଷଣ କରୁଥିବା ଜଣାଶୁଣା କଥା । ଏହାକୁ ରୋକିବା ପାଇଁ ଗାଈ-ଗୋରୁଙ୍କ ନିମନ୍ତେ ଏକ ପ୍ରକାରର ଅଭିନବ ପାଇଖାନା ବିକଶିତ କରିଛନ୍ତି, ଡଚ୍ ଉଦ୍ଭାବକ ହେଂକ୍ ହାନସକ୍ୟାଂପ୍ । ଏହି ପାଇଖାନା ସହ ଗାଈକୁ ଅଭ୍ୟସ୍ତ କରାଇପାରିଲେ, ପ୍ରତ୍ୟେକ ଗାଈଠାରୁ ପନ୍ଦରରୁ କୋଡ଼ିଏ ଲିଟର ମୂତ୍ର ସୁରକ୍ଷିତ ଭାବେ ସଂଗ୍ରହ କରାଯାଇପାରିବ ଏହା ଦ୍ୱାରା ଆମୋନିଆ ପ୍ରଦୂଷଣ ନିୟନ୍ତ୍ରିତ ହେବା ସହ ଗୋ-ମୂତ୍ରକୁ ଅନ୍ୟକାର୍ଯ୍ୟରେ ଲଗାଯାଇପାରିବ । ଗାଈ ଏକ ଚତୁର ପ୍ରାଣୀ ନୁହେଁ । ତଥାପି, ତାଲିମ ଦେଲେ, ଗାଈ ଏହି ପାଇଖାନାରେ ପରିସ୍ରା କରିପାରିବ । ନେଦରଲାଣ୍ଡର ଏକ ଗାଈ ଫାର୍ମରେ ଏହି ପାଇଖାନା ବସାଯାଇ, ଗାୀଙ୍କୁ ତାଲିମ ଦିଆଯାଉଛି । ସେଠାରେ ଅଛନ୍ତି ମୋଟ ଅଠାବନଟି ଗାଈ । ତନ୍ମଧ୍ୟରୁ ସାତଟି ଏହି ପାଇଖାନାରେ ପରିସ୍ରା କରିବା ଶିଖିଯାଇଥିବା ପ୍ରକାଶ ।



# ସୁନ୍ଦର ତ୍ୱଚା ପାଇଁ ଲେଜର୍ ଚିକିତ୍ସା

ତ୍ୱଚାକୁ ସୁନ୍ଦର ଓ କୋମଳ ରଖିବା ଲାଗି ଆଧୁନିକ ଲେଜର ପଦ୍ଧତି ବେଶ ଫଳପ୍ରଦ । ଏହି ଚିକିତ୍ସା ପଦ୍ଧତିରେ ବ୍ରଣ, ଲାଲ କିମ୍ବା କଳା ଦାଗ ଦୂର କରିବା ସହଜ । ସଂକ୍ରମଣର ଆଶଙ୍କା ନଥାଏ । ତ୍ୱଚାର ପ୍ରଭାବିତ ଅଂଶ, ବ୍ରଣ କିମ୍ବା ଦାଗର ସ୍ଥିତିକୁ ଅନୁଧ୍ୟାନ କରି ଚିକିତ୍ସା କରାଯାଏ । ତ୍ୱଚାର ପ୍ରଭାବିତ କୋଷଗୁଡ଼ିକୁ ଲେଜର କିରଣ ଦ୍ୱାରା ପ୍ରଥମେ ନଷ୍ଟ କରିଦିଆଯାଏ । ସେହି ସ୍ଥାନରେ ନୂଆ ତ୍ୱଚା ଜନ୍ମ ନିଏ । ସାଧାରଣତଃ ଲେଜର ଚିକିତ୍ସା ପରେ କିଛି ସମୟ ପାଇଁ ତ୍ୱଚାର ରଙ୍ଗ ସାମାନ୍ୟ ଗୋଲାପି ଦେଖାଯାଏ । ପରେ ତାହା ଆପେ ସ୍ୱାଭାବିକ ଅବସ୍ଥାକୁ ଫେରିଆସେ । ଏ ପରି ଚିକିତ୍ସା କରୁଥିଲେ, କିଛିଦିନ ପାଇଁ ସୂର୍ଯ୍ୟ କିରଣରୁ ଦୂରେଇ ରହନ୍ତୁ । ଏସପିଏଫ୍-୧୮ ଯୁକ୍ତ ସନସ୍କ୍ରିନ୍ ବ୍ୟବହାର କରନ୍ତୁ । ତେଲ ମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍ କିମ୍ବା ଅଧିକ ମିଠାଯୁକ୍ତ ଆହାରଠାରୁ ଦୂରେଇ ରହନ୍ତୁ । ଏଥିପାଇଁ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ।

# ପିଲାଙ୍କ ଦାନ୍ତରୁ କର୍କଟ-ହୃଦ୍ ଚିକିତ୍ସା

ପିଲାଙ୍କଦାନ୍ତ ସାହାଯ୍ୟରେ କର୍କଟ ହୃଦ୍ ସମସ୍ୟାର ଚିକିତ୍ସା ସମ୍ଭବ ବୋଲି ଆମେରିକାର ନ୍ୟାସନାଲ ରିସର୍ଚ୍ଚ ସେଣ୍ଟର ଫର୍ ବାୟୋଟେକ୍ନୋଲୋଜିର ଗବେଷକମାନେ ଦାବି କରିଛନ୍ତି । ସେମାନଙ୍କ ଅନୁସାରେ, ପିଲାଙ୍କ ଦାନ୍ତ ବେଶି ସମୟ ପରିବେଶ ସଂସ୍ପର୍ଶରେ ଆସିନଥାଏ, ତେଣୁ ଜଲଦି ଖରାପ ହୋଇନଥାଏ । ସେମାନଙ୍କ କ୍ଷୀର ଦାନ୍ତରେ ଥିବା ଷ୍ଟେମ୍ ସେଲରୁ ଶରୀରରେ ବହୁ ନୂତନ କୋଷିକା ଉତ୍ପନ୍ନ ହୋଇପାରିବ । ଉପରଲିଖିତ ରୋଗର ଚିକିତ୍ସା ପାଇଁ ଶରୀରରୁ ବୋନମାରେ ଆବଶ୍ୟକ ପଡ଼ିବ ନାହିଁ ଦାନ୍ତରେ ଥିବା ଷ୍ଟେମ୍ ସେଲର ସନ୍ଧାନ ଓ ତା' ଉପରେ ପର୍ଯ୍ୟବେକ୍ଷଣ ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି । ଷ୍ଟେମ୍ ସେଲ୍ ସାହାଯ୍ୟରେ ହାଡ଼, ବୃକକ୍ ଓ ଆଖିର ଟିସୁକୁ ପୁନଃପ୍ରସ୍ତୁତ କରାଯାଇପାରିବ । ଏହି ଷ୍ଟେମ୍ ସେଲ୍ କେବଳ ୧୦ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କ ଦାନ୍ତରେ ମିଳିପାରିବ । ନିକଟରେ ଚୀନରେ ପିଲାଙ୍କ ଦାନ୍ତ ସାହାଯ୍ୟରେ ବଡ଼ ଲୋକଙ୍କ ଦାନ୍ତ ପ୍ରସ୍ତୁତ ହୋଇଛି । ପେନସିଲଭାନିଆ ବିଶ୍ୱବିଦ୍ୟାଳୟ ଗବେଷକଙ୍କ ଅନୁସାରେ, ନୂଆ କରି ପ୍ରସ୍ତୁତ ଦାନ୍ତରେ ଥଣ୍ଡା ଗରମ ଅନୁଭୂତ ହେଉଛି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଚିନ୍ତା ବଢ଼ାଉଛି ନୂଆ କରୋନା ...

ଦୀର୍ଘ ପ୍ରଚେଷ୍ଟା ପରେ ଯେତେବେଳେ କରୋନା ପ୍ରତିଷେଧକ ଟିକାର ବିକାଶ ଓ ପର୍ଯ୍ୟାୟକ୍ରମିକ ପରୀକ୍ଷଣ ପରେ ଏବେ ତାହା ଲୋକମାନଙ୍କୁ ଦିଆଯିବା ସକାଶେ ପ୍ରସ୍ତୁତି ଚାଲିଛି। ସେହି ସମୟରେ 'ସାର୍ସ-କୋଭିଡ-୧୯'ର ଏକ ନୂଆ ଭୂତାଣୁ ସଂକ୍ରମଣ ଖବର କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱରେ ମାନସିକତାକୁ ପୁଣି ଥରେ ଆନ୍ଦୋଳିତ କରିଛି। ବ୍ରିଟେନରେ ଦେଖାଦେଇଥିବା କରୋନାର ଏହି ନୂଆ ସ୍ୱରୂପରେ ସେ ଦେଶରେ ଅନେକ ଲୋକ ଆକ୍ରାନ୍ତ ହୋଇସାରିଲେଣି। ଚିକିତ୍ସକ ଓ ଭୂତାଣୁ ବିଜ୍ଞାନୀମାନଙ୍କ କହିବା ମୁତାବକ, କରୋନାର ଏହି ନୂଆ ରୂପ (ଯାହା କୋଷିକା ବିଭାଜନ ଓ ପରିବର୍ତ୍ତନ ଦ୍ୱାରା ସୃଷ୍ଟି ହୋଇଛି) କୋଭିଡ୍-୧୯ ଭୂତାଣୁଠାରୁ ଅଧିକ ସଂକ୍ରାମକ ଓ ଭୟଙ୍କର। ପୁଣି ଯୁବବର୍ଗଙ୍କୁ ଏହା ଅଧିକ ମାତ୍ରାରେ ଆକ୍ରାନ୍ତ କରିପାରେ ବୋଲି ସେମାନେ ଆଶଙ୍କା ପ୍ରକଟ କରୁଛନ୍ତି। ବ୍ରିଟେନରେ ଠାବ କରାଯାଇଥିବା କରୋନାର ଏହି ନୂଆ ରୂପ ଦକ୍ଷିଣ ଆଫ୍ରିକାରୁ ସେଠାକୁ ଯାଇଥିବା ବୈଜ୍ଞାନିକମାନେ ଜାଣିପାରିଛନ୍ତି। ଏବଂ, ସବୁଠାରୁ ବିପଜ୍ଜନକ କଥାଟି ହେଉଛି, ବ୍ରିଟେନରେ କରୋନାର ଦ୍ୱିତୀୟ ଲହର ଆରମ୍ଭ ହେବାପରେ ସେଥିରେ ଯେଉଁ ହଜାର ହଜାର ଲୋକ ଆକ୍ରାନ୍ତ ହୋଇଛନ୍ତି ସେମାନଙ୍କ ଚିକିତ୍ସା ପ୍ରକ୍ରିୟା ଅଧିକ ଜଟିଳ ବୋଲି ଜଣାପଡୁଛି। ଏହା ଦିନକୁ ଦିନ ଅଧିକରୁ ଅଧିକ ଲୋକଙ୍କୁ ସଂକ୍ରମିତ କରୁଛି। ତେଣୁ ଭାରତ ଓ ଚୀନ ସମେତ ଅନେକ ୟୁରୋପୀୟ ରାଷ୍ଟ୍ର ଏବେ ବ୍ରିଟେନ ସହ ସ୍ୱାଭାବିକ ବିମାନ ଚଳାଚଳ ବାତିଲ କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଲା, ବ୍ରିଟେନରେ ଅବସ୍ଥାନ କରୁଥିବା ଅଥବା ବ୍ରିଟେନ ବାଟ ଦେଇଆସୁଥିବା ବିମାନ ଓ ଅନ୍ୟାନ୍ୟ ଯାତ୍ରୀମାନଙ୍କ ଆଗମନକୁ ରୋକିବା। ଚଳିତବର୍ଷ ପ୍ରାରମ୍ଭରେ କରୋନା ସଂକ୍ରମଣ ଆରମ୍ଭ ହେବାବେଳେ ଚୀନର ଉହାନ ନଗରୀରୁ ମଧ୍ୟ ଆସୁଥିବା ଲୋକମାନଙ୍କୁ ମଧ୍ୟ ଅନୁରୂପ ଭାବେ ନିଷିଦ୍ଧ କରାଯାଇଥିଲା। କାରଣ, ଜଣେ ସଂକ୍ରମିତ ସୁଦ୍ଧା ଏଭଳି ଭୟଙ୍କର ଭୂତାଣୁକୁ ହଜାର ହଜାର ସୁସ୍ଥ ଲୋକଙ୍କଠାରେ ସଂକ୍ରମିତ କରିବାକୁ ସକ୍ଷମ। କରୋନା ଆମକୁ ଏହି ମହାଶିକ୍ଷା ଦେଇଛି। କରୋନାର ନୂତନ କାୟାବିସ୍ତାରକୁ ରୋକିବା ସକାଶେ ତାହାଠାରୁ ଅଧିକ ସତର୍କତା ଲୋଡ଼ା। ଭାରତ ସରକାର ବ୍ରିଟେନରୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବିମାନ ଆତଯାତ ବନ୍ଦ ରଖିଛନ୍ତି। ହୁଏତ ଏହି ଅବଧିର ସମୟସୀମାକୁ ପରିସ୍ଥିତି ଦୃଷ୍ଟିରୁ ଆହୁରି ବଢ଼ାଯାଇପାରେ। କେବଳ ସେତିକି ନୁହେଁ, ବ୍ରିଟେନରୁ ଗତ କେଇଦିନ ମଧ୍ୟରେ ଆସିଥିବା ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ କଡ଼ା ନଜର ରଖାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ନୂଆ କରୋନା ଭୂତାଣୁ ସଂକ୍ରମଣଜନିତ ମାର୍ଗଦର୍ଶିକା ମଧ୍ୟ ଜାରି କରାଯାଇଛି। ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ବିଦେଶାଗତ ଯାତ୍ରୀମାନଙ୍କ ସ୍ଥିତି ସମ୍ପର୍କରେ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ତେବେ ବ୍ରିଟେନରୁ ଭାରତ ଆସିଥିବା ଯାତ୍ରୀମାନେ ଏବେସୁଦ୍ଧା ମହାରାଷ୍ଟ୍ର ସମେତ କର୍ଣ୍ଣାଟକ, ତେଲେଙ୍ଗାନା, ତାମିଲନାଡୁ, ପଶ୍ଚିମବଙ୍ଗ, ଗୋଆ, ପଂଜାବ, ଗୁଜରାଟ ଓ କେରଳ ଆଦି ରାଜ୍ୟକୁ ଯାଇ ସାରିଛନ୍ତି। ଅନ୍ୟ କେତେଜଣ ଯାତ୍ରୀଙ୍କୁ ମଧ୍ୟ ଆଉ କିଛି ରାଜ୍ୟରେ ଠାବ କରାଯାଇଛି। ଚିନ୍ତାର ବିଷୟ, କରୋନା ମହାମାରୀଜନିତ ଶିକ୍ଷାଲାଭ ପରେ ସୁଦ୍ଧା ଏବେ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ଯାତ୍ରୀମାନେ ନିଜର ପରିଚୟ ଲୁଚାଇ ଏଭଳି ସଂକ୍ରମଣ ଉପରେ ପର୍ଦ୍ଦା ଢ଼ାଙ୍କିବାକୁ ଚାହୁଁଛନ୍ତି। ଏହା ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଆଦୌ ଗ୍ରହଣୀୟ ନୁହେଁ। କରୋନା ସହ ଭାରତ ଓ ସମଗ୍ର ବିଶ୍ୱ ଦୀର୍ଘ ଏକବର୍ଷ ଧରି ଯୁଝିଆସୁଛି। ଏଥିରେ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣ ନାଶ ମଧ୍ୟ ଘଟିଛି। ଅର୍ଥନୀତିଠାରୁ ନେଇ ଲୋକମାନଙ୍କ ବ୍ୟକ୍ତିଗତ ଓ ସାମାଜିକ ଜୀବନ ମଧ୍ୟ ବିପର୍ଯ୍ୟସ୍ତ ହୋଇଛି। ସେହି ବିର୍ପଯ୍ୟୟରୁ ଅଂଟା ସଳଖି ଠିଆ ହେବା ବେଳକୁ ପୁଣି ଥରେ କରୋନାର ନୂଆ ରୂପ ସମସ୍ତଙ୍କ ଆଗରେ ତା'ର ନୂଆ କାୟା ଦେଖାଏ, ତେବେ ମାନବ ସମାଜ ଆତଙ୍କିତ ହେବା ସ୍ୱାଭାବିକ। ଗତ ଏକବର୍ଷ ଭିତରେ ଗୋଟିଏ ଭୂତାଣୁ ମହାମାରୀକୁ ନିୟନ୍ତ୍ରଣ କରିବା ସକାଶେ ବିଶ୍ୱ ଯେତିକି ସମୟ, ଶ୍ରମ ଓ ସାଧନ ବ୍ୟୟ କରିଛି, ମାନବ ଇତିହାସରେ ହୁଏତ ଅନ୍ୟ କୌଣସି ବିପଦ ଲାଗି ଏତେ ଶକ୍ତି ଓ ସାମର୍ଥ୍ୟ ଦେବାକୁ ପଡ଼ିନପାରେ। ଏହା କେବଳ ଆମପାଇଁ ନୁହେଁ, ଭବିଷ୍ୟତ ପିଢ଼ି ପାଇଁ ମଧ୍ୟ ମହାଶିକ୍ଷା। ତେଣୁ ବିଶ୍ୱର ନିରାପତ୍ତା ଦୃଷ୍ଟିରୁ କେବଳ କରୋନା ନୁହେଁ, ଏହିଭଳି ସମସ୍ତ ବିପଦ ପ୍ରତି ସମୂହ ପ୍ରୟାସର ପ୍ରଚେଷ୍ଟାକୁ ଅଧିକ ମଜଭୂତ କରିବାକୁ ହେବ। ଅନ୍ୟଥା ମାନବ ସମାଜର ସ୍ଥିତି ମଧ୍ୟ ସଂକଟମୟ ହୋଇପାରେ।

## ଅନଲକର ଆତଙ୍କ



ଅଧ୍ୟାପକ ରାଷ୍ଟ୍ରରଂଜନ

ହିନ୍ଦୁଧର୍ମର ପବିତ୍ର ଗ୍ରନ୍ଥ ଶ୍ରୀମଦ୍ ଭଗବଦ୍ ଗୀତା କହେ- ସସୀମ ଭୌତିକ ଜୀବନରୁ କିପରି ମିଳିବ ଅସୀମ ଶାଶ୍ୱତ ଜୀବନ। ସେହି ପବିତ୍ର ଗୀତା ବର୍ଣ୍ଣନା କରିଥିବା କେତେଗୋଟି ମୁଖ୍ୟ ଭାଗ ମଧ୍ୟରୁ କର୍ମଯୋଗ ଅନ୍ୟତମ। ଆଉ ସେହି କର୍ମଯୋଗ ଯୋଗୁଁ ଯୁଧିଷ୍ଠିର ଲଭିଥିଲେ ସ୍ୱର୍ଗ ଏବଂ ଧନୁର୍ଦ୍ଧର ଅର୍ଜୁନ ଜିଣିଥିଲେ କୁରୁକ୍ଷେତ୍ରର ଯୁଦ୍ଧ ମାତ୍ର। ତେଣୁ କର୍ମ ଯେ ଜୀବନର ମାନଦଣ୍ଡ ତାହା ନିଃସନ୍ଦେହ।

ମଣିଷର ଜୀବନର ପର୍ଯ୍ୟାପ୍ତ ଶିଶୁରୁ ଆରମ୍ଭ ହୋଇ ଯେତେବେଳେ ଯୌବନରେ ପହଞ୍ଚେ, ସେ ସେତିକିବେଳେ ଅନ୍ୱେଷଣ କରେ ଅର୍ଥ ଉପାର୍ଜନ ନିମନ୍ତେ ଉପଯୁକ୍ତ କର୍ମସଂସ୍ଥାନ। କର୍ମସଂସ୍ଥାନ ଖୋଜିଥାଏ ବ୍ୟକ୍ତିର କାର୍ଯ୍ୟଦକ୍ଷତା ଆଉ ଦେଇଥାଏ ସମୟାନୁସାରେ କିଛି ଅର୍ଥରାଶି ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ। କିନ୍ତୁ ଅପର ପକ୍ଷରେ କର୍ମଚାରୀ ପ୍ରଦାନ କରିଥାଏ କାର୍ଯ୍ୟଦକ୍ଷତାର ନିପୁଣତା, ସମୟ ଧର୍ଯ୍ୟ.... ଇତ୍ୟାଦି ଅନେକ କିଛି। ଏହିସବୁ ଦ୍ୱାରା ଗୋଟିଏ ସଂସ୍ଥା ବା ବିଭାଗ କରିଥାଏ ଅଗ୍ରଗତି।

ସେଥିପାଇଁ କୁହାଯାଏ - ଗୋଟିଏ ବିଭାଗର ଭବିଷ୍ୟତ ନିର୍ଭର କରେ ତାହା କେତେ ସଂଖ୍ୟକ କର୍ମତତ୍ପର କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରେ। ସାମ୍ପ୍ରତିକ ସମୟରେ ପ୍ରଥମେ ଚୀନଠୁ ଆରମ୍ଭ କରି ବିଶ୍ୱର ସମସ୍ତ ଦେଶରେ କର୍ମଚାରୀ ଆଉ କର୍ମସଂସ୍ଥା ମଧ୍ୟରେ କରୋନା ପ୍ରାଚୀର ସଦୃଶ ଦଣ୍ଡାୟମାନ। ଅଗ୍ରଗତିରେ ଆସିଛି ପ୍ରତିବନ୍ଧକ। ଲକ୍‌ଡାଉନ, ସଟଡାଉନ, କଂଟେନମେଂଟ, ଅନଲକ୍- ଏସବୁ ମଧ୍ୟରେ ଘାଟି ହେଉଛନ୍ତି ଆମେ। ଆମ ଦେଶ ଭାରତ କଥା ଆଖି ଆଗକୁ ଆଣିଲେ ଦେଖିବା ୧କୋଟି ୭୬ଲକ୍ଷ ହେଉଛନ୍ତି ସରକାରୀ କର୍ମଚାରୀ, ଆଉ ୧ କୋଟି ୧୪ ଲକ୍ଷ ହେଉଛନ୍ତି ବେସରକାରୀ। ଉଭୟଙ୍କୁ ମିଶାଇ ହେଉଛନ୍ତି ପ୍ରାୟ ୩ କୋଟି ଲୋକ। ଯିଏ ବେତନହାସଲକାରୀ। ଯେଉଁମାନଙ୍କର କାର୍ଯ୍ୟଦକ୍ଷତା ଓ ସମୟାନୁବର୍ତ୍ତିତା ଉପରେ ନିର୍ଭର କରେ ବାକି ୧୩୬ କୋଟି ଲୋକଙ୍କର ବଂଚିବାର ମାନ ତଥା ଉନ୍ନତି।

ରୋଗ ଆସିବାର ପ୍ରାଥମିକ ସମୟରେ ସରକାର ଘୋଷଣା କଲେ ଲକ୍‌ଡାଉନ। ସମସ୍ତ ଅଫିସ, କଳାକାରଖାନା, ବିଭାଗ ସମ୍ପୂର୍ଣ୍ଣ ଭାବରେ ବନ୍ଦ। ଥରେ ଅଧେ ନୁହେଁ କୋଟି କୋଟି ଜନତାର ଜୀବନ ବଂଚାଇବାକୁ ଯାଇ ଚାରି ଚାରି ଥର। ଅତ୍ୟନ୍ତ ସ୍ୱାଗତଯୋଗ ପଦକ୍ଷେପ। କିନ୍ତୁ ଆଭ୍ୟନ୍ତରୀଣ ସ୍ତରରେ ଲକ୍‌ଡାଉନ ସୃଷ୍ଟି କଲା କର୍ମଚାରୀଙ୍କ ମନରେ ଅଳସୁଆ, ଆଉ କାମ ନକରି ଦରମା ନେବାର ରୁଗ୍ଣ ମାନସିକତା। ସମ୍ଭବ ହେଉ ବା ଅସମ୍ଭବ ଅଫିସ କାର୍ଯ୍ୟ ଚାଲିଲା ଘରୁ। ଆମେରିକା ଭଳି ଆର୍ଥିକ ସୁଦୃଢ଼ ଥିବା ରାଷ୍ଟ୍ର କାର୍ଯ୍ୟଧାରାକୁ ଅବିରତ ଭାବରେ ଚଳାଇଥିବାବେଳେ, ଆମ ଦେଶ ଜାରି କରିଥିଲା ଲକ୍‌ଡାଉନ। କାରଣ ମାନବର ଜୀବନ ବଂଚାଇବା ଥିଲା ଏକମାତ୍ର ଉଦ୍ଦେଶ୍ୟ। କିନ୍ତୁ ଦୁର୍ଗତିର ଶକ୍ତ ପ୍ରହାର ଖାଇଲା ମାନବ ସମ୍ବଳ ବିଭାଗ। ଦୁର୍ଭିକ୍ଷ ସମୟରେ ଏକ ସହୃଦୟ ରାଜାପରି ଦେଇ ଚାଲିଲା ସେବା, କିନ୍ତୁ ପାରିଲାନି ଖଜଣା ଆଦାୟ କରି।

ଆଉ ଆଜିର ଅନଲକ୍ ଦେଉଛି ଭୟଙ୍କର ଚିତ୍ର। ସେ କର୍ମଚାରୀ ସରକାରୀ ହେଉ ବା ବେସରକାରୀ ଅଫିସରୁ ଖବର ଆସିଲେ ଦୁଃସ୍ୱପ୍ନ ଦେଖିଲା ପରି ଥରି ଉଠୁଛି ଶରୀର। ଆଉ ଖୋଜୁଛି ଠକିବାର ଉପାୟ, ଆଉ ନଯିବାର ଉପାୟ। ସତେ ଯେପରି ସୃଷ୍ଟି ହେଉଛି ଆତଙ୍କ। ମନରେ ତାର ଉଦ୍ଭବ ହେଉଛି-ପୂର୍ବପରି ବନ୍ଦ ରହିଥାଉ ସଂସ୍ଥା ଆଉ ମିଳୁଥାଉ ବାର୍ଦ୍ଧକ୍ୟ ଭତ୍ତା ପରି ମାଗଣାରେ ଦରମା।

ହେଇଯାଉ ସମଗ୍ର ପୃଥିବୀ ଧ୍ୱଂସ, ହଜିଯାଉ ମୋ ଦାୟିତବ ଓ କର୍ତ୍ତବ୍ୟବୋଧ। କିନ୍ତୁ ମୁଁ ରହିଥାଏ ମୋ ଘରର ଚାରିକାନ୍ଥ ଭିତରେ।

ଯେଉଁ କର୍ମଚାରୀ ପ୍ରଦତ୍ତ ସମୟ ପୂର୍ବରୁ ଅଫିସରେ ପହଂଚୁଥିଲା, ଆଉ ସୂର୍ଯ୍ୟାସ୍ତ ପୂର୍ବରୁ ଘରକୁ ଫେରୁନଥିଲା, ସେ ଆଜି ଚେଷ୍ଟା କରୁଛି ଯଥାସମ୍ଭବ ଅଫିସରେ କମ୍ ସମୟ ବିତେଇବାପାଇଁ। ଯିଏ ସିନସିୟର, ଅନେଷ୍ଟ ଆଦି ଉପାଧି ମୁଣ୍ଡେଉଥିଲଶ, ସେ ଆଜି ପରିଚାଳନା ନିର୍ଦ୍ଦେଶନାମା ବାହାରେ। ସତରେ କଣ କରିଦେଇଛି କରୋନା? କେତେ କଣ ଉଜାଡ଼ି ଦେଇଛି। ଚଳଂଚଳ କର୍ମତତ୍ପର ବ୍ୟକ୍ତିଟିକୁ ସଜାଇଛି ନିକର୍ମା। କାର୍ଯ୍ୟଦକ୍ଷତାର ପାରଦର୍ଶିତାରେ ସମ୍ମାନିତ ହେବାକୁ ଥିବା ବ୍ୟକ୍ତି ଆବଶ୍ୟକ ହେଲେ ଦେଇପାରେ ଦକ୍ଷତା ସ୍ଥିରତାର ପରୀକ୍ଷା।

କିନ୍ତୁ ସାବାସି ପାଇବାର ପାତ୍ର ହେଉଛନ୍ତି ଆମର ସ୍ୱାସ୍ଥ୍ୟ ଆଉ ପୋଲିସ ବିଭାଗର କର୍ମଚାରୀ। ହଜିଯାଇଛି ସେମାନଙ୍କର ନିଦ। ନିଜେ ବଂଚିବାକୁ ପଛରେ ପକାଇ ଲାଗି ରହିଛନ୍ତି ଅନ୍ୟମାନଙ୍କୁ ବଂଚାଇବା ଲାଗି। କିନ୍ତୁ କାମ କରିବା ଆଳରେ ସତେ ଯେମିତି ଆଙ୍ଗୁଠି ଠାରି କହୁଛନ୍ତି- "ମଣିଷ ମୁଁ ଏକା ନୁହେଁ, ଆପଣ ମଧ୍ୟ"।

ଅବଶ୍ୟ କରୋନା ଶିଖାଇ ଦେଇଛି- "ସ୍ୱାସ୍ଥ୍ୟ ହିଁ ସମ୍ପଦ" ତଥାପି କରୋନା ସ୍ରୋତରେ ଭାସିଯାଇଛି କର୍ମତତ୍ପରତା। ଦୁଇଶହ ଛଅ ଖଣ୍ଡ ହାଡ଼, କିଛି ମାଂସ ଆଉ କିଛି ରକ୍ତ ଥିବା ମଣିଷ ଶରୀର ଯେବେ ଇହଲୀଳା ସମ୍ବରଣ କରୁଛି ଆମେ ତାର ନାଁ ପଛରେ ଗୋଟିଏ ସ୍ୱର୍ଗତ ଚିହ୍ନ ଲଗାଇଦେଉଛନ୍ତି। କିନ୍ତୁ ବାସ୍ତବରେ ସେହି ଶରୀରର ଆତ୍ମାର ସ୍ଥାନ ଯେ କେଉଁଠି, ତାହା କେବଳ ଯମଦ୍ୱାରର ଚିତ୍ରଗୁପ୍ତ ହିଁ କହିପାରିବେ। କାରଣ ଜୀବନ ପରୀକ୍ଷାରେ ମୂଲ୍ୟାଙ୍କନ କାଗଜ ସେ ହିଁ କଷିଥାନ୍ତି। ଆଧୁନିକ ମାନବକୁ କର୍ମ ବିମୁଖୀ ନହୋଇ କର୍ମାଭିମୁଖୀ ହେବାକୁ ପଡ଼ିବ। କାରଣ କର୍ମ ହିଁ ଏକମାତ୍ର ମାପକାଠି। ଅତଏବ "କର୍ମ ହିଁ ଭଗବାନ"।


+କୁଶଳେଶ୍ୱର ଆଂଚଳିକ ମହାବିଦ୍ୟାଳୟ,
ରେଙ୍ଗୁଟିଆ, କେନ୍ଦୁଝର
ମୋ: ୮୪୫୫୦୯୫୪୭୪


## ମୋ ରାଣ ମୋତେ ଭଲ ପାଅ



ପ୍ରଦୀପ୍ତ ଆଚାର୍ଯ୍ୟ

ଆଜ୍ଞା ମୋ ମନଟା ବେଳେବେଳେ ବହୁତ ଦୁଃଖ ହୁଏ,ଈଶ୍ୱର କାହିଁକି ମୋତେ ପୁରୁଷ ଲୋକଟିଏ କରି ଜନ୍ମ ଦେଲେ ! ପୁରୁଷତ କଲେ କଲେ,ପୁଣି କାଳିଆ ଭୂଆଁ,ମାଙ୍କଡ ମୁହାଁ ପୁରୁଷଟିଏ କଲେ। ଆଗରୁ ପୁରୁଷଟିଏ ବୋଲି ମୋ ମନରେ ଗର୍ବ ଥିଲା। ଭାବୁଥିଲି ପୁରୁଷ ସ୍ତ୍ରୀ ଠାରୁ ଶ୍ରେଷ୍ଠ। ଯେଉଁଦିନ ଠାରୁ ମୋବାଇଲ୍‌ରେ ଫେସ୍‌ବୁକ୍ ଚଲାଇବା ଆରମ୍ଭ କଲି,ସେବେଠାରୁ ଖାଲି ଭାଗ୍ୟକୁ ଧିକ୍କାର କଲି। ଆଗରୁ ମୋର ଟିକିଏ ଖଚଡା କବି ମାନେ ବ୍ୟଙ୍ଗକବି ଗୁଣ ଥିଲା,ଫେସବୁକ୍‌ରେ ଗୁଡିଏ ବଡ, ଛୋଟ, ମଝିଆ, ଫୁରୁସା,ପୋକା କୋବି ଦେଖି,ମୋ ମନବି ଟିକିଏ କୁତୁକୁତୁ ହେଲା। ମୁଁବି କବିତା ଲେଖି ଛାଡିବା ଆରମ୍ଭ କରିଦେଲି। କବିତା ଲେଖି ପୋଷ୍ଟ କରିଦେବା ପରେ ପରେ, ଖାଲି ଫେସ୍‌ବୁକ୍ ଦରାଣ୍ଡି ପକାଏ, କେତୋଟି ଲାଇକ୍ ଆଉ କେତୋଟି କମେଂଟ ଆସିଛି। କିନ୍ତୁ ହାୟ,ମୋତେ ମାତ୍ର ୨୦ରୁ ୨୫ ଟି ଲାଇକ୍ ଆଉ ୫ରୁ ୧୦ଟି କମେଂଟରେ ସନ୍ତୁଷ୍ଟ ହେବାକୁ ପଡେ। ମାତ୍ର ମନଟି ମୋର ସେତିକି ବେଳେ ବହୁତ ଦୁଃଖ ହୁଏ , ଯେତେବେଳେ ଦେଖେ, ମୋଠାରୁ ବିରାଟ ବିରାଟ କବି, ଯିଏକି ବ୍ୟାସକବି, ପ୍ରକୃତିକବି, କବି ସମ୍ରାଟ, ପଲ୍ଲୀକବିଙ୍କ ଠାରୁ ଅଧିକ ଉନ୍ନତ, ତାଙ୍କ କବିତାରେ ୮୦୦ରୁ ୯୦୦, ବେଳେବେଳେ ହଜାରରୁ ଅଧିକ କମେଂଟ ମିଳିଯାଏ ! ତାଙ୍କ ଅବୋଧ୍ୟ, ଦୁର୍ବୋଧ କବିତା ଗୁଡିକ, ପଦ୍ୟ ନା ଗଦ୍ୟ ନା ପ୍ରବନ୍ଧ ମୋ ପରି ଛୋଟ କବିର ମୁଣ୍ଡରେ ପଶେନି। କିନ୍ତୁ ମୁଁ ଏତିକି ଠଉରେଇକି ଅନୁଭବ କରେ ସେଥିରେ ଖାଲି ପ୍ରେମର ବାଦଲଫଟା ବର୍ଷା ହୁଏ। କବିତାର ତଳେ ଓଠବାଡି (ଲିପ୍‌ଷ୍ଟିକ) ପାଉଡର ମଖା,ସଦ୍ୟ ପାର୍ଲରରୁ ଆସିଥିବା ସୁନ୍ଦରୀ କବୟିତ୍ରୀଙ୍କ ଫଟୋଟି ଥାଏ। ତାପରେ ତ କିଶୋର ଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ କମେଂଟ ପରେ କମେଂଟ ଅଜାଡି ପକେଇ, କୃତ୍ୟକୃତ୍ୟ ହୋଇଯାଆନ୍ତି। କିନ୍ତୁ ବୋଧହୁଏ କବିତା କେହି ପଢନ୍ତି ନାହିଁ ବୋଲି ମୋର ତିକ୍ତ ଅନୁଭୂତି। ଫେସ୍‌ବୁକ୍ ରେ କେବଳ କବିତା ଗଳ୍ପ ନୁହେଁ,ବିଭିନ୍ନ ପ୍ରକାର ସମସ୍ୟା ଉପସ୍ଥାପନା କରାଯାଇ, ତାର ସମାଧାନ ଲୋଡାଯାଏ। ଥରେ ଗୋଟିଏ ଉକୁଣୀମୁଣ୍ଡି ଝିଅ,ତା ରୁପି ଉକୁଣୀମୁଣ୍ଡର ଫଟୋ ଛାଡି, କେମିତି ଭଲ ହେବ ବୋଲି ସମାଧାନ ଚାହିଁଥିଲା।ତାପରେ ହଜାର ହଜାର ସ୍ୱେଚ୍ଛାସେବୀ ବାହାରି ପଡିଲେ।କିଏ କହିଲା କିରୋସିନି ଢାଳିଦିଅ,କିଏ କହିଲା ନଣ୍ଡା ହୋଇପଡ, ଗରମ ପାଣି ଢାଳିଦିଅ, ଥାଉ ନିରୀହ ଜୀବ ଗୁଡାକ ବସା ଭାଙ୍ଗନି,ତୁମ ଉକୁଣୀମୁଣ୍ଡ ବହୁତ ବଢିଆ ଦେଖା ଯାଉଛି ଇତ୍ୟାଦି ଇତ୍ୟାଦି ସମାଧାନ ଅଜାଡି ହୋଇପଡିଲା।ଆଉ କିଛି ହନୁମନ୍ତ ମୁହାଁ,କୋରଡ ନେତ୍ର,ଟୋପି କଟ୍ ରଙ୍ଗମଖା ବାଳକଟା ବାଲା,ମୋଟର ସାଇକେଲରେ ବସି, ସେଲ୍‌ଫି ଛାଡି ପଚାରନ୍ତି,ମୁଁ କେମିତି ଲାଗୁଛି ?କିଛି ସୂପର୍ଣଖା ହିଡିମ୍ବା ମୁଖୀ,କଜଳପାତି ବର୍ଣ୍ଣା,ମୁଖରେ ଧବଳ ଚୂର୍ଣ୍ଣ ମଖା ଓଠରେ ଓଠବାଡି ମଖା ଯୁବତୀ ଫଟୋ ଛାଡି,ଲେଖନ୍ତି ମତେ କଣ ଗୋଟିଏ କମେଂଟ ମିଳିବନି ?ମୋ ରାଣ ମୋତେ ଭଲପାଅ ! ତାପରେତ କୁଆପଥର ବର୍ଷା ଭଳିଆ କମେଂଟ ଗଦା ହୋଇପଡେ। ଆଉକିଛି ମୁଖ ପୁସ୍ତିକା ବନ୍ଧୁଙ୍କର,ଯାହାର ଲେଖାଲେଖି ଦେଖାଦେଖିର ଦକ୍ଷତା ନାହିଁ,ସେମାନେ ସକାଳୁ ସକାଳୁ ହନୁମନ୍ତ,ଶିବ,ଦୁର୍ଗା, ସାଇବାବା,ଗୁଡ୍ ମର୍ଣ୍ଣିଙ୍ଗ ଶୁଭ ପ୍ରଥମାଷ୍ଟମୀ,ଶୁଭ ରାକ୍ଷୀ ପୂର୍ଣ୍ଣିମା,ନଚେତ୍ କାହାର ନିତିବାଣୀ ଲେଖାକୁ ଫରଓାଡ କରିବାରେ ଲାଗି ପଡନ୍ତି।ବାଦଲରେ ସାଇବାବା,ଗଛ ଗଣ୍ଡିରେ ମହାଦେବ ଚିତ୍ରକୁ ପଠାଇ , ଏହାକୁ ୨୦ଜଣଙ୍କୁ ପଠାଇଲେ କାଲି ସକାଳୁ ଲକ୍ଷେ ଟଙ୍କା ପାଇବ ନପଠାଇଲେ ବହୁତ କିଛି କ୍ଷତି ହେବ ବୋଲି ଜଣାନ୍ତି। କିଛି ଶିକ୍ଷିତ ସଚେତନ ଲୋକ ମଧ୍ୟ ରାତାରାତି ବଡଲୋକ ହୋଇଯିବା ଆଶାରେ ୨୦ ଜଣ, ୪୦ ଜଣଙ୍କ ପାଖକୁ ପଠାଇ ଦିଅନ୍ତି। କିଛି କବିବନ୍ଧୁ ତାଙ୍କ ପୋଷ୍ଟରେ ବେଶୀ ଲାଇକ୍ କମେଂଟ ନମିଳିବାରୁ ଅଭିମାନରେ ବନ୍ଧୁ କାଟିଦେବାର ପ୍ରସ୍ତାବ ମଧ୍ୟ ରଖୁଛନ୍ତି। ଆମେ ବୁଝିବା ଦରକାର,ଆମ ଲେଖା କେତେ ଉଚ୍ଚକୋଟୀର ଏବଂ କେଉଁ ପ୍ରକାର ପାଠକଙ୍କ ପାଇଁ ଉଦ୍ଦିଷ୍ଟ। ନିଜ ଲେଖାତ ନିଜକୁ ନିଶ୍ଚୟ ଭଲ ଲାଗିବ। ମୁଁ ଜଣେ ପ୍ରେମ କବିତା ଲେଖକ,ମୁଁ ଫଗୁଣ, ମଳୟ,ଚନ୍ଦ୍ରମା,ମଧୁ,ପୁଷ୍ପ , ତୁମେ ,ପ୍ରିୟା ଉପରେ କବିତା ଛାଡିଲେ, ତାହା ଜଣେ ବାସ୍ତବବାଦୀ ବା ଜୀବନର ଶେଷ ପାହାଚରେ ପାଦ ଦେଇଥିବାବ୍ୟକ୍ତିଙ୍କୁ କଣ ଭଲ ଲାଗିବ ?ଜୀବନର ଅପରାହ୍ଣରେ ଥିବା କବି ମାୟା,ଆତ୍ମା ପରମାତ୍ମା,ମୁକ୍ତି ଶ୍ମଶାନ କଥା ଲେଖିଲେ,ରଙ୍ଗୀନ ସ୍ୱପ୍ନ ଦେଖି ପ୍ରେମ ବନ୍ୟାରେ ଉବୁଟୁବୁ ହେଉଥିବା ଯୁବକ କଣ ସେଥିରେ ଲାଇକ୍ କମେଂଟ ଦେବ ? ତେଣୁ ମୋ ରାଣ ମୋତେ ଭଲ ପାଅ ନୀତି ଛାଡି , ଯେତିକି ମିଳୁଛି ସେତିକିରେ ସନ୍ତୁଷ୍ଟ ହେବାକୁ ପଡିବ। କିଛି ବନ୍ଧୁଙ୍କ ପୋଷ୍ଟରେ ଯଦି ଦୈବାତ ନକରାତ୍ମକ ମତାମତ ଆସିଗଲା,ତେବେ ସେମାନେ ଦୁର୍ବାସା ଠାରୁ ଅଧିକ ଭୟଙ୍କର ହୋଇ, ପାଠକ ମାନଙ୍କୁ ,ଏଇ ସୋସିଆଲ ମେଡିଆ ମାଧ୍ୟମରେ ମଧ୍ୟ,ଅଶ୍ରାବ୍ୟ ଅଶାଳୀନ ମନ୍ତବ୍ୟ ଦେବାକୁ ଦ୍ୱିଧା ପ୍ରକାଶ କରୁ ନାହାନ୍ତି। ସାଧାରଣତ ସାରସ୍ୱତ ସାଧକ ମାନେ ନମ୍ର ଓ ସହନଶୀଳ ହେବା ଉଚିତ୍। ସୋସିଆଲ ମେଡିଆରେ ସବୁ ପ୍ରକାର ମତାମତକୁ ଧୈର୍ଯ୍ୟର ସହିତ ଗ୍ରହଣ କରିବାକୁ ହେବ। ତେଣୁ ଆପଣ ମାନେ କଣ କହୁଛନ୍ତି କୁହନ୍ତୁନା ? ଇଏ ଗୋଟାଏ ମନୋରଞ୍ଜନ। କେହି ଦେହକୁ ନନେବାକୁ ଅନୁରୋଧ।


ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦


## ଫକୀରମୋହନ ମେଡିକାଲ କଲେଜ ବାଲେଶ୍ୱର ୫୦ ସିଟ୍ ହରାଇଲା

ସୁବ୍ରତ କର



ପୁଣି ମୁଖ୍ୟମନ୍ତ୍ରୀ କଥା ରଖି ପାରିଲେ ନାହିଁ କି ବାଲେଶ୍ୱରବାସୀଙ୍କୁ ସନ୍ତୁଷ୍ଟ କରିପାରିଲେ ନାହିଁ। ଆମ ମେଡିକାଲ କଲେଜ ୧୫୦ ସିଟ୍ ପାଇବା କଥା, ବାରିପଦା, କୋରାପୁଟ ଭଳି କିନ୍ତୁ ଶେଷରେ ୧୦୦ ପିଲା ନାମ ଲେଖେଇଲେ। କାରଣ, କାହାକୁ ଜଣା ନାହିଁ। ବାଲେଶ୍ୱର ମେଡିକାଲ କଲେଜ କୌଣସି ଗୁଣରେ ଉପରୋକ୍ତ ମେଡିକାଲ କଲେଜଠୁ କମ୍ ନୁହନ୍ତି। ତେବେ ଏପରି କାହିଁକି ହେଲା ଏବଂ ଏହା ପାଇଁ କେହି କହିବା ପାଇଁ ନାହାନ୍ତି। ଯେଉଁ ଦଳ ମାନେ ବା ନେତାମାନେ ଭୋଟ ବେଳେ ଘର ଘର ବୁଲି ଭୋଟ ମାଗୁଥିଲେ ଏବଂ ତାଙ୍କ ଲୋକଙ୍କୁ ଜିତେଇ ଆଣିଲେ ବାଲେଶ୍ୱର ଏବଂ ବାଲେଶ୍ୱରବାସୀଙ୍କୁ ସୋନାରେ ମୋଡ଼ି ପକେଇବେ ବୋଲି କହୁଥିଲେ ସେମାନେ କୁଆଡ଼େ ଗଲେ। ଲୋକ ତ ଜିତିଲେ। ଜିତିଲେ ଯେଉଁ ଦାୟିତ୍ୱ ନେବାକଥା ଏବଂ ସେହିନୁସାରେ କାମ କରିବା କଥା କୁଆଡ଼େ ଗଲା ? ବୋଧହୁଏ ମୁଖ୍ୟମନ୍ତ୍ରୀ ସବୁ ଭୁଲିଗଲେ ଏବଂ ଭୁଲି ଯାଇଛନ୍ତି ବହୁତ କିଛି ଯେପରି ଦଶବର୍ଷ ପୂର୍ବରୁ ନୂଆ ବସଷ୍ଟାଣ୍ଡ କଥା। ବସଷ୍ଟାଣ୍ଡ ସେହି ଜାଗାରେ ଅଛି ଏବଂ ଏହାକୁ ଥରେ ଥରେ ଖବରକାଗଜର ଲୋକେ ଆମକୁ ମନେ ପକାଇ ଦିଅନ୍ତି। ଏବେ ଆସିବା ମେଡିକାଲ କଲେଜର ତିଆରି ଚାଲିଥିବା ୬୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା। ଏହି ୨୨ ଏକର ଜାଗାରେ ରେମୁଣାଠାରେ ୨୪୫କୋଟି ଟଙ୍କାରେ ମେଡିକାଲ କଲେଜକୁ ଲାଗିକରି ତିଆରି ଚାଲିଛି। ଏ ପର୍ଯ୍ୟନ୍ତ ବାଉଣ୍ଡରି କିନ୍ତୁ ଶେଷ ହୋଇଛି ଏବଂ କାର୍ଯ୍ୟ ଖୁବ୍ ମନ୍ଥର ଗତିରେରେ ଚାଲିଛି। ଏହାର ମୂଳ କାରଣ ଜାଗାକୁ ଯିବାପାଇଁ ଯେଉଁ ରାସ୍ତା ଅଛି କିନ୍ତୁ ତାହାକୁ ଲୋକମାନେ ମାଡ଼ି ବସିଛନ୍ତି। ଏହାପାଇଁ ସ୍ୱତନ୍ତ୍ର ରାସ୍ତା ନାହିଁ। ଅନ୍ୟ ଲୋକଙ୍କ ଜାଗାକୁ ରାସ୍ତା ହିସାବରେ ବ୍ୟବହାର କରାହେଉଛି। ପ୍ରାୟ ୩-୪ବର୍ଷ ହେବ ଏଡି ଜାଗାକୁ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ହୋଇଛି କିନ୍ତୁ ଏହି କାର୍ଯ୍ୟଟି ସମ୍ପନ୍ନ ହୋଇପାରିନାହିଁ। କାର୍ଯ୍ୟଟି କେଉଁଠି ପଡ଼ି ରହିଛି ଏହା ଏ ପର୍ଯ୍ୟନ୍ତ ଜଣାପଡୁନାହିଁ। ରେମୁଣା ତହସିଲଦାରଙ୍କ କାମ ନିଶ୍ଚୟ ତେବେ ଏହାକୁ ସେ କାହିଁକି କରିବାପାଇଁ ହେଳା କରୁଛନ୍ତି ଏବଂ ଯଦି ହେଳା ହେଉଛି ଉପରିସ୍ଥ ଅଧିକାରୀମାନେ କାହିଁକି ଚୁପ୍ ଅଛନ୍ତି ? ଯେ ପର୍ଯ୍ୟନ୍ତ ମୂଳ ଜିଲ୍ଲା ଡାକ୍ତରଖାନାରୁ ଏହା ସ୍ଥାନାନ୍ତର ନ ହେଉଛି ସେ ପର୍ଯ୍ୟନ୍ତ ପ୍ରତିଦିନ ୨୦୦୦ରୁ ୨୫୦୦ ରୋଗୀଙ୍କୁ ଚିକିତ୍ସା କରିବାରେ ଅସୁବିଧା ରହିବ ଏବଂ ଅଶାନ୍ତି ହେବ। ଜିଲ୍ଲା ପ୍ରଶାସନ ଏବଂ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଶୀଘ୍ର ଏହା ଉପରେ କାର୍ଯ୍ୟାନୁଷ୍ଠାନ କରିବା ଦରକାର ବାଲେଶ୍ୱରବାସୀଙ୍କ ପାଇଁ।




### ଶୀତ ଲହରୀ...

**କୁନା ସେଠୀ**

ମାର୍ଗଶୀର ଶୀତ ଭାରୀ ଅସହ୍ୟ ହେ
ଥରୁଛି ଦେହଠୁ ଗୋଡ଼
ଗାଆଁ ଠୁ ସହର ସୁନ୍ ସାନ୍ ଲାଗେ
ଝାଡ଼ି ଦେଇ ଯାଏ ଜାଡ଼।

ଖୋଜା ପଡ଼େ ଆଜି ଉଷୁମ ବିଛଣା
ଶୀତ ବସ୍ତ୍ର ଯେତେ ସବୁ
ନିଦ ହଜିଯାଏ ସପନ ଭିତରେ
କମ୍ବଳ ଘୋଡ଼େଇ ବାବୁ।

ଟପ୍ ଟାପ୍ ହୋଇ ଖସଇ କାକର
ଜଳ ସ୍ଥଳ ଶୀତ ମୟ
ପଶୁ ପକ୍ଷୀ ଯେତେ ନୀରବ ନିଶ୍ଚଳ
ଶୀତ ପାଇଁ ଲାଗେ ଭୟ।

ଜଳ ଭାଗ ଲାଗେ ସତେକି ଅଗିନି
ପଶି ନ ପାରନ୍ତି କେହି
ଟୋପାଏ ପଡ଼ିଲେ ଦେହ ଥରିଯାଏ
ସହି ନପାରନ୍ତି କେହି।

ଧୂଆଁ ଧୂଆଁ ଲାଗେ ଆକାଶଟା ସାରା
କୁହୁଡ଼ି ଯାଉଛି ଘେରି
ରାସ୍ତାଘାଟ ଯେତେ ଅନ୍ଧାର ଦିଶଇ
ହୋଇନପାରେ କେ ପାରି।

ବୁଢ଼ା ବୁଢ଼ୀ ଯେତେ ଭୟରେ ଆତୁର
ଶୁଖିଲା ପତର ପରି
ଚମ ଧୁଡୁ ଧୁଡୁ ଦାନ୍ତ ଖୁଡୁ ଟୁଡୁ
ଜୀବନ ଜିବ ଟି ସରି।

ଶୁଷ୍କ ପ୍ରାୟ ଲାଗେ ବାୟୁମଣ୍ଡଳଟା
ଓଠ ପାଟି ଯାଏ ଫାଟି
ଉଷୁମ ନିଃଶ୍ୱାସ ବହେ ଘନ ଘନ
ଥରି ଉଠେ ନର ପାଟି।

ତାପମାତ୍ରା ଖସି ଶୂନ୍ୟ ହୋଇଯାଏ
ପଡ଼ଇ ବରଫ ଖଣ୍ଡ
ଗଛ ପତ୍ର ଯେତେ ତଳ ମୁହାଁ ହୋଇ
ନୁଆଇଁ ରଖନ୍ତି ମୁଣ୍ଡ।

ଭୂତସରସିଙ୍ଗି, ଗଂଜାମ

### ଗଛଟିଏ ମୋତେ କର...

**ଅଶୋକ କୁମାର ପ୍ରଧାନ**

ଗଛଟିଏ ମୋତେ କର
ଗଛଟିଏ ମୋତେ କରିଦିଅ ପ୍ରଭୁ
ଗଛଟିଏ ମୋତେ କରିଦିଅ
ଗଛ ହେବା ଆଗୁ ମୋହରି ଭିତରେ
ଦୟା, କ୍ଷମା, ସ୍ନେହ ଭରିଦିଅ।

ତୁମରି ଭୂମିରେ ଠିଆ ହେବି ମୁହିଁ
ପର ଉପକାର କରିବାକୁ
ଦୁଃଖୀ ରୋଗୀ ଭୋଗୀ ସବୁରି ମୁଖରେ
ସୁଖ ଶାନ୍ତି ସଦା ଭରିବାକୁ।

ପ୍ରତ ଫୁଲ ଫଳ ବିତରିବି ନିତି
ମନେ କୁଣ୍ଠା କେବେ କରିବିନି
ଜୀବନରେ ଯେତେ ଝଡ଼ଝଂଜା ଆସୁ
ତାହାକୁ କେବେ ମୁଁ ଡରିବିନି।

ପଥିକ ପାଇଁ ମୁଁ ବିତରିବି ଛାଇ
ନିରାଶ କାହାକୁ କରିବିନି
ଏହି ଜଗତରେ କାହା ମୁଖେ କେବେ
ଦୁଃଖ ନିର୍ଯ୍ୟାତନା ଭରିବିନି।

ପଶୁପକ୍ଷୀ ପାଇଁ ମୋ ଗଛ ଡାଳରେ
ସେନେହ ଆଶ୍ରୟ ଦେବି ମୁହିଁ
ଖରାବରଷାରେ ସାଥେ ରହିଥିବି
ନିଜର ସନ୍ତାନ ଭାବବହି ।

ଗାଆଁ ପିଲାଛୁଆ ମୋହରି ଛାଇରେ
ଆନନ୍ଦେ ଖେଳିବେ କେତେ ଖେଳ
ତାଙ୍କରି ଗହଣେ ସମୟ କାଟିବି
ସରିସରି ଯିବ ବଳ ବେଳ।

ଖରାରେ ସିଝିବି ବର୍ଷାରେ ଭିଜିବି
ଶୀତରେ ସଢ଼ିନି ନିତିନିତି
ସବୁ ଦୁଃଖ କଷ୍ଟ ଆପଣାର ଭାବି
ସହି ଯାଉଥିବା ମଥାପାତି।

ଋତୁ ଅନୁସାରେ ଫୁଲ ଫଳ ଦେଇ
ବରଷା ସାଥିରେ ବାନ୍ଧି ମିତ
ବରଷା ରାଣୀକୁ ପୃଥିବୀକୁ ଡାକି
ଖୁସିରେ ବଂଚିବା ଗାଇ ଗୀତ।

ମୋହରି ସୁରକ୍ଷା ସଭିଏଁ କରିବ
ଦୁଃଖ ରହିବନି ଜୀବନରେ
ସତ୍ୟ ଶାନ୍ତି ମୈତ୍ରୀ ହୃଦୟେ ଧରିବା
ପୂଣ୍ୟ ହେବ ମର୍ତ୍ତ୍ୟ ଭବନରେ।

ରୋହିଗାଁ, ଗଂଜାମ
ମୋ:୮୨୪୯୧୧୯୧୩୦








### ଶୀତର ଏକ ଦୃଶ୍ୟ..

**ସୁଧାଂଶୁ ଶେଖର ଦ୍ୱିବେଦୀ**

ଜୋର ଜୋର କେହି
ହଲାଉଥାଏ ଅଧା ଶୁଖିଲା
ଅଧା କଂଚା ଗଛକୁ।

ବିଚଳିତ ହୋଇଗଲା ମନ,
ଶୁଖିଗଲାତ କଣ ହେଲା ?
ଗଛ ତ ଆମର ମିତ୍ର !

ଏପର୍ଯ୍ୟନ୍ତ ବାୟାର ବସା
ଝୁଲୁଛି ତା ଶୁଖିଲା ଡାଳରେ।

ଦୌଡ଼ି ଆସିଲି ବାହାରକୁ
ଅବୋଧ ଅପରାଧୀ ଦୁହେଁ
ମୋ ସମ୍ମୁଖରେ ଥାଆନ୍ତି।

କ୍ରୋଧର ଅଗ୍ନି ବାହାରି ଆସିବାକୁ
ପ୍ରୟାସ କରୁଥାଏ,
କିନ୍ତୁ ତରଳି ଗଲା ସବୁ ଶବ୍ଦ
ଶୀତରେ ଥରୁଥିବା ଦୁହିଁଙ୍କୁ ଦେଖି।

ଫାଟି ଯାଇଥିବା ଫ୍ରକ
ନାକରୁ ବହୁଥିବା ଶିଙ୍ଘାଣି
ମୁହଁରୁ ବାହାରୁଥିବା ଭାପରେ
ମୋ ଭିତରେ ଜଳୁଥିବା ଅଗ୍ନି
ନିର୍ବାପିତ ହୋଇଗଲା।

ବିସି-୭୪, ସଲଟ ଲେକ,
କଲକାତା-୬୪
ମୋ:୬୨୯୧୩୪୨୨୫୯

# ମାଟି ଛୁଇଁରେ




**ଦୁଷ୍ମନ୍ତ ବେହେରା**

ରାସୋଳ, ମୁଣ୍ଡିଆପୋଷି
ଢେଙ୍କାନାଳ
ମୋ:୯୯୩୭୬୫୨୫୦୪




ଶରଣପଶି ଗ୍ରାମରେ ଦୁଇଶହ ପରିବାର ବାସ କରନ୍ତି। ସେଇ ଗ୍ରାମରେ ବଟକୃଷ୍ଣ ଦଳେଇଙ୍କ ପରିବାର ବାସ କରନ୍ତି। ପରିବାର କହିଲେ ସ୍ତ୍ରୀ-ରାଧାଦେଇ ପୁଅ-ମୁନା ଦଳେଇ। ହସ ଖୁସିରେ ଚଳି ଆସୁଥିଲା ବଟକୃଷ୍ଣଙ୍କ ପରିବାର। ସତେ ଯେମିତି ବଟକୃଷ୍ଣଙ୍କ ଚାଳଘରେ ଶାଗ ପଖାଳ କଂସାରେ ହସ ଫୁଟି ଉଠୁଥିଲା। ଦିନ ଗୁଡ଼ାକ ବେଳ ସରି ସରି ଯାଉଥିଲା।

ହଠାତ୍ ପରିବାରରେ ବିପଦ ମାଡ଼ି ଆସିଲା। ବଟକୃଷ୍ଣଙ୍କ ଦେହ ଜ୍ୱରରେ ଖଇ ଫୁଟୁଥିଲା ଭାଗ୍ୟର ଖେଳ ଦାଉ ସାଜିଗଲା ଡାକ୍ତରଖାନା ନେବା ଅଧାବାଟରେ ଦେହରୁ ଜୀବନ ଚାଲିଗଲା। ବଟକୃଷ୍ଣ ସବୁଦିନ ପାଇଁ ଚାଲିଗଲେ।

ପରିବାର ଉପରେ ବୋଝ ଉପରେ ଲଳିତା ବିଡ଼ା ପରି ପଡ଼ିଲା। ସେପାଖେ ପୁଅ ମୁନା ପାଠ ପଢୁଥାଏ +୨ ଦ୍ୱିତୀୟ ବର୍ଷ ଛାତ୍ର ଏଇ ବୟସରେ ସେବା କଣ କରିପାରିବ। କିଛି ଉପାୟ ନପାଇ ରାଧାଦେଇ ସିଲେଇ ମେସିନ୍ ଖଣ୍ଡିଏ ପକାଇଲେ ଯାହା ରୋଜଗାର ହେଲା କଷ୍ଟରେ ଚଳି ଯାଆନ୍ତି।

ମୁନା ଏପରି ବଦମାସ ହେଉଥିଲା କି ଗାଁ କଳି ଘରକୁ ଆଣୁଥିଲା। ଗାଁର ଲୋକେ କିଛି କିଛି ମୁନା ବିରୋଧରେ ପଚେଇ ଆସନ୍ତି। ଛୋଟରୁ ବଡ଼ ପର୍ଯ୍ୟନ୍ତ କିଛି ନା କିଛି ବଦମାସ କରେ। ଗରିବ କୁଡ଼ିଆର ମୁନା ଏତେ ବଦମାସ ତଥାପି ଗାଁ ଲୋକେ ତାକୁ ଭଲ ପାଆନ୍ତି। ଅତି ଶ୍ରଦ୍ଧାରେ ଡାକନ୍ତି ମୁନାରେ......

ଘରର ଦୁଃଖ ଗୁଡ଼ାକ ଆଖି ଆଗରେ ନାଚି ଉଠୁଥିଲା ହୃଦୟ ଅନେକ କଥା କହି ଦଉଥିଲା। ଏଇ ମାଟି ପାଇଁ କିଛି କରିବି।

ରାଧାଦେଇଙ୍କ ହାତରେ ଫର୍ମଟିକୁ ଧରି ସ୍ୱପ୍ନ ଦେଖିଲେ ଏଇ ମାଟି ପାଇଁ କିଛି ଗୋଟେ କରିବି। ଦେଶ ଜାତିର ଟେକ ରଖିବି। ରାଧାଦେଇଙ୍କ ହାତରେ ଥିବା ଫର୍ମ ମୁନା ଆଡ଼କୁ ବଢ଼େଇ ଦେଇ କହିଲେ ଏଇନେ ସମୟ ଆସିଛି ଚାକିରି ପାଇଁ ଦରଖାସ୍ତ କର।

କିଛିଦିନ ଗଲାପରେ ଚାକିରିର ଇଣ୍ଟରଭ୍ୟୁୟର ତାରିଖ ବାହାରିଲା। ମୁନା ଇଣ୍ଟରଭ୍ୟୁ ଦେବାପାଇଁ ବାହାରିଗଲେ ଏଇ ବାହାରିବା ବାଟରେ ରାଧାଦେଇଙ୍କ ଆଖିରୁ ଧାର ଧାର ଲୁହ ମାଟି ଉପରେ ପଡ଼ି କହୁଥିଲା ତୁ ଯା ଲଘିଂ ଯା ମୁଁ ତ ସାଥିରେ ଅଛି।

କିଛି ମାସ ଗଲାପରେ ଚାକିରି ଚିଠିଟି ଆସି ପହଂଚିଲା ରାଧାଦେଇଙ୍କ ପାଖରେ। ଚିଠିଟିକୁ ଧରି ଗରିବ କୁଡ଼ିଆରେ ଯେ ହସ ଫୁଟି ବ ଏ ଦୁନିଆ ଦେଖିବ। ଏ ମାଟି କହିବ ତୁ ମୋର ସନ୍ତାନ। ପୁଅ ମୋର ଆଜି ଭାରତର ସୈନିକରେ ଚାକିରି ପାଇଛି।

ଗ୍ରାମର ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, କଥାଟି ଚାରିଆଡ଼େ ଖେଳିଗଲା। ମୁନା କହିବୋଲିଲା ମୁଁ ଚାକିରି ପାଇଛି ତୋ ପାଇଁ ଲଢ଼ିବି ଏ ମାଟିର ନାଁ ରଖିବି। ଆଜି ଯେ ବଦମାସ ପିଲାଟି ଏମିତି ଗୋଟିଏ ଭଲ ପିଲା ହୋଇଯିବ ଏ ମାଟି ତାକୁ ମନେ ରଖିବ।

ଜୁଲାଇ ମାସ ୨୫ ତାରିଖ ଦିନ ଘରୁ ବାହାରିଲା ମୁନା। ଭାରତର ସୈନିକରେ ଯୋଗ ଦେବାପାଇଁ ଓ ଗାଁର ସମସ୍ତ ଲୋକମାନେ ରେଳଷ୍ଟେସନକୁ ଛାଡ଼ିଆଣିଲେ। ଆସିବା ବାଟରେ ଅନେକ କଥା ଗୁଡ଼ିଏ ମନେ ପଡ଼ି ଯାଉଥିଲା। ବଦମାସ ପିଲାଟି ଆଉ କଣ ବଦମାସ ହେବ। କିଏ ଲାଗିବ ଯେ ଆମ ସହିତ କାହା ପାଖରେ ଯାଇ ଗୁହାରି କରିବା। ଏଇ କଥା ଭାବୁଭାବୁ ଲୋକଙ୍କ ଆଖିରୁ ଲୁହ ବୋହି ଆସୁଥାଏ। ମୁନା କହିଲା ମୋ ଗାଁର ବଣ ପାହାଡ଼ ଗଛ ଲତା, ଝରଣା ଓ ଲୋକମାନଙ୍କୁ କହିଦେଇ ଯାଉଛି ସମସ୍ତେ ଭଲରେ ରହିବ।

ଦୁଇ ବର୍ଷ ଗଲାପରେ ଡାକରେ ଖଣ୍ଡିଏ ଚିଠି ଆସି ପହଂଚିଲା। ରାଧାଦେଇ ଚିଠିକୁ ଖୋଲି ପଢ଼ିଲେ।....

ରାଧାଦେଇ ଆପଣଙ୍କ ପୁଅ ଦେଶ ମାତୃଭୂମି ପାଇଁ 'ଜୀବନ ଦେଇଛି' ମୁନା.... ଅନ୍ଧକାର ଭିତରେ ଶତ୍ରୁ ଆମ ଦେଶକୁ ପଶି ଆସୁଥିଲେ। ଶତ୍ରୁମାନଙ୍କୁ ପଶାଇ ନ ଦେବାପାଇଁ ଦୃଢ଼ ଜବାବ ଦେଇ ସହିଦ୍ ହୋଇଛି।

'ଜୟହିନ୍ଦ୍'

ରାଧାଦେଇଙ୍କ ଆଖିରୁ ଧାର ଧାର ଲୁହ ବୋହି ଆସିଲା। ପାଟିରୁ ଧୀର ସ୍ୱରରେ ବାହାରିଲା 'ମୁନା'....

ଜନ୍ମଭୂମିର ମାଟି ପାଇଁ
ରକ୍ତ ଠୋପା ଦେଇଛୁ
ଏ ମାଟି ତୁମକୁ ଧାରି
ଗର୍ବ କରୁଥିବ ଫୁଲେଇହୋଇ।
ଗାଉଥିବ ଗାଥା ତୁମର
ସ୍ୱର ଶୁଭୁଥିବ ଚଉଦିଗେ
ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣେ
ଜନନୀର ଟେକ ଶୁଭୁଥିବ ଭବନେ।
କଣ କହିବି ଭାରତ ମାଆ ଲୋ
ଜୀବନ ରକ୍ତ ଦେଇ ତୋ
ଚରଣ ଧୋଉଛି ମୋ ପୁତ୍ର
ମହିମା ତୋହର କୋଟି ମହାନତା
ମୃତ୍ୟୁକୁ କୋଳେ ଧରି
ମୃତ୍ୟୁକୁ କୋଳେ ଧରି,,,

ଭାରତ ମାତାକି ଜୟ ଏତିକି କହି ରାଧାଦେଇଙ୍କ ଆଖିରୁ ଲୁହ ଠୋପେ ଚିଠି ଉପରେ ପଡ଼ି ମାଟିରେ ପଡ଼ିଲା। ଏ ଗାଁ ଏ ମାଟି ଏ ବଣ ପର୍ବତ ବୀର ପୁତ୍ରରେ ସ୍ୱର ଶୁଭୁଥିଲା 'ମୁନା' ସେଇଠି ରାଧାଦେଇ ଟଳି ପଡ଼ିଲେ ସବୁଦିନ ପାଇଁ.....।

---

**ଗୋଟିଏ**
**କ୍ଷୁଦ୍ର ଗଳ୍ପ**

# ନୂଆ ଓ ସଶକ୍ତ ଭାରତ ପ୍ରତିଜ୍ଞା


**ଇଂ. ବିଦ୍ୟାଧର ପଣ୍ଡା**






ସେଠୀବାବୁଙ୍କ ନାତୁଣୀଟା ପୁରାପୁରି ବିଗିଡି ଯାଇଛି। ଦିନରାତି ଟିକ୍‌ଟକ୍, ଫେସ୍‌ବୁକ୍ ଓ ଚାଟିଂପାଇଁ ମୋବାଇଲ୍ ଧରି ବସିଯାଉଛି। ଏପରିକି ଗାଧୁଆଘରେ ଓ ଖାଇବାବେଳେ ବି ଡାଇନିଂ ଟେବୁଲ୍‌ଉପରେ ମୋବାଇଲ୍ ତା'ପାଖରେ ରଖୁଛି। ପ୍ରତିଦିନ ସକାଳଶେଯରୁ ଉଠି ଘଂଟାଏ ୟୁଟ୍ୟୁବ୍ ଭିଡିଓ ଘାଂଟିଲାପରେ ଯାଇ ବାଥ୍‌ରୁମ୍‌ରେ ପଶୁଛି। ଆଜି ତା'କୁ ମିଳିଛି ଗୋଟିଏ ମଜାଦାର ଭିଡିଓ ଯେଉଁଥିରେ ମନ୍ତ୍ରୀ କିଛି ସରକାରୀ ଯନ୍ତ୍ରୀମାନଙ୍କୁ ନାଲାୟେକ୍, ନିକମ୍ମା ଓ ବିଷକନ୍ୟା ବୋଲି ଗାଳିଗୁଲଜ କରିଛନ୍ତି। ସିଏ ତେଣୁ ଜେଜବୁଢାକୁ ସକାଳୁ ଉଠେଇ ସେହି ଭିଡିଓଟି ଶୁଣିବାକୁ ବାଧ କରୁଛି। ଜେଜବାପା ସେହି ରଇଜଳା ଭିଡିଓଟିକୁ ମାସେଆଗରୁ ଦେଖି ମନଖରାପ କରିସାରିଛନ୍ତି। ୟା'କୁ ପ୍ରାୟ ସରକାରୀ ଯନ୍ତ୍ରୀବାବୁମାନେ ଲୁଚିଲୁଚି ଦେଖିଛନ୍ତି। ମାସକଭିତରେ ଏହାକୁ ୪୪୬କ, ଅର୍ଥାତ୍ ଚାରିଲକ୍ଷ ଛୟାଳିଶ ହଜାର ଲୋକ ଲାଇକ୍ ବି କଲେଣି। ମୋର ପାଠକମାନଙ୍କ ଭିତରେ ଯଦି କେହି ସରକାରୀ ଯନ୍ତ୍ରୀ ବାକି ଅଛନ୍ତି ଏବଂ ଏ'ପର୍ଯ୍ୟନ୍ତ ଯନ୍ତ୍ରୀମାନଙ୍କ ପାଇଁ ଏପରି ପଦ୍ମତୋଳା ଭିଡିଓ ଦେଖିବାରୁ ବଂଚିତ ଅଛନ୍ତି ତେବେ ତୁରନ୍ତ ଦେଖିନିଅନ୍ତୁ। ମଲା ଗଲା ସଂସାର। ମରିହଜି ଗଲେ ମନରେ ବିରାଟ ବଡ ଅବସୋସ ରହିଯିବ। ଆପଣମାନଙ୍କ ସୁବିଧା ପାଇଁ ଏଠାରେ ୟୁଟ୍ୟୁବ୍ ଭିଡିଓ ଲିଂକ୍‌ଟିକୁ ବି ଦେଇଦେଉଛି। **(https://youtu.be/n6CG_6o8IzY)** ଭୁଲ୍‌ବଶତଃ ମନ୍ତ୍ରୀ ବହୁତ ଅପ୍ରିୟ ସତକଥାଗୁଡା ଏମିତି ବାନ୍ତିକରି ଓଗାଳି ଦେଇଛନ୍ତି ଯେ ସହି ହେଉନି କି କହି ହେଉନି। ଯିଏ ବାହାରେ ଶୁଣୁଛି ସିଏ ମନ୍ତ୍ରୀଙ୍କ ସାହସକୁ ବହୁତ ପ୍ରଶଂସା କରୁଛି। ନାତୁଣୀ ଜାଣେ ଯେ ତା'ଜେଜବାପା ଏମିତି ଜଣେ ନାଲାୟେକ୍, ନିକମ୍ମା ଓ ବିଷକନ୍ୟା ସରକାରୀ ଅଧିକାରୀ ନିଶ୍ଚୟ ହୋଇଥିବେ, ତେଣୁ ତା'ଙ୍କୁ ଶୁଣେଇ ସିଏ ତା'ଙ୍କର ଶ୍ରୀମୁଖର ହାବଭାବ ଦେଖି କିଛିକ୍ଷଣ ମଜାନେବାକୁ ଚାହିଁଲା ବେଳେ ସେଠୀବାବୁ ନିଦଲାଗୁଛି ବୋଲି ବାହାନା କରି ଶୋଇବାର ମିଛ ଅଭିନୟ କରୁଛନ୍ତି। ନାତୁଣୀ ଆଜିକାଲିକା ଟୋକି, ନଛୋଡବନ୍ଧା ଜିଦି ଝିଅ କ'ଣ ସହଜରେ ଛାଡିବ! ଜବରଦସ୍ତି ବୁଢାକୁ ଉଠେଇ ଶୁଣେଇଲା ବେଳେ ବୁଢା ମୁହଁ ଖଟାହେବାର ଦେଖିଲା। ତା'ପରେ ବୁଢା ମନମାରି କହିଲା ଆଜିକାଲି କୋଉ ଶ..ମନ୍ତ୍ରୀଟା ଭଲଲୋକ ଯେ ସିଏ ଯନ୍ତ୍ରୀଗୁଡାଙ୍କୁ ଏତେକଥା କହୁଛି! ଚୌକିରେ ଅଛି ଯେତେବେଳେ ସିଏ କହିବ, ଆମେ ଶୁଣିବୁ। କିନ୍ତୁ ଏଗୁଡା ସବୁ ଭଦ୍ରଲୋକଙ୍କ କାମ ଆଦୌ ନୁହଁ। କହିଲ ତ କହିଲ, ଭିଡିଓ କରି ୟୁଟ୍ୟୁବ୍‌ରେ ଛାଡି ଯନ୍ତ୍ରୀଗୁଡାଙ୍କୁ ଏମିତି ବେଜିତ୍ କରିବାଟା କ'ଣ ଠିକ୍ କଥା!

ନାତୁଣୀ ସବୁ ବୁଝିଗଲା। ସିଏ ତାଙ୍କରି ଘରେ ଦେଖୁଛି ତା ବାପା'ମା' ଚାକିରି ଖୋଜିଖୋଜି ଥକି ଗଲେଣି। ଅବଶ୍ୟ ଜେଜବାପା ବହୁତ ଧନ ଗଚ୍ଛିତକରି ରଖିଛି। ତିନିପୁରୁଷ ବସି ଖାଇଲେ ବି ସରିବନି। କିନ୍ତୁ ଖାଲି ମନ ସଇତାନ। ଘରେ ବସିଲେ ଭଲ ଲାଗୁନି। ଦିନେ ନାତୁଣୀ ଗୀତାକୁ ତା'ବାପା କହିଲା, 'ଆମକୁ ଆଉ ଚାକିରି ମିଳିବନି।' ଗୀତା ପଚାରିଲା, 'କାହିଁକି ମିଳିବନି।' ସେଦିନ ତା'ବାପା ମନଦୁଃଖରେ କହିଲା, 'ଆମକୁ କେମିତି ମିଳିବ? ଆମପାଇଁ କୋଉଠୁ ଚାକିରି ଆସିବ? ତୋ'ଜେଜବାପା ପରି ସମସ୍ତେ ତ ଅବସର ପରେ ଅବସରବାଦୀ ହୋଇ ଅବସର ଖୋଜିଲେ। ସେମାନେ ପେନସନ୍ ସାଙ୍ଗରେ ପ୍ରକୃତ ଦରମାର ଅଧା ଦରମାରେ କାମ କରିବାକୁ ସହଜରେ ପ୍ରସ୍ତୁତ ହୋଇ ଯାଉଥିବାରୁ ଆମକୁ କିଏ ପଚାରିବ? ବୟସ ଗଡିଯାଉଛି, ଆଉ ମିଳିବନି।' ଗୀତା ବୁଝିଲା, 'ଅବସର ପରେ ଅବସର ଇଚ୍ଛାକରି ବୁଢାମାନେ ଯୁବକମାନଙ୍କୁ ତା'ଙ୍କ ପାଇଁ ଉଦ୍ଦିଷ୍ଟ କର୍ମସଂସ୍ଥାନ ସୁଯୋଗରୁ ସେମାନଙ୍କୁ ବଂଚିତ କରୁଛନ୍ତି। ସେମାନଙ୍କ ମନଭିତରେ ଅସୁରକ୍ଷିତ ଭାବନା ଜାଗ୍ରତ ହେଉଛି ଏବଂ ଶେଷରେ ଚାକିରି ନପାଇ ସମାଜରେ ଶୋକାକୁଳ ନାକାରାତ୍ମକ ପରିବେଶ ସୃଷ୍ଟି କରୁଛନ୍ତି।' ସେଥିପାଇଁ ସିଏ ଜେଜବାପାକୁ ଏସବୁ ଶୁଣେଇ ତା'ଙ୍କ ଚାକିରି ଛଡେଇ ଘରେ ଶେଷ ଜୀବନକୁ ପୂଜାଧ୍ୱଜା କରି ଉପଭୋଗ କରନ୍ତୁ ବୋଲି ନିଜେ ଚାହୁଁଥିବାରୁ ସେ ଅପମାନ ଭରା ଭିଡିଓଟିକୁ ତା'ଙ୍କୁ ଦେଖିବାକୁ ଏମିତି ଆଗ୍ରହ କରୁଛି। କିନ୍ତୁ ବୁଢା ନାକନିଶ ତଳେଲାଗି ଘୁଷୁରିବା ଯାଏ ରୋଜଗାର କରିବ ବୋଲି ନିଷ୍ପତ୍ତି ନେଇ ସାରିଛି। ଯନ୍ତ୍ରୀ ଚାକିରିର ଉପୁରି ଭିତିରି ମହୁ ସୁଆଦ ଥରେ ଯିଏ ପାଇଛି, ସିଏ କ'ଣ ଥୟ ହୋଇ ଘରେ ବସିପାରିବ! କାଳା ଆଗରେ ମୂଳା ଚୋବେଇଲା ପରି ତା'ଙ୍କୁ ବୁଝେଇ ଲାଭ କିଛି ନାହିଁ।

ଅବସର ବେଳକୁ ସେଠୀବାବୁ ଥିଲେ ଜଣେ ଅଧିକ୍ଷଣ ଯନ୍ତ୍ରୀ। ମାସିକ ସରକାରୀ ଧଳାଟଙ୍କାରେ ଦରମା ମାତ୍ର ଲକ୍ଷ। କିନ୍ତୁ ଠିକାଦାରଙ୍କ ପାଖରୁ କଳାଟଙ୍କା ଫରମା ଅତିକମ୍‌ରେ ପାଂଚ ଛଅ ଲକ୍ଷରୁ ଅଧିକ। ପ୍ରଫେସର୍ ସ୍ତ୍ରୀଙ୍କର ସରକାରୀ କଲେଜରେ ୟୁଜିସି ହାରରେ ଦରମା ଦୁଇ ଲକ୍ଷ ଏବଂ ପୁଅକୁ କୋଟିଏ ଟଙ୍କା ଖର୍ଚ୍ଚକରି ଏବେ ଗୋଟିଏ ଜିଲ୍ଲାପାଇଁ ଏକ କମ୍ପାନୀର ସିଆଣ୍ଡଏଫ୍ ଦେଇଛନ୍ତି ଯେ ଆମଦାନି ଲକ୍ଷଟଙ୍କା ଭିତରେ ହେବାକୁ ଆରମ୍ଭ ହୋଇଛି। ଅବସର ପୂର୍ବ ଆର୍ଥିକବର୍ଷର କର ଆକଳନ କଲାବେଳେ ଓକିଲ ସେଠୀବାବୁଙ୍କୁ କେତେ କ'ଣ ପଚାରିପଚାରି ବ୍ୟତିବ୍ୟସ୍ତ କରିଦେଲା। ଏମିତି ଆଲମିରାରେ ଟଙ୍କା ସୁନା ଭର୍ତ୍ତି, କିନ୍ତୁ ପଚାଶ ହଜାର ଟଙ୍କା ଜମାଖାତାକୁ କୋଉଠୁ ଆସିଲା କହି ପାରିଲେନି। ବହୁତ ଚିନ୍ତା କଲାପରେ ମଥାରେ ଝାଳ ଆସିବାରୁ ଯାଇ ସେ ପଇସା ରୋଜଗାର କଥା ମନେପଡିଲା। ସେ ପଇସା ତା'ଙ୍କ ଗୁହାଳରେ ବନ୍ଧା ହୋଇଥିବା ଗାଈ ଦେଇଛି। ଦିନକୁ ପାଂଚଲିଟର କ୍ଷୀର, ମାସକୁ ଦେଢଶହ ଲିଟର ଏବଂ ବର୍ଷକୁ ଅଠରଶହ ଲିଟର। ଦେଶୀଗାଈ କ୍ଷୀରକୁ ପଡୋଶୀମାନେ ଅଠେଇଶଟଙ୍କା ପ୍ରତି ଲିଟର ହିସାବରେ ହିସାବ କରି ଘରୁ ନେଇପଳାନ୍ତି। ତା'ଙ୍କ ଭିତରେ ଜଣେ ସମସ୍ତ ନାଗୁଆମାନଙ୍କଠାରୁ ସଂଗ୍ରହକରି ଏକାବେଳେ ସେଠୀବାବୁଙ୍କ ଦରମାବାଲା ବ୍ୟାଙ୍କ୍‌ଖାତାରେ ଜମା କରିଦେଇଛି। ସାର୍‌ଙ୍କରଘରକୁ ଗାୟମୋଟ ଆମଦାନି ମାସକୁ ଦଶଲକ୍ଷ ଥିବାବେଳେ ଏ ସାମାନ୍ୟ ପଚାଶହଜାର ଟଙ୍କା କଥା କିଏ ମନେ ରଖୁଛି! ତେଣୁ ଗାଈ କଥା ସମ୍ପୂର୍ଣ୍ଣ ଭୁଲି ଯାଇଥିଲେ। ପ୍ରକୃତରେ ଗାଈକ୍ଷୀରରୁ ଅଠରଶହ ଲିଟରକୁ ଅଠେଇଶ ଟଙ୍କା ହିସାବରେ ରୋଜଗାର ହୋଇଛି ଗାୟମୋଟ ଟ୫୦,୪୦୦ଙ୍କା, କିନ୍ତୁ ସେ ଲୋକଟା ଚାରିଶହ ଟଙ୍କା ଖୁଚୁରା ନିଜ ପାରିଶ୍ରମିକ ବାବଦକୁ ରଖି ପଚାଶହଜାର ଟଙ୍କା ରାଉଣ୍ଡଫିଗର୍ ଜମା କରିଦେଇଛି।

ଓକିଲ ସାହେବ କର ଆକଳନ କଲାବେଳେ ସେଠୀବାବୁଙ୍କୁ ଟେକି କହିଲେ, 'ଆଜ୍ଞା! ଆପଣଙ୍କ ପରି ସଚ୍ଚୋଟ ମୁଁ ଏ କଳିକାଳ ଦୁନିଆରେ କୋଉଠି ବି ଦେଖିନି। ଶେଷରେ ଗାଈକ୍ଷୀର ହିସାବକରି ବି ଦେଶର ଉନ୍ନତି ପାଇଁ କର ପୈଠ କରିଦେଲେ। ସେଠୀବାବୁ ବି କୋଉ କମ୍, ଲମ୍ୱାଭାଷଣ ମାଧ୍ୟମରେ କହିଲେ, 'ଆମେ ନଦେଲେ ଦେବ କିଏ? ଦେଶକୁ ରାଫେଲ୍ ହେଲିକ୍ୟାପ୍ଟର କେମିତି ଆସିବ? କର ଆକଳନ ସାରି ଓକିଲ ମହାଶୟ ସେଠୀବାବୁଙ୍କ ଘରୁ ଫେରିଲାବେଳେ ମୁଖ୍ୟଫାଟକ ବନ୍ଦ ଥିଲା। ଚାକରଟୋକା କହିଲା, 'ସାର୍! ଏଇ ଗୁହାଳ ବାଟେ ପଳାନ୍ତୁ।' ଗୁହାଳ ଭିତରଦେଇ ଓକିଲମହାଶୟ ବାହାରକୁ ଗଲାବେଳେ ନଜର ପଡିଲା ସେହି ରୋଜଗାରିଆ ଦେଶୀଗାଈ ଉପରେ। ଚାକରଟୋକାକୁ ପାଖକୁ ଡାକି ପଚାରିଲେ, 'ବାବୁ! ଏ'ଗାଈ ଦିନକୁ ପାଂଚଲିଟର କ୍ଷୀର ଦେଉଛି? ୟା'ର ପହ୍ନା କାଇଁ? ଚାକରଟୋକା ଯାହା କହିଲା ଓକିଲମହାଶୟଙ୍କ କାନ ତାଢା ହୋଇଗଲା ଏବଂ ଜ୍ଞାନଚକ୍ଷୁ ଖୋଲିଗଲା। ଝପଟି ଝପଟିକି ଗଲାବେଳେ ଓକିଲବାବୁ ଗୁଣୁ ଗୁଣୋଉଥିଲେ, 'ସେଠୀବାବୁ ସତରେ ଖାଲି ସଚ୍ଚୋଟ ନୁହେଁ ବହୁତ ବଡ ସଚ୍ଚୋଟ ବ୍ୟକ୍ତି। ଯଦି ତା'ଙ୍କ ଗୁହାଳରେ ବାଞ୍ଝଗାଈ ବର୍ଷକୁ ଅଠରଶହ ଲିଟର କ୍ଷୀର ଦେଉଥିଲା ତେବେ ଦୁହାଁଳିଆ ଗାଈଟିଏ ଥିଲେ ତ ଦୁଧର ବନ୍ୟା କରି ଦେଇଥାନ୍ତା, ଆମେ ଭାସି ଯାଇଥାନ୍ତୁ। ଗ୍ୟାହାପ..ଶ..ଆମକୁ ବର୍ଷକୁ ପାଂଚଶହ ଗଣି ଦେଲାବେଳକୁ ଫାଟୁଛି, ଜମାଖାତାକୁ ପଚାଶହଜାର କୋଉଠୁ ଆସିଲା କହିପାରୁ ନାହାନ୍ତି, କଣ ନା ବାଞ୍ଝଗାଈଠୁ କ୍ଷୀର ଦୁହିଁଛନ୍ତି। ଘୋର କଳିଯୁଗ, କରୋନା କଣ ମିଛକୁ ଆସୁଛି। ସଂସାର ଧ୍ୱଂସ ହେବା ବେଳ ପାଖେଇ ଆସିଲା ବୋଧେ। ହଁ ମ, କେନ୍ଦ୍ରାପଡା ଚାରିମୂଳ ଆଶ୍ରମରେ ସିମେଂଟ ଗାଈ କ୍ଷୀର ଦେଉଥିଲା ଯେତେବେଳେ ସେଠୀବାବୁଙ୍କ ଗୁହାଳରେ ବାଞ୍ଝଗାଈ ପହ୍ନାରୁ କାହିଁକି କ୍ଷୀର ନ ବାହାରିବ!' ଏକଥା ଚାକରଟୋକା ଶୁଣି ମୁରୁକି ମୁରୁକି ହସୁହସୁ ବାଞ୍ଝଗାଈ ପହ୍ନାରେ ହାତମାରି ସତମିଛ ପରୀକ୍ଷା କରୁଥିଲା। ତା ମନରେ ସନ୍ଦେହ ହେଉଥାଏ ଯେ କାଳେ ସିଏ ଶୋଇଲା ବେଳେ ବାବୁ ବାବୁୟାଣୀ ଗାଈକୁ ଦୁହୁଁଥିବେ!

ସେଠୀସାହେବଙ୍କର ଅବସର ନେବା ଦିନ ଯେତେଯେତେ ପାଖେଇ ଆସୁଥାଏ, ମନ ସେତେ ଉଦାସ ହୋଇ ଭାରି ଲାଗୁଥାଏ। ଯଦିଓ ଅବସର ପରେ ବି ଘରର ଆମଦାନୀ ଚାରି ଲକ୍ଷ ପାଖାପାଖି ହେବ, ତଥାପି ଅମାନିଆ ମନଟା ଜମାରୁ ମାନୁ ନଥାଏ। ମୁର୍ଖବାପାକୁ ଦୋଷ ଦେଉଥାନ୍ତି। ନାଁ ଲେଖେଇଲା ବେଳେ ଷଡଙ୍ଗୀ କି ରାୟବାବୁଙ୍କ ବୋପାପରିକା ଯଦି ଦୁଇ ତିନିବର୍ଷ ଜନ୍ମତାରିଖରେ ଏପଟସେପଟ କରିଥାଆନ୍ତା ତେବେ ଆଉରି ଦି ତିନି ବର୍ଷରେ ଦି ତିନି କୋଟି ମଣିଷ କମେଇ ଦେଇଥାନ୍ତା। ଭାଗ୍ୟ ଖରାପ। ଏମିତିଆ ନିର୍ବୁଦ୍ଧିଆ ବାପାର ପୁଅ ହେବାକୁ ଥିଲା। ଛାଡ, ଏବେ ଆଉ ଭାବି ଲାଭ କଣ! ହଠାତ୍ ଦଶବାର ଲକ୍ଷରୁ ତିନିଚାରି ଲକ୍ଷ ରୋଜଗାର ହେଲାବେଳକୁ ଆତ୍ମାକୁ ବାଧୁଛି। ଦୁଇବର୍ଷପରେ ଧର୍ମପତ୍ନୀ ଅବସର ନେଲାପରେ ଆଉରି ବହୁତ କମିଯିବ। ଏମିତି ଘଡିସନ୍ଧି ବେଳକୁ ରାୟବାବୁଙ୍କ ଫୋନ୍ ଆସିଲା।

\- ସେଠୀ ବାବୁ! କଣ ଚାଲିଛି?

\- କଣ ଆଉ ଚାଲିବ। ମନଦୁଃଖରେ ବସିଛି। ଆଉ ମାତ୍ର ତିନିମାସ। ତାପରେ ତ ଘରେ ବସିବାକୁ ପଡିବ।

\- ଆମ ପରି ସାଙ୍ଗ ଥାଉଥାଉ ଘରେ ବସିବା କଥା ଭୁଲିଯା। ମୁଁ ଏବେ ଏନ୍‌ଏଚ୍‌ଆଇରେ ସିଜିଏମ୍ ଅଛି। ତୁମଘର ଦେଇ ଗୋଟେ ଚାରିଥାକିଆ ରାସ୍ତା ଆରମ୍ଭ ହେବ। କହ! କୋଉ ପୋଷ୍ଟରେ ରହିବୁ? ଏମ୍‌ଏନ୍‌ସି କମ୍ପାନୀ, ଭଲ ଦରମା। ଟିଏଲ୍ ରହିଲେ ଦୁଇ ଲକ୍ଷ, ଆରି ରହିଲେ ଦେଢଲକ୍ଷ। ବାକି ବିଇ କି ଏମ୍‌ଇ ହେଲେ ଲକ୍ଷଟଙ୍କା ଦରମା ମିଳିବ। ତୁ ସେଠି ରହିଲେ ଠିକାଦାର ଆମକଥା ବି ଭଲ ବୁଝିବ। ପ୍ରୋଜେକ୍ଟ କାମରେ ସହ୍ଲାକାରମାନଙ୍କୁ ବି କିଛି କିଛି ମିଳେ। ଯଦିଓ ସରକାରୀ ଚାକିରି ପରି ନୁହେଁ ତଥାପି ଚଳିବ।

\- ଭାଇ! ଟିଏଲ୍ ଆରି ପୋଷ୍ଟରେ କାମ ବେଶୀ। ବିଇ ରହିଲେ ସବୁ ପୋଲଗୁଡାର ଦାୟିତ୍ୱ ରହିବ। ଗୋଟାଏ ଯଦି ଗଳିଗାଳି ପଡିବ, ମଣିଷ ହଇରାଣ। ଏମ୍‌ଇ ଟା ଠିକ୍।

\- ଠିକ୍ ଅଛି। ଏ ପୋ୍ରଜେକ୍ଟର ପ୍ରପୋଜାଲ୍ ଏବେ ଫାଇନାଲ୍ ହେଉଛି। ତୋର ତ ଏବେ ଦୁଇ ତିନିମାସ ଯିବ। ସେମାନେ ଯେଉଁ ଏମ୍‌ଇପ୍ରାର୍ଥୀକୁ ପ୍ରପୋଜ୍ କରିଛନ୍ତି, ଆମେ ତାକୁ ରିଜେକ୍ଟ କରିଦେଉଛୁ। ତୁ ଅବସର ପାଇ ଆସିଲେ ସେହି ପୋଷ୍ଟରେ ଜୟେନ୍ କରିବୁ, ମୋ'କଥା ମନେ ରଖିଥିବୁ।

\- କି କଥା କହୁଛୁ! ଆଜିଠାରୁ ଜାଣ ମୁ ଭଲରେ ଶୋଇବି। ମୋତେ ମାସେହେଲା ନିଦ ହେଉ ନଥିଲା।

\- ଓକେ, ଓକେ ବାୟ୍ ବାୟ୍।

ଯୋଜନା ମୁତାବକ ସବୁକିଛି ହେଲା। ସେଠୀବାବୁଙ୍କୁ ଅବସର ପରେ ବଢିଆ ଅବସରଟିଏ ମିଳିଗଲା। ଏଗାରଟାରେ ଅଫିସ୍ ଆସି ଗୋଟାଏ ବେଳେ ମଧ୍ୟାହ୍ନ ଭୋଜନ ପାଇଁ ଘରକୁ ଯାଇ ଶୋଇଲେ। ଅପରାହ୍ନ ଚାରିଟାରେ ଉଠି ସାଢେ ପାଂଚଟା ପର୍ଯ୍ୟନ୍ତ ଅଫିସରେ କଫି ପି ଘରକୁ ଗଲେ। କିଛିମାସ ପରେ ସେଠୀ ସାହେବ ଠିକାଦାର ପାଖକୁ ଫରମା ପାଇଁ ଗଲେ। ସହ୍ଲାକାରମାନଙ୍କୁ ନିଜନିଜର ମିଳୁଥିବା ଦରମା ଭିତ୍ତିରେ କିଛି ଅଂଶ ଠିକାଦାର ମାସକୁମାସ ଦେଇଥାଏ। କିନ୍ତୁ ଜବରଦସ୍ତି ଚଳିବନି। ଇଚ୍ଛା ପାଇଲେ ଦିଏ ନହେଲେ ନାହିଁ। ଠିକାଦାର ପ୍ରକଳ୍ପ ଅଧିକାରୀ ଏବଂ ସହ୍ଲାକାରମାନଙ୍କ କର୍ମଶୈଳୀ ଉପରେ ଏହାର ପରିମାଣ ଏବଂ ସମୟ ଆଦି ଅନେକାଂଶରେ ନିର୍ଭର କରେ। କିନ୍ତୁ ସରକାରୀ ପଦପଦବୀ ତୁଳନାରେ ଏସବୁ ବହୁତ କମ୍, ନା କେ ବରାବର। ଠିକାଦାରର ଅଫର ପରିମାଣ ସେଠୀସାହେବଙ୍କୁ ପସନ୍ଦ ଆସିଲାନି। ସେ କହିଲେ ଅତିକମ୍‌ରେ ତାଙ୍କୁ ଏହାର ତିନି ଚାରିଗୁଣ ଦରକାର। ଠିକାଦାର ପଛଘୁଂଚା ଦେବାକୁ ବାଧ ହେଲା। ବାରମ୍ବାର ସେଠୀବାବୁ ଠିକାଦାରଙ୍କର ଉପରଉପର ଅଧିକାରୀମାନଙ୍କୁ ଦେଖାକରି ସେହି ଏକା କଥା ଦୋହରାଇଲେ ବି କିଛି ସୁଫଳ ମିଳିଲାନି। ସେମାନେ ସମସ୍ତେ ସେହି ଏକା କଥା କହୁଥାନ୍ତି ଆମେ ଟିଏଲ୍‌କୁ ଏତିକି ଦେଉଛୁ ମାନେ ଆପଣଙ୍କୁ ଏତେ ବେଶୀ କେମିତି ଦେବୁ? ସେଠୀବାବୁ ରାଗିକି କହିଲେ ମୁଁ କେତେ ବଡପଦବୀରୁ ଅବସର ନେଇ ଏ ଛୋଟ ପଦବୀରେ ଅଛି। ମୋ ସାଙ୍ଗ ସବୁ ତୁମର ବଡବଡ ଅଧିକାରୀ। ସାଧାରଣ ସେ ଛୁଆ ଭିକାରି ଟିଏଲ୍ ମୋର ସମାସ୍କନ୍ଦ! ତାକୁ ଯାହା ଦେଉଛ ଦିଅ, କିନ୍ତୁ ମୋତେ ଏତିକି ହେଲେ ନେବି ନହେଲେ ନାହିଁ। ଦୁହେଁ ନିଜନିଜ ଜିଦିରେ ଅଟଳ ରହିବାରୁ ଶେଷରେ ପ୍ରୋଜେକ୍ଟ କାମ ଆଗେଇଲା। ସମସ୍ତଙ୍କ ପାଖରେ ମୁହଁ ଖର୍ଚ୍ଚକରି ନିରାଶ ହେବାପରେ ସେଠୀବାବୁ ସେହି ଠିକାଦାର ପାଖକୁ ଯାଇ ପ୍ରଥମରୁ ଏପର୍ଯ୍ୟନ୍ତ ଯାହା କହୁଥିଲେ ସେତିକି ଦେବାକୁ ଅନୁରୋଧ କରିବାରୁ ଠିକାଦାର ଆଉ ମାନିଲାନି। ତାପରେ ସେ ପାଲଟିଗଲେ ବିଷକନ୍ୟା, ଯାହାକୁ ପାଇଲେ ଚୁମିଲେ ଏବଂ ମାରିଚାଲିଲେ। କିଛିଦିନ ତଳେ ମୋତେ ବି ତାଙ୍କ ଦଂଶନର ଶିକାର ହେବାକୁ ପଡିଛି। ଏବେ ବି ସେ ମହାଶୟ ଅନ୍ୟ ଏକ ସୁଯୋଗ ଅପେକ୍ଷାରେ। ଏସବୁ ଘଟଣାକ୍ରମକୁ ପାଠକ ଯଦି ତର୍ଜମା କରନ୍ତି ତେବେ ଏ ଅସ୍ଥାୟୀ ଡେପୁଟେସନ୍ ଏବଂ ଅବସର ପ୍ରାପ୍ତ ଦୁର୍ନୀତିଖୋର ଅଧିକାରୀଗଣ କେମିତି ଆମଦେଶକୁ ଖୋଳ କରୁଛନ୍ତି ସହଜରେ ବୁଝିହେବ। ଏଥିରେ ଯେଉଁ ସରକାର ଆସୁ କିଏ ବା କ'ଣ ବା କରିପାରିବ? ଅବସର ପରେ ଅବସର ଦେଲେ ଆତ୍ମନିର୍ଭର ଭାରତ ଏବଂ ପାଂଚଟ୍ରିଲିୟନ୍ ଆର୍ଥିକ ଶକ୍ତିବାଲା ସ୍ୱପ୍ନ ସ୍ୱପ୍ନରେ ହିଁ ରହିବ। ସମୟ ଆସିଛି। ଏବେ ସମସ୍ତ ନାଲାୟେକ୍ ନିକମ୍ମା ଏବଂ ବିଷକନ୍ୟାମାନଙ୍କୁ ବାହାରକରି ଯୁବଗୋଷ୍ଠିଙ୍କୁ ପ୍ରୋତ୍ସାହନ ଦେଲେ ଯାଇ ୨୦୨୨ମସିହାରେ ମୋଦୀଜୀଙ୍କର ନୂଆ ଓ ସଶକ୍ତ ଭାରତ ପ୍ରତିଜ୍ଞା ପୂରା ହୋଇପାରେ।


ଖଣ୍ଡଗିରି, ଭୁବନେଶ୍ୱର-୧୯
**bdpanda1@gmail.com,**
ମୋ-୯୪୩୯୧୨୮୦୫୦

# ଅନଲାଇନରେ ଶିଶୁଙ୍କୁ ସହାୟତା ପାଇଁ ପିକକ୍ ଆରମ୍ଭ କଲା ହେଲ୍ପ ଲାଇନ

## ପରାମର୍ଶ ସହ ମିଳିବ କ୍ୟାରିଅର କାଉନସେଲିଂ

ଭୁବନେଶ୍ୱର,୨୭।୧୨ (ନି.ପ୍ର): ସହାୟତା ଚାହୁଁଥିବା ଶିଶୁ ଓ ସେମାନଙ୍କ ଅଭିଭାବକଙ୍କୁ ଅନଲାଇନ ମାଧ୍ୟମରେ ସମସ୍ତ ପ୍ରକାର ପରାମର୍ଶ ଓ ସହଯୋଗ ଲାଗି ସ୍ୱେଚ୍ଛାସେବୀ ସଂସ୍ଥା ପିପୁଲସ କଲଚରାଲ ସେଂଟର (ପିକକ) ଆରମ୍ଭ କରିଛି ଅନଲାଇନ ସହାୟତା ବ୍ୟବସ୍ଥା । ଏଥିପାଇଁ ପିକକ ପକ୍ଷରୁ ୱେବସାଇଟ ଓ ହ୍ୱାଟସ ଅପ ନମ୍ବର ୭୮୪୯୦୧୦୦୨୧ ଏବଂ ଲ୍ୟାଣ୍ଡଲାଇନ ନମ୍ବର ୦୬୭୪-୨୩୫୨୨୭୮ ଜାରି କରାଯାଇଛି । ଆଜି ପିକକ ପକ୍ଷରୁ ଆୟୋଜିତ ଏକ ଭର୍ଚୁଆଲ କର୍ମଶାଳାରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସଂଧ୍ୟାବତୀ ପ୍ରଧାନ ଏହି ୱେବସାଇଟ୍‌କୁ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଶ୍ରମତୀ ପ୍ରଧାନ ସୁରକ୍ଷିତ ଓ ଗୁଣାତ୍ମକ ଶିକ୍ଷା ସମ୍ପର୍କରେ ଏକ ଆଲୋଚନାଚକ୍ରର ମଧ ଉଦଘାଟନ କରିଥିଲେ । ପିକକର ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହିତ ସାରା ଓଡିଶା ଓ ଓଡିଶା ବାହାର ଶିଶୁମାନେ ଏହାଦ୍ୱାରା ସହାୟତା ପାଇପାରିବେ ବୋଲି ସେ କହିଛନ୍ତି । ବିଶେଷକରି ଏହି ସେବା ମାଧ୍ୟମରେ ଶିଶୁମାନଙ୍କୁ ସାମାଜିକ ମନସ୍ତତ୍ୱର ସହାୟତା ପାଇଁ ଯେଉଁ ବ୍ୟବସ୍ଥା କରିଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ । ସେ କହିଥିଲେ ଯେ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ସମସ୍ତଙ୍କୁ ଶିକ୍ଷାପ୍ରଦାନ କରିବା ପାଇଁ ବେସରକାରୀ ସଂଗଠନ, ସରକାରୀ ବିଭାଗ ଓ ଶିଶୁ ଅଧିକାର ସୁରକ୍ଷା ଆୟୋଗ ମଧ୍ୟରେ ସମନ୍ୱୟ ରହିବା ଆବଶ୍ୟକ । କୋଭିଡ ମହାମାରୀ ସମୟରେ ପିଲାଙ୍କ ପାଠପଢା ଗୁରୁତର ବ୍ୟାହତ ହୋଇଥିବାବେଳେ ତାହା ପୁଣି କିଭଳି ପୂର୍ବାବସ୍ଥାକୁ ଫେରିବ ସେଥିପାଇଁ ମିଳିତ ଉଦ୍ୟମ ଆବଶ୍ୟକ ବୋଲି ଶ୍ରୀମତୀ ପ୍ରଧାନ ମତ ଦେଇଥିଲେ । ପିକକର ଅଧ୍ୟକ୍ଷା ମିନାକ୍ଷୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ପିକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଅନଲାଇନ ସହାୟତା ସଂକ୍ରାନ୍ତରେ ସୂଚନା ଦେଇଥିଲେ । ଏହା ମାଧ୍ୟମରେ କୈଶୋର ସମସ୍ୟା, କ୍ୟାରିଅର କାଉନସେଲିଂ ଓ ବିଭିନ୍ନ କୌଶଳ ଶିକ୍ଷା ମଧ ଯୋଗାଇ ଦିଆଯିବ । ପିକକ ଓ ଶିକ୍ଷା ସନ୍ଧାନ ପକ୍ଷରୁ କେନ୍ଦୁଝର ଓ ମୟୁରଭଞ୍ଜର ୫୦ଟି ଗ୍ରାମରେ ଗତ ତିନିବର୍ଷ ଧରି ଶିଶୁ ଅଧିକାର ଅଭିଯାନ ଚାଲିବା ନେଇ ଶ୍ରୀମତୀ ମହାନ୍ତି ସୂଚନା ଦେଇଥିଲେ । ଏହି କର୍ମଶାଳାରେ ଯୋଗଦେଇ ଓସେପାର ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ତରାଇ କୋଭିଡ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଶିକ୍ଷାଦାନ ପାଇଁ ସରକାର ଗ୍ରହଣ କରିଥିବା ପଦକ୍ଷେପ ସଂକ୍ରାନ୍ତରେ ସୂଚନା ଦେଇଥିଲେ । ବିଶେଷକରି ଛାତ୍ରଛାତ୍ରୀଙ୍କ ପାଇଁ ରେଡିଓ ପାଠଶାଳା ଓ ଶିକ୍ଷାଦର୍ପଣ ଭଳି କାର୍ଯ୍ୟକ୍ରମ ଜାରି ରହିଥିବାବେଳେ ବିଦ୍ୟାଳୟଗୁଡିକ ପ୍ରସ୍ତୁତ ଥିବା କହିଥିଲେ । ନୀତି ଆୟୋଗରେ ଶିଶୁ ଅଧିକାର ସୁରକ୍ଷା ଷ୍ଟାଣ୍ଡିଂକମିଟିର ସଦସ୍ୟ ଥିବା ସଞ୍ଜୟ ମିଶ୍ର ପିକକ ଦ୍ୱାରା ଆରମ୍ଭ କରାଯାଇଥିବା ହେଲ୍ପଲାଇନକୁ ପ୍ରଶଂସା କରିଥିବାବେଳେ ସମସ୍ତ ଶିଶୁ କିଭଳି ଶିକ୍ଷାଲାଭ କରିବେ ସେଥିପାଇଁ ମିଳିମିଶି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ମିହଳା ଓ ଶିଶୁ ବିକାଶ ବିଭାଗର ପରାମର୍ଶଦାତା ମଧୁମିତା ଦାସ ଆଦ୍ୟ ଶୈଶବରେ ପିଲାଙ୍କ ଯତ୍ନ ଓ ପାଠପଢା ନେଇ ସରକାର ଗ୍ରହଣ କରିଥିବା ବିଭିନ୍ନ ଯୋଜନା ସଂକ୍ରାନ୍ତରେ ସୂଚନା ଦେଇଥିଲେ । ପିକକର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଏହି ଅବସରରେ କହିଥିଲେ ଯେ ଅନଲାଇନ ହେଲ୍ପଲାଇନ ହେଉଛି ଏକ ନୂତନ କାର୍ଯ୍ୟକ୍ରମ । ଏହାର ସଫଳତା ପାଇଁ ସମସ୍ତଙ୍କ ସହଯୋଗ ଲୋଡା । ପିଲାଙ୍କ ଉପରେ ହେଉଥିବା ହିଂସା ରୋକିବାକୁ ସମସ୍ତେ ସହଯୋଗ କରିବା ଆବଶ୍ୟକ । ବିଭିନ୍ନ ବିଭାଗର ସହାୟତାରେ ହେଲ୍ପଲାଇନ ଜରିଆରେ ପିଲାଙ୍କୁ ସହାୟତା ଯୋଗାଯାଇ ପାରିବ । ବର୍ତ୍ତମାନ ସୁଦ୍ଧା ପିକକ ପ୍ରାୟ ୩୫ହଜାର ପିଲାଙ୍କୁ ବିଭିନ୍ନ ଶ୍ରମ କ୍ଷେତ୍ରରୁ ଉଦ୍ଧାର କରି ବିଦ୍ୟାଳୟକୁ ପଠାଇଥିବା ସେ ସୂଚନା ଦେଇଥିଲେ । ଶିଶୁଶ୍ରମ ଉଚ୍ଛେଦ ପାଇଁ ନିରାପଦ ଓ ଗୁଣାତ୍ମକ ଶିକ୍ଷା ଏକ ଜରୁରୀ ଆବଶ୍ୟକତା ବୋଲି ସେ କହିଥିଲେ । ଶେଷରେ ପିକକର କୋଷାଧ୍ୟକ୍ଷା ଶ୍ରମତୀ ରତ୍ନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଲକାନଗିରିରେ ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ ପାଳିତ

ମାଲକାନଗିରି,୨୭।୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ୨୪ ତମ ପ୍ରତିଷ୍ଠା ଦିବସ ମାଲକାନଗିରି ନିର୍ବାଚନ ମଣ୍ଡଳୀ ର ମାଲକାନଗିରି ସଦର ନଗର ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମାଲକାନଗିରି ଭୈରବୀ ମନ୍ଦିର ଠାରୁ ଏକ ମୋଟର ସାଇକେଲ୍ ରାଲି ଆରମ୍ଭ କରି ମାଲକାନଗିରି ପୌରପରିଷଦ ର ପ୍ରତ୍ୟେକ ୱାର୍ଡ ପରିକ୍ରମା କରି ବିଜୁ ପଟ୍ଟନାୟକ ଅମର ରହେ ,ନବୀନ ପଟ୍ଟନାୟକ ଜିନ୍ଦା ବାଦ ନାରା ଦେଇ ମାଲକାନଗିରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଳ ,ଦୀପ ପ୍ରଜ୍ଜ୍ୱଳନ କରି ଥିଲେ !ପରେ ମାଲକାନଗିରି ପୌରପରିଷଦ ନଗର ଭବନ ମୋଟର ସାଇକେଲ ରାଲିରେ ସମସ୍ତ ବିଜୁ କର୍ମୀ ପହଂଚି ଥିଲେ । ନଗର ଭବନ ଠାରେ ବିଜୁ ଜନତା ଦଳ ୨୪ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା ,ଏଥିରେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ଦୁର୍ଗା ତ୍ରିପାଠୀ ଯୋଗ ଦେଇ ବିଜୁ ବାବୁ ଙ୍କ ଫୋଟ ଚିତ୍ରରେ ପୁଷ୍ପମାଳ ଓ ଦୀପ ପ୍ରଜ୍ଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ଆଜିର ସଭାରେ ମଂଚ ପରିଚାଳନା କରିଥିଲେ ବରିଷ୍ଠ ବିଜେଡି ନେତା ତଥା ବିଜେଡି ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା ଓ ଆଜିର ପ୍ରତିଷ୍ଠା ଦିବସ ର ସମସ୍ତ ଆୟୋଜନ କରିଥିଲେ ଜିଲ୍ଲା ବିଜେଡି ସାଙ୍ଗଠନିକ ସମ୍ପାଦକ ନୃସିଂହ ଚରଣ ମହାନ୍ତି ଏବଂ ଅନ୍ୟତମ ବରିଷ୍ଠ ନେତାମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଗୋପାଳ କୃଷ୍ଣ ପଣ୍ଡା ,ପ୍ରଭାକର ପ୍ରଧାନ ,ରାଜବନ୍ତ କୌର ,ସୁବାଷ ବାନାର୍ଜୀ ,ରବିନାରାୟଣ ପାତ୍ର, ଭବାନୀ ଶଙ୍କର ମିଶ୍ର, କୋଷାଦକ୍ଷ ମନୋଜ ବାରିକ, ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଦାଶରଥି ବେହେରା, , ସୁସେନ ବୋଷ, ଯୁବ ସଭାପତି ଆଡ଼ମା ରାବା ଉପସଭାପତି କନଟେଶ୍ୱର ପଟଲା, ମୁନିସିପାଲିଟି ବିଜୁ ଯୁବଜନତା ଦଳ ସଭାପତି ରାଜୀବ ଲୋଚନ ସୀସା, ମୁନିସିପାଲିଟି ବିଜୁ ଯୁବଜନତା ଦଳ ଉପସଭାପତି ମିଲନ ସରକାର, ମୁନିସିପାଲିଟି ବିଜୁ ଛାତ୍ର ଜନତା ଦଳ ସଭାପତି ଏ.ରାଜୁ, ସହ ସୁକେଶ ସୁନା, ସତୀଶ ଗୌଡ଼, ସି.ଏଚ. ପ୍ରକାଶ କୁମାର, ଏମ. ରାହୁଲ ରାଓ, ବିଭୁତି ଭୂଷଣ, ସମୀର ବାଘ ପ୍ରମୁଖ ଉପସ୍ଥିତ ଥିଲେ ଆଜି ଠାରୁ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମ ବର୍ଷସାରା ସମାଜ କଲ୍ୟାଣ କାର୍ଯ୍ୟକ୍ରମ ଓ ଲୋକସେବା ମାଧ୍ୟମରେ ମାଲକାନଗିରି ଜିଲ୍ଲାବାସୀ ଙ୍କ ଆହୁରି ନିକଟତର ହେବା ,ଦଳୀୟ ଏକତା ,ଶୃଙ୍ଖଳା ବଜାୟ ରଖି ତ୍ୟାଗ ,ଏବଂ ନିଷ୍ଠାର ସହିତ ମାଲକାନଗିରି ଜିଲ୍ଲା ବାସୀଙ୍କ ସେବାରେ ନିଜକୁ ପୂର୍ଣ୍ଣ ପ୍ରାଣରେ ସମର୍ପିତ କରିବା ହିଁ ହେବ । ଏହି ପ୍ରତିଷ୍ଠା ଦିବସରୁ ଆଗାମୀ ନିର୍ବାଚନ ଓ ଦଳୀୟ କାର୍ଯ୍ୟକ୍ରମ ଖସଡ଼ା ଓ ମାଲକାନଗିରି ଜିଲ୍ଲା ବାସୀଙ୍କ ଆସ୍ଥା ବଜାୟ ରଖିବା,ଜନ ସେବାକୁ ଆମ୍ଭ ରାଜନୀତିର ମୂଳମନ୍ତ୍ର ଭାବେ ଗ୍ରହଣ କରିବା ଓ ନିଜ ନିଜର ପ୍ରତିବଦ୍ଧତା ଦୋହରାଇବା ପାଇଁ ସମସ୍ତ ବିଜୁ କର୍ମକର୍ତ୍ତା ଶପଥ ନେଇଥିଲେ !

# ଆଦିବାସୀ ସାହିରେ କମ୍ବଳ ବିତରଣ

ଭଦ୍ରକ,୨୭।୧୨ (ନି.ପ୍ର): ଭଣ୍ଡାରିପୋଖରୀ ବ୍ଲକର ରାମଚନ୍ଦ୍ରପୁର ପଞ୍ଚାୟତ ଭୂତିଆ ଆଦିବାସୀ ସାହିରେ ଭାରତୀୟ ଜନତା ପାର୍ଟି ପକ୍ଷରୁ କମ୍ବଳ ବିତରଣ କରାଯାଇଛି । ପୂର୍ବତନ ପ୍ରଧାନମନ୍ତ୍ରୀ ଭାତରରନ୍ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳନ ଅବସରରେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରୀନାରାୟଣ ଧଳଙ୍କ ନେତୃତ୍ୱରେ ଶୀତଜାଡରୁ ରକ୍ଷା ପାଇବା ପାଇଁ କମ୍ବଳ ବିତରଣ କରାଯାଇଥିଲା । ଯୁବ ନେତା ସ୍ୱରାଜ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ମହାପାତ୍ର, ମହିଳା ମୋର୍ଚ୍ଚା ସଭାନେତ୍ରୀ ତପସ୍ୱନୀ ମହାପାତ୍ର, ଭଗବାନ ସାମଲ, କ୍ଷୀରୋଦ ରାୟ, ସମୀର ରାଉତ, କୃପାସିନ୍ଧୁ ବାରିକ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ ।

# ଷ୍ଟେଟ୍ ବ୍ୟାଙ୍କ ଗ୍ରାହକ ସେବାକେନ୍ଦ୍ର ଖୋଲିବାକୁ ଜିଲ୍ଲା ପରିଷଦ ସଭ୍ୟାଙ୍କ ଦାବି

କେନ୍ଦ୍ରାପଡା ,୨୭।୧୨ (ନି.ପ୍ର): ଭାରତ ସରକାର ୨୦୧୫ ମସିହାରେ ପ୍ରତି ଗ୍ରାମ ପଂଚାୟତରେ ଷ୍ଟେଟ୍ ବ୍ୟାଙ୍କ ଶାଖା ଓ ଗ୍ରାହକ ସେବାକେନ୍ଦ୍ର ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ କେନ୍ଦ୍ରାପଡା ବ୍ଲକ ଅଧିନ ଢୋଲ ପଂଚାୟତରେ ଷ୍ଟେଟ୍ ବ୍ୟାଙ୍କ ର କୌଣସି ଶାଖା ଖୋଲାଯାଇ ନଥିବାରୁ ପ୍ରାୟ ୫ହଜାର ଗ୍ରାମବାସୀ ୧୦ କିମି ଦୂରରେ ଥିବା ସିଣ୍ଡିକେଟ୍ ବ୍ୟାଙ୍କ ଉପରେ ନିର୍ଭର କରି ବହୁ ହଇରାଣ ହରକତ ହେଉଛନ୍ତି । ଜନ ସାଧାରଣଙ୍କ ପାଇଁ ଆସୁଥିବା ବାର୍ଦ୍ଧକ୍ୟ, ଭିନ୍ନକ୍ଷମ, ଶ୍ରମିକ,କାଳିଆ ଯୋଜନା ଓ କୃଷକ ଭତା ସହିତ ମନରେଗା ଅର୍ଥ ପାଇବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସବୁ ଅସୁବିଧାକୁ ନେଇ ୫ନଂ ଜୋନ ଜିଲ୍ଲା ପରିଷଦ୍ୟ ସଭ୍ୟା ରେସମୀ ଚକ୍ରବର୍ତ୍ତୀ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ସହିତ ଢୋଲ ପଂଚାୟତରେ ଷ୍ଟେଟ୍ ବ୍ୟାଙ୍କ ଶାଖା ସମେତ ଗ୍ରାହକ ସେବାକେନ୍ଦ୍ର ଖୋଲିବାକୁ ଦାବି ଜଣାଇଛନ୍ତି ।

# ଭିନ୍ନ ଏକ ଧାରାର ମଣିଷ ବିକାଶ ଦାଶ

## ଅତିରିକ୍ତ ଏସପିଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ଭଦ୍ରକ,୨୭।୧୨ (ନି.ପ୍ର): ପୁଲିସ ବିଭାଗରେ ଚାକିରୀ କରିଥିଲେ ମଧ କଳା, ସାହିତ୍ୟ, ସଂସ୍କୃତିରେ ପୂର୍ଣ୍ଣ ରୁଚି ରଖିଥିବା ଏକ ଭିନ୍ନ ଧାରାର ମଣିଷ ହେଉଛନ୍ତି ଭଦ୍ରକର ଅତିରିକ୍ତ ଏସ୍‌ପି ବିକାଶ ଦାଶ । ଜଣେ କ୍ରୀଡାବିତ୍, ସଂଗୀତ ପ୍ରେମୀ ତଥା ମଣିଷଙ୍କୁ ଅତି ନିକଟରୁ ଚିହ୍ନି ପାରି ସହାୟତାର ହାତ ବଢାଉଥିବା ମଣିଷ ବିକାଶ ଦାଶ ବୋଲି ଆଜି ଭଦ୍ରକ ୱାନ୍ ଷ୍ଟପ୍ ସେଣ୍ଟରରେ ଅନୁଷ୍ଠିତ ତାଙ୍କ ବିଦାୟ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଭଦ୍ରକର ଅତିରିକ୍ତ ଏସ୍‌ପି ଥିବା ବିକାଶ ଦାଶଙ୍କର ଝାରସୁଗୁଡା ଏସ୍‌ପି ଭାବେ ପଦୋନ୍ନତି ହେବା ପରେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଫେଲୋସିପ୍ ଆନୁକୂଲ୍ୟରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଫେଲୋସିପ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି ଅଧ୍ୟକ୍ଷତା କରିଥିଲେ । ଶ୍ରୀ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇ ଶ୍ରୀ ଦାଶଙ୍କ ଫେଲୋସିପ୍ ସଂସ୍ଥା, ପରିବାର ପରାମର୍ଶ କେନ୍ଦ୍ର ଓ ୱାନ୍ ଷ୍ଟପ୍ ସେଣ୍ଟର ସହିତ ରହିଥିବା ସମ୍ପର୍କର ରୋମନ୍ଥନ କରିଥିଲେ । ଅନ୍ୟ ମଞ୍ଚାସିନ ଅତିଥିଙ୍କ ମଧ୍ୟରେ ଫେଲୋସିପ୍‌ର ସମ୍ପାଦକ ଏସ୍. ଏମ୍. ଫାରୁକ, ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଆବାହାକ ସେବକ ଶରତ ଚନ୍ଦ୍ର ସାହୁ ଶ୍ରୀ ଦାଶଙ୍କ କାର୍ଯ୍ୟ ଦକ୍ଷତାର ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ଶ୍ରୀ ଦାଶଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଭଦ୍ରକ ଜିଲ୍ଲାର ରହଣି ସମୟରେ ଏକ ସ୍ୱତନ୍ତ୍ର ଅନୁଭୂତି ଆହରଣ କରିଥିବା ବେଳେ ଭଦ୍ରକ ସହିତ ତାଙ୍କର ସମ୍ପର୍କ ସବୁଦିନ ପାଇଁ ଅତୁଟ ରହିବ ବୋଲି ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ଦାଶ ପ୍ରକାଶ କରିଥିଲେ । ଶେଷରେ ୱାନ୍ ଷ୍ଟପ୍ ସେଣ୍ଟରର ଆଡିମିନିଷ୍ଟ୍ରେଟିଭ୍ ଅଫିସର ସ୍ୱପ୍ନାରାଣି ବଳ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ଫେଲୋସିପ୍, ପରିବାର ପରାମର୍ଶ କେନ୍ଦ୍ର, ୱାନ୍ ଷ୍ଟପ୍ ସେଣ୍ଟରର ସମସ୍ତ କର୍ମକର୍ତ୍ତା, କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ୨୦ ତାରିଖରୁ କନ୍ଧମାଳରେ ଶୀତ ଲହରୀ ଜାରି

କନ୍ଧମାଳ,୨୭।୧୨ (ନି.ପ୍ର): ଚଳିତ ବର୍ଷ କନ୍ଧମାଳରେ ଶୀତ ଋତୁର ଆରମ୍ଭରେ ଶୀତର ମାତ୍ରା କମ ରହିଥିବାବେଳେ ଏହା ହଠାତ ଗତ ୨୦ ତାରିଖରୁ ବୃଦ୍ଧି ପାଇଛି । ଏହାପୁର୍ବରୁ ଜିଲ୍ଲାରେ ସର୍ବ ନିମ୍ନ ତାପମାତ୍ରା ୧୦ରୁ ୧୪ ଡିଗ୍ରୀ ସେଲସିଆସ ମଧ୍ୟରେ ରହି ଆସୁଥିଲା ହେଲେ ଗତ ୨୦ ତାରିଖରୁ ଫୁଲବାଣୀର ତାପମାତ୍ରା ହଠାତ୍ ତଳକୁ ଖସି ୫.୫ ଡିଗ୍ରୀ ଏବଂ ଜିଲ୍ଲାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡିର ୯ ଡିଗ୍ରୀରେ ପହଂଚଥିଲା । ଫଳରେ ଜିଲ୍ଲାରେ କୋହଲା ପବନ ଏବଂ ଭୀଷଣ ଶୀତର ପ୍ରଭାବ ଲୋକଙ୍କ ଜୀବନକୁ ଅସ୍ତବ୍ୟସ୍ତ କରିଛି । ଗତ ଚାରି ଦିନ ଧରି ଜିଲାର ଦାରିଙ୍ଗବାଡି, ଜି ଉଦୟଗିରି ଓ ଅନ୍ୟ ଆଭ୍ୟନ୍ତରୀଣ ଅଂଚଳ ମାନଙ୍କରେ ତୁଷାରପାତ ଜାରୀ ରହିଥିବା ବେଳେ ଫୁଲବାଣୀ ସହରର ବିଭିନ୍ନ ସ୍ଥାନରେ ତୁଷାରପାତ ଦେଖିବାକୁ ମିଳିଛି । ବୁଧବାର ଫୁଲବାଣୀ ସହରରେ ଲଗାତାର ତୃତୀୟ ଦିନ ପାଇଁ ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀ ଥିବା ବେଳେ ଦାରିଙ୍ଗବାଡିରେ ୫ ଡିଗ୍ରୀ ରହିଥିଲା । ଆଜି ଫୁଲବାଣୀର ସର୍ବନିମ୍ନ ତାପମାତ୍ରା ୫.୫ ଡିଗ୍ରୀ ସେଲସିଅସ ରହିଥିବାବେଳେ ଦାରିଙ୍ଗବାଡିରେ ୬ ଡିଗ୍ରୀ ସେଲସିଅସ ରହିଛି । ସକାଳୁ ଫୁଲବାଣୀ ବସଷ୍ଟାଣ୍ଡ ଓ ଅନ୍ୟ କେତେକ ସ୍ଥାନରେ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି । ଜି.ଉଦୟଗିରି ଠାରେ ପୂର୍ବ ଦିନ ମାନଙ୍କ ପରି ବୁଧବାର ଅଧିକ ତୁଷାରପାତ ଦେଖିବାକୁ ମିଳିଛି । ସକାଳୁ ସକାଳୁ ଘର ମାନଙ୍କ ଛାତ ଏବଂ ପାଳଗଦା ଉପରେ ତୁଷାରର ମୋଟା ଆସ୍ତରଣ ଦେଖାଯାଇଛି । ଦିନକୁ ଦିନ ପାରଦ ତଳକୁ ଖସୁଥିବାରୁ ଜନଜୀବନ ଦୁର୍ବିସହ ହୋଇପଡିଛି । କଳିଙ୍ଗା, ଲିଙ୍ଗାଗଡ, କଟିଙ୍ଗିଆ, ପାବୁରିଆ, ମାଲିକପଡି, ରଟିଙ୍ଗିଆ, ଗ୍ରେସିଙ୍ଗିଆ ଭଳି ଗ୍ରାମାଂଚଳରେ ଜାଡର ପ୍ରଭାବ ଅଧିକ ଅନୁଭୁତ ହେଉଥିବା କୁହାଯାଉଛି । ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ରାତିରେ ନିଆଁ ଜାଳି ବସି ରହୁଛନ୍ତି । ଅପରପକ୍ଷରେ ମାତ୍ରାଧିକ ଥଣ୍ଡା ଓ ତୁଷାରପାତ କାରଣରୁ ଚାଷୀ ମାନଙ୍କ ମଧ୍ୟରେ ଭାଳେଣି ପଡିଛି । ଲଗାତାର ତୁଷାରପାତ ହେଲେ ଶୋରିଷ ଫସଲ ସହିତ ପନି ପରିବାରେ ଜଉ ପୋକ ଲାଗିବାର ଆଶଙ୍କା ରହିଚି ବୋଲି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦେବାଶୀଷ ମିଶ୍ର ସୂଚନା ଦେଇଛନ୍ତି । ସେହିପରି ଦାରିଙ୍ଗବାଡିରେ ତୁଷାରପାତ ହୋଇଛି । ଦାରିଙ୍ଗବାଡିରେ ମଙ୍ଗଳବାର ରାତିର ତାପମାତ୍ରା ୫.୫ ଥିବା ବେଳେ ବୁଧବାର ଏହା ୫କୁ ଖସି ଆସିଛି । ପାରଦର ଏହି କ୍ରମାଗତ ନିମ୍ନଗତି ନିରାଶ୍ରୟ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଶୁକ୍ରବାର ସକାଳୁ ଦାରିଙ୍ଗବାଡି ସମେତ ଆଖପାଖ ଅଂଚଳରେ ବିଭିନ୍ନ ସ୍ଥାନରେ ବରଫର ଘନ ଆସ୍ତରଣ ଦେଖିବାକୁ ମିଳିଛି । ଲୋକଙ୍କ ପାଇଁ ଏହି ଥଣ୍ଡା କ୍ରମଶଃ ଅସହ୍ୟ ହୋଇ ପଡୁଥିବା ଲକ୍ଷ୍ୟ କରାଯାଇଛି ।

# ସ୍ୱାସ୍ଥ୍ୟ ବିଭାଗୀୟ କିରାଣୀଙ୍କ କରୋନାରେ ମୃତ୍ୟୁ

ବାରିପଦା ,୨୭।୧୨ (ନି.ପ୍ର): ମୟୂରଭଂଜ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କିରାଣୀ ଅଜୟ ପ୍ରଧାନଙ୍କ ୪୫ ବର୍ଷ ବୟସରେ କରୋନାରେ ପରୋଲୋକ ଘଟିଥିବାର ଜଣାଯାଇଛି । ଡିସେମ୍ବର ୧୯ ତାରିଖରେ ସେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ପ୍ରଥମେ ବାଙ୍କିଶୋଳ କୋଭିଡ ହସପିଟାଲରେ ଭର୍ତ୍ତି ହୋଇଥିଲେ । ଏହାପରେ ସେ ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର କିମସ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଶୁକ୍ରବାର ପୂର୍ବାହ୍ନ ୭.୪୫ ମିନିଟରେ ତାଙ୍କର ମୃତ୍ୟୁ ଘଟିଥିବାର ଜଣାଯାଇଛି । ସେ କୋଭିଡ ୧୯ର ସମସ୍ତ ଆମ୍ବୁଲାନ୍ସ ପରିଚାଳନା ଦାୟୀତ୍ୱରେ ଥିଲେ । ତାଙ୍କର ପତ୍ନୀ ସହିତ ଜଣେ ପୁଅ ଓ ଜଣେ ଝିଅ ଅଛନ୍ତି । ତାଙ୍କର ନିଜ ଘର ଠାକୁରମୁଣ୍ଡା ଠାରେ ହୋଇଥିବା ବେଳେ ସେ ବାରିପଦା ପାଲବଣୀ ଠାରେ ଅବସ୍ଥାନ କରୁଥିଲେ । ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ, ଓଡିଶା ଫାର୍ମାଶିଷ୍ଟ ସେବା ସଂଘ ମୟୂରଭ ଜିଲ୍ଲା ଶାଖା ପକ୍ଷରୁ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହିତ ତାଙ୍କୁ କୋଭିଡ ଯୋଦ୍ଧା ଭାବରେ ଘୋଷଣା କରିବା ପାଇଁ ସରକାରଙ୍କୁ ଅନୁରୋଧ ଜଣାଇଛନ୍ତି ।

# ଧାନବାଦରୁ ଆଲପୁଝା ଭାୟା ସମ୍ବଲପୁର ଦେଇ ସ୍ୱେଶାଲ ଟ୍ରେନ୍ ଚଳାଚଳ

ସମ୍ବଲପୁର,୨୭।୧୨ (ନି.ପ୍ର): ଯାତ୍ରୀମାନଙ୍କର ଅତିରିକ୍ତ ଭିଡ଼କୁ ଦୃଷ୍ଟିରେ ରଖି ରେଳବାଇ ଏହା ନିଷ୍ପତି ନେଇଛି ଯେ, ୦୩୩୫୧/ ୦୩୩୫୨ ଧାନବାଦ-ଆଲପୁଝା-ଧାନବାଦ ସ୍ୱେଶାଲ ଟ୍ରେନ୍ ଭାୟା ସମ୍ବଲପୁର ୧ ଜାନୁଆରୀ - ୨୦୨୦ରୁ ଚଳାଚଳ କରିବ । ଟ୍ରେନ୍ ସଂଖ୍ୟା ୦୩୩୫୧ ଧାନବାଦ-ଆଲପୁଝା ସ୍ୱୋଶାଲ ଏକ୍ସପ୍ରେସ୍ ଟ୍ରେନ୍ ଧାନବାଦରୁ ୧ ଜାନୁଆରୀ-୨୦୨୧ ଦିନ ୧୧.୪୦ ମି.ରେ ଛାଡ଼ି ଯାତ୍ରାର ତୃତୀୟ ଦିବସରେ ଆଲପୁଝାଠାରେ ଅପରାହ୍ନ ୩.୨୫ ମି.ରେ ପହଂଚିବ । ସେହିପରି ଟ୍ରେନ୍ ସଂଖ୍ୟା ୦୩୩୫୨ ଆଲପୁଝା-ଧାନବାଦ ସ୍ୱେଶାଲ ଏକ୍ସପ୍ରେସ ଟ୍ରେନ୍ ଆଲପୁଝାରୁ ୪ ଜାନୁୟାରୀ ୨୦୨୧ ସକାଳ ୬ଟାରେ ଛାଡ଼ି ଯାତ୍ରାର ତୃତୀୟ ଦିବସରେ ଧାନବାଦଠାରେ ଦିନ ୧୦.୨୦ ମି.ରେ ପହଂଚିବ । ଏହି ଟ୍ରେନ୍ ଦ୍ୱୟ ପୂର୍ବତଟ ରେଳବାଇରେ ସମ୍ବଲପୁର, ବରଗଡ଼ ରୋଡ଼, ବରପାଲି, ବଲାଙ୍ଗୀର, ଟିଟିଲାଗଡ଼, କେସିଂଗା, ମୁନିଗୁଡ଼ା, ରାୟଗଡ଼ା, ପାର୍ବତୀପୁରମ୍ ଟାଉନ, ପାର୍ବତୀପୁରମ୍, ବଦଲି, ବିଜୟନଗରମ୍, କୋଟଭାଲସା, ସିମାଳଚମ, ବିଶାଖାପାଟନମ୍ ଓ ଦୁନାଡ଼ା ଷ୍ଟେସନରେ ରହଣୀ ହେବ । ଏହି ଟ୍ରେନ୍ ଦ୍ୱୟରେ ଗୋଟିଏ ଦ୍ୱିତୀୟ ଶ୍ରେଣୀ ବାତାନୁକୁଳିତ, ୨ଟି ତୃତୀୟ ଶ୍ରେଣୀ ବାତାନୁକୁଳିତ, ୧୨ଟି ସ୍ଲିପର କ୍ଲାସ, କୋଚ, ୪ଟି ଦ୍ୱିତୀୟ ଶ୍ରେଣୀ, ୨ଟି ଦ୍ୱିତୀୟ ଶ୍ରେଣୀ ସହିତ ଲଗେଜ ଭେନ୍ ଓ ୧ଟି ପେନଟ୍ରିକାର କୋଚ ରହିବ ।

# ମେଡିକାଲ ରାସ୍ତାରେ ଯାଉଛି ରୋଗୀଙ୍କ ପ୍ରାଣ : ହଟିଲାନି ଜବର ଦଖଲ

କେନ୍ଦ୍ରାପଡା ,୨୭।୧୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର (ଖଡିଅଙ୍ଗ) ମେଡିକାଲ ର ଏକମାତ୍ର ରାସ୍ତାର ଟ୍ରାଫିକ ସମସ୍ୟା ଦିନକୁ ଦିନ ଉକ୍ରଟ ହେବାରେ ଲାଗିଛି । ଜରୁରୀ କାଳୀନ ଆମ୍ବୁଲାନ୍ସ, ଅଗ୍ନିଶମ ଯାନ, ୧୦୮,୧୦୨ ପ୍ରଭୃତି ଯାନ ଗୁଡିକ ବହୁ ସମୟ ଧରି ରାସ୍ତା ମଝିରେ ଅଟକି ରହୁଥିବା ଦେଖିବାକୁ ମିଳୁଛି । କେନ୍ଦ୍ରାପଡା ପୌରସଂସ୍ଥା ଦ୍ୱାରା କିଛିମାସ ତଳେ ଏହି ରାସ୍ତା ମାପଚୁପ କରାଯାଇ ଜବର ଦଖଲ ଅଂଚଳକୁ ଚିହ୍ନଟ କରାଯାଇ ଥିଲା । ରାସ୍ତାର ଉଭୟପାର୍ଶ୍ୱ ରେ ପ୍ରାୟ ୪ରୁ ୫ ଫୁଟ ମାଡି ଘର କରିଥିବାରୁ ଜରୁରୀ ସେବାକାଳୀନ ଗାଡି ଗୁଡିକ ଘଣ୍ଟା ଘଣ୍ଟା ଧରି ଛିଡା ହୋଇ ରହୁଛି । ଜବରଦଖଲ ଚିହ୍ନଟ ପରେ ନିରୀହ ଲୋକମାନେ ଜବର ଦଖଲ ଭାଙ୍ଗିଥିବା ବେଳେ ପ୍ରଭାବଶାଳୀ ବ୍ୟକ୍ତିମାନେ ଏପର୍ଯ୍ୟନ୍ତ ଭାଙ୍ଗି ନଥିବାରୁ ସାଧାରଣ ଲୋକ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ବିଷୟରେ ବାରମ୍ବାର ପୌର ନିର୍ବାହୀ ଅଧିକାରୀ ଏବଂ ପ୍ରଶାସନିକ ଅଧିକାରୀ ଏବଂ ଜିଲ୍ଲାପାଳଙ୍କୁ ଜଣାଇ ଥିଲେ ସୁଦ୍ଧା ସେ ନୀରବଦ୍ରଷ୍ଟା ସାଜି ଥିବାରୁ ସାଧାରଣରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଜବରଦଖଲ ହଟାଇବା ପାଇଁ ସାଧାରଣେ ଦାବି ହେଉଛି ।

# ସୁଶାସନ ଓ ଆର୍ଥିକ ବିକାଶର ପଥପ୍ରଦର୍ଶକ ଥିଲେ ଅଟଳଜୀ




ବାରିପଦା ,୨୭।୧୨ (ନି.ପ୍ର): ମହାନ ଜନନାୟକ ପ୍ରବାଦ ପୁରୁଷ ,ପଦ୍ମ ଭୂଷଣ, ଭାରତ ରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଙ୍କ ୯୬ ତମ ଜନ୍ମ ଜୟନ୍ତୀ ଖୁଂଟା ବ୍ଲକର କହ୍ନେଇଁବନ୍ଧ ମଣ୍ଡଳ ଓ ଖୁଂଟା ମଣ୍ଡଳ ପକ୍ଷରୁ ଧରମପୁର ଠାରେ କହ୍ନେଇଁବନ୍ଧ ମଣ୍ଡଳ ସଭାପତି ପଦ୍ମଲୋଚନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ବିଜେପି ତରଫରୁ ରନ କୁମାର ମଲୁଆଲ, ବାମଦେବ ରଥ, ଜିଲ୍ଲା ପରିଷଦ ଜୋନ୍ ୧୩ ର ସଦସ୍ୟ ଭିଏସ ଜ୍ୟୋତି ସଂଗ୍ରାମ, ରନ ମିଶ୍ର, କଲ୍ୟାଣ କାଟିଆଳ, ଉର୍ବଶୀ ମହାନ୍ତ, ଦୁଷ୍ମନ୍ତ ବେହେରା, ପାଣ୍ଡବ ସୋରେନ୍, ଗଦାଧର ବୁଗୁଡି ଏବଂ ଖୁଂଟା ମଣ୍ଡଳର ସଭାପତି ଜଟାଧାରୀ କର ଓ ଶ୍ରୀଧର ବେହେରା ପ୍ରମୁଖ ଯୋଗ ଦେଇ ବାଜପେୟୀ ଙ୍କ ଓ ଭାରତ ମାତାର ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ବାଜପେୟୀଙ୍କ ଜିବନୀ ସମ୍ପର୍କରେ ସୃତି ଚାରଣ କରିଥିଲେ । ଶେଷରେ ନବୀନ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗର ୱେବିନାର୍

କେନ୍ଦ୍ରାପଡା ,୨୭।୧୨ (ନି.ପ୍ର): ସ୍ଥାନୀୟ ତୁଳସୀ ମହିଳା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ତରଫରୁ "ଦି ଅରିଜିନ୍ ଅଫ୍ ମାସ୍ " ସନ୍ଦର୍ଭ ଉପରେ ଏକ ୱେବିନାର୍ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଆସୋସିଏଟ୍ ପ୍ରଫେସର୍ ଡ. ସିଦ୍ଧାର୍ଥ ଶଙ୍କର ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗଦେଇ ପ୍ରସଙ୍ଗର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପକ ଶ୍ରୀ ବ୍ରହ୍ମାନନ୍ଦ ସେଠୀ ଅତିଥିମାନଙ୍କର ପରିଚୟ ଦେବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଆଇ.କ୍ୟୁ.ଏ.ସିର ସଂଯୋଜକ ଡ. ମଥୁରୀ ଚରଣ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ସହିତ ଅନ୍ୟାନ୍ୟ ମହାବିଦ୍ୟାଳୟର ବହୁସଂଖ୍ୟକ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

# ବୃହତ୍ତର ଢେଙ୍କାନାଳର ସ୍ୱପ୍ନ ସାକାର ପାଇଁ ବିକାଶ ପରିଷଦର ଦାବି

ଭୁବନ ,୨୭।୧୨ (ନି.ପ୍ର): ବୃହତର ଢେଙ୍କାନାଳ ଓ ବିକଶିତ ଢେଙ୍କାନାଳ ର ସ୍ୱପ୍ନ ସାକାର କରିବାକୁ ଢେଙ୍କାନାଳ ବିକାଶ ପରିଷଦ ର ଆବାହକ ରାଜ ନାରାୟଣ ତ୍ରିପାଠୀ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସରକାରଙ୍କୁ ବିଭିନ୍ନ ପ୍ରସ୍ତାବ ଦେଇଛନ୍ତି । ଭୁବନ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଚାଟାର୍ଡ ଆକାଉଟାଣ୍ଟ ଶ୍ରୀ ତ୍ରିପାଠୀ କହିଥିଲେ ଯେ,ଯେଉଁ ଅଂଚଳରେ ଗମନାଗମନ ଯେତେ ଉନ୍ନତ ସେହି ଅଂଚଳ ସେତେ ଉନ୍ନତ ଓ ବିକଶିତ । ବୃହତର ଢେଙ୍କାନାଳର ସ୍ୱପ୍ନ ସାକାର କରିବାକୁ ହେଲେ ଏକ ବାଇପାସ ରାସ୍ତା ଆବଶ୍ୟକ । ଏହି ରାସ୍ତା ବଳଦିଆବନ୍ଧରୁ ବାହାରି ଗୋବିନ୍ଦପୁର (ଯୋରନ୍ଦାରୋଡ) ରେଳ ଷ୍ଟେସନ ,କାଇମାଟି,ତରଭା,ବଣସିଂହ ରୋଡ,ଗେଙ୍ଗୁଟିଆ,ବାରଦା,ଦାଣ୍ଡିମାଳ ଷ୍ଟେସନ ଦେଇ ସିମିନଇ ଠାରେ ସମାପ୍ତ କରାଯାଇପାରିବ । ଏହା ହେଲେ ଢେଙ୍କାନାଳ ଟାଉନରେ ଗହଳି,ଟ୍ରାଫିକ ସମସ୍ୟା ଲାଘବ ହେବା ସହିତ ଜାତୀୟ ରାଜପଥର ବାଇପାସ ରାସ୍ତା ଭାବେ ବିକଶିତ ହୋଇପାରିବ । ଦ୍ୱିତୀୟ ଦାବି ମୁତାବକ ଭୁବନ ବ୍ଲକ ଅନ୍ତର୍ଗତ ମାର୍ଥାପୁର ବ୍ରିଜରୁ ସୁରପ୍ରତାପପୁର ,ଦୟଣାବିଲି,ବିରାଶାଳ ଦେଇ କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ଠାରେ ସଂଯୋଗ କରାଗଲେ ଢେଙ୍କାନାଳ ସହ କେନ୍ଦୁଝର ଏବଂ ପରବର୍ତ୍ତି ସମୟରେ କେନ୍ଦୁଝର ଟାଉନରୁ ବାରିପଦା,ରାଇରଙ୍ଗପୁର ଦେଇ ରାଂଚି ସହିତ ସଂଯୋଗ ହୋଇପାରିବ ।

# ବିଜୁ ଭବନ ଠାରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳିତ



ବାରିପଦା,୨୭।୧୨ (ନି.ପ୍ର): ମୟୂରଭଞ୍ଜ ବିଜୁ ଜନତା ଦଳର ୨୪ତିମ ପ୍ରତିଷ୍ଠା ଦିବସ ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନ ଠାରେ ମହା ଉତ୍ସବରେ ପାଳିତ ହୋଇଯାଇଅଛି । ଜିଲ୍ଲା ବିଜେଡି ସଭାପତି ତଥା ରାଜସ୍ୱ ବିପର୍ଯ୍ୟୟ ମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାର୍ଣ୍ଡିଙ୍କ ନେତୃତ୍ୱ ଓ ପ୍ରତେକ୍ଷ୍ୟ ତତ୍ୟାବଧାନରେ ଆୟଜିତ ଏହି ପ୍ରତିଷ୍ଠା ଦିବସ ସମାବେଶରେ ଦଳର ନେତା ତଥା ପୂର୍ବତନ ମନ୍ତ୍ରୀ ବିରଭଦ୍ର ସିଂ, ପୂର୍ବତନ ମନ୍ତ୍ରୀ ଗୋଲକ ନାଏକ, ପୂର୍ବତନ ମନ୍ତ୍ରୀ ଓ ରାଜ୍ୟସଭା ସାଂସଦ ଶ୍ରୀମତୀ ସରଜିନୀ ହେମ୍ବ୍ରମ୍ ପ୍ରଥମେ ଦଳୀୟ ନେତୃବୃନ୍ଦଙ୍କ ସହ ବିଜୁ ପଟ୍ଟନାୟକ ଛକଠାରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କର ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିସାରି ଦଳୀୟ କାର୍ଯ୍ୟାଳୟରେ ବିଜୁ ବାବୁଙ୍କର ଫୋଟ ଚିତ୍ରରେ ମାଲ୍ୟାର୍ପଣ କରି ପ୍ରତୀପ ପ୍ରଜ୍ୱଳନ କରିଥିଲେ। ଉକ୍ତ ସଭାରେ ମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାର୍ଣ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଥମେ କୋରନାରେ ମୃତ୍ୟୁବରଣ କରିଥିବା ଯୋଦ୍ଧାମାନଙ୍କର ଅମର ଆତ୍ମାର ସଦ୍‌ଗତୀ ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା । ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ତାଙ୍କ ବକ୍ତବ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଓଡିଶାର ବିକାଶ ପୁରୁଷ ବୋଲି ଅଭିହିତ କରିବା ସହ ତାଙ୍କ ନେତୃତ୍ୱରେ ଓଡିଶାର ସର୍ବାଧିକ ବିକାଶ ହୋଇଥିବା କଥା କହିଥିଲେ। ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଶ୍ରୀ ପ୍ରଣବ ପ୍ରକାଶ ଦାସଙ୍କର ଆନ୍ତରିକ ଉଦ୍ୟମ ପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଯୋଗୁ ଆଜି ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟକୁ ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓଙ୍କ ନାମରେ କରିବା ଓ ଜୁବଲୀ ଲାଇବ୍ରେରୀ ପାଠାଗାର ବିକାଶ ପାଇଁ ପର୍ଯ୍ୟାପ୍ତ ଅର୍ଥର ବରାଦ ଏବଂ ବାରିପଦା ଜଗନ୍ନାଥ ମନ୍ଦିର ଉନ୍ନତିକରଣ ପାଇଁ ୫ କୋଟି ଟଙ୍କାର ମୁର କରିଥିବା ଯୋଗୁ ଶ୍ରୀ ମାର୍ଣ୍ଡି ସଭାସ୍ଥଳରେ ମାନ୍ୟବର ମୁଖମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ସଭାରେ ପୂର୍ବତନ ଉପ-ବାଚସ୍ପତି ଶ୍ରୀଯୁକ୍ତ ସାନନ୍ତ ମାର୍ଣ୍ଡି, ସହ ପର୍ଯ୍ୟବେକ୍ଷକ ସୁବ୍ରତ ଛଟାଇ, ରାଜ୍ୟ ସାଧାରଣ ସମ୍ପାଦକ ଡ. ଦେବାଶିଷ ମାର୍ଣ୍ଡି, କୃଷି ଶିକ୍ଷ ନିଗମ ଅଧକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ରାଜଶିବନାରାୟଣ କିସ୍କୁ, ପୂର୍ବତନ ଉପ-ନଗରପାଳ ଜିତେନ୍ଦ୍ର ମହାନ୍ତି, ଦୁର୍ଗାମଣି ଆଚାର୍ଯ୍ୟ ଓ ଦିପ୍ତିଲତା ମିଶ୍ର, ରାଜ୍ୟ ବିଜେଡି ପେନାଲିଷ୍ଟ ଛବି ମାହାଲି, ମହିଳା ବିଜେଡି ସଭାନେତ୍ରୀ ବିଣାପାଣି ସାହୁ, ବରିଷ୍ଠ ନେତା ସୋରଜ ମହାପାତ୍ର, ଛାତ୍ର ବିଜେଡି ଜନାଲ ସଭାପତି ଅବଦୁଲ୍ ହବିବ୍, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୁନିଲ କୁମାର ନାୟକ, ରାଜ୍ୟ ମହିଳା ବିଜେଡି ସାଧାରଣ ସମ୍ପାଦକ ସମ୍ପା ମଜୁନଦାର, ସୀମା ଦାସ ଓ ଶ୍ରାବଣୀ ଦାସ, ପୂର୍ବତନ କାଉନସିଲର କୁନା ପଟ୍ଟନାୟକ, ବିସ୍‌କେସନ୍ ପଟ୍ଟନାୟକ, ପ୍ରଭାତ ମହାନ୍ତି, ଅନନ୍ତ ଦାସ, ଦେବାଶିଷ ଦାସ, ସ୍ୱରୂପ ପଟ୍ଟନାୟକ, ଗୀତାରାଣୀ ବେହେରା, ରତ୍ନାକର ବେହେରା, କୁମାର ମୁଖୀ, ତ୍ରିଲୋକେଶ୍ ପଣ୍ଡା, ଦେବାଶିଷ ପାତ୍ର, ଦର୍ପନାରାୟଣ ପାଲ, ରାଜ୍ୟ ଯୁବ ବିଜେଡି ଯୁଗ୍ମ ସମ୍ପାଦକ ରଜନି ମହାନ୍ତ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ଅଭୟ ସିଂ, ଦିବ୍ୟବ୍ରତ ମହାନ୍ତି ବରିଷ୍ଠ ବିଜେଡି ନେତା କୃଷ୍ଣ ଦାସ, ତପନ କର, ଦୁର୍ଗା ମାରାଣ୍ଡି, ଖୁଣ୍ଟା ବ୍ଲକ୍ ଚେୟାରମେନ୍ ପୁଷ୍ପଲତା ମାରାଣ୍ଡି ଓ ବିଲକାନ ପ୍ରଭୂଦୟାଲ ନାଗ, ସମାଜସେବୀ ଅମର ସେଠୀ, ଦେବିଦ ଦାସ, ପ୍ରତୀକ ଦାଶ ଓ ପ୍ରଭାତି ପୃଷ୍ଟି ଉପସ୍ଥିତ ଥିଲେ ।

## ବିଜେପିରେ ସାମିଲ ହେଲେ ଭୁବନେଶ୍ୱରର ଶତାଧିକ ଯୁବନେତା

ଭୁବନେଶ୍ୱର,୨୭।୧୨ (ନି.ପ୍ର): ରାଜ୍ୟସଭାପତି ଶ୍ରୀ ସମୀର ମହାନ୍ତି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଭୁବନେଶ୍ୱରର ଶତାଧିକ କଂଗ୍ରେସ ଓ ବିଜେଡି ଯୁବନେତା ରବିବାର ଦିନ ବିଜେପିରେ ସାମିଲ ହୋଇଛନ୍ତି। ଭୁବନେଶ୍ୱର ୟୁନିଟ-୯ ଅଂଚଳର ବିଜୁ ଯୁବ ଜନତା ଦଳର ଉପସଭାପତି ମାନସ ପଟ୍ଟନାୟକ, ଅର୍ଜ୍ଜୁନ ମଲ୍ଲିକ, ମମତା ମଲ୍ଲିକ, ଲକ୍ଷ୍ମୀସାଗର ଅଂଚଳର ରାଜେନ୍ଦ୍ର ପ୍ରସାଦ ତିୱାରୀ, ରସୁଲଗଡର ଯୁବ ନେତା ପବିତ୍ର କୁମାର ଜେନା, ବିକ୍ରମ ବଳିଆରସିଂହ, ଚିନ୍ତାମଣିଶ୍ୱରର ଡ. ପି.ସି. ସାହୁ, ବୁଦ୍ଧେଶ୍ୱରୀ ଅଂଚଳର ପର୍ଶୁରାମ ଜେନା, ସୁଚରିତା ଜେନାମଣି, ଇତିଶ୍ରୀ ସାହୁ, ସାହାଜାନ ଖାନ୍, ପ୍ରିୟଙ୍କା ଛୋଟରାୟ, ଙ୍କ ସମେତ ବିଜେଡି ଓ କଂଗ୍ରେସ ଦଳର ଶତାଧିକ ଯୁବନେତା,ବୁଦ୍ଧିଜୀବୀଙ୍କ ସମେତ ବରିଷ୍ଠ ନାଗରିକମାନେ ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ ସଭାପତି ଶ୍ରୀ ମହାନ୍ତି ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଉତରୀୟ ଏବଂ ଟୋପି ପିନ୍ଧାଇ ବିଦ୍ଧିବଦ୍ଧ ଭାବେ ଦଳରେ ସାମିଲ କରାଇଛନ୍ତି। ଶ୍ରୀ ମହାନ୍ତି ସମସ୍ତ ନୂତନ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ସାଧୁବାଦ ଜଣାଇଛନ୍ତି । ଏହି ମିଶ୍ରଣ ଦ୍ୱାରା ଦଳ ଆହୁରି ମଜବୁତ୍ ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଅନ୍ୟପଟେ ବିଜେପିର ବିକାଶ ଧାରାରେ ନିଜକୁ ସାମିଲ କରି ନୂଆ ଓଡିଶା ଗଠନ ଲକ୍ଷ୍ୟରେ ବିଜେପିରେ ସାମିଲ ହୋଇଛନ୍ତି ବୋଲି ସଦ୍ୟ ଯୋଗ ଦେଇଥିବା ନେତାମାନେ କହିଛନ୍ତି । ଏହି ଅବସରରେ ଭୁବନେଶ୍ୱର ଜିଲ୍ଲାର ସମସ୍ତ ମଣ୍ଡଳ ସଭାପତି ଉପସ୍ଥିତ ରହି ନୂତନ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ।

## ଅପମିଶ୍ରିତ ପେଟ୍ରୋଲ ବିକ୍ରିକୁ ନେଇ ଉତ୍ତେଜନା : ଅଧିକାରୀଙ୍କ ନମୁନା ସଂଗ୍ରହ

ଜଳେଶ୍ୱର, ୨୭/୧୨ (ନିପ୍ର) : ପେଟ୍ରୋଲ ଓ ଡିଜେଲର ମୂଲ୍ୟବୃଦ୍ଧି ଯୋଗୁଁ ଖାଉଟି ଆର୍ଥିକ ବୋଝ ସହୁ ଥିବାବେଳେ ରାଜ୍ୟର ବିଭିନ୍ନ ପେଟ୍ରୋଲ ପମ୍ପରେ ଅପମିଶ୍ରୀତ ପେଟ୍ରୋଲ ବିକ୍ରି ଚିନ୍ତା ବଢାଇଛି । ବାଲେଶ୍ୱର ଜିଲା ଜଳେଶ୍ୱର ମ୍ୟୁନିସିପାଲଟିର ବାସନ୍ତି ପଡିଆସ୍ଥିତ ପାର୍ବତୀ ଗ୍ୟାସୋଲିନ୍ ପେଟ୍ରୋଲ ପମ୍ପରେ କିରୋସିନୀମିଶା ପେଟ୍ରୋଲ ବିକ୍ରିକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି । ସ୍ଥାନୀୟ ପଥରପୁର ଅଂଚଳର ଜନୈକ ଯୁବକ ଏକ ବୋତଲରେ ପେଟ୍ରୋଲ ନେଇସାରିବ ପରେ ତାହା କିରୋସିନି ଗନ୍ଧ ବାହାରିଥିଲା । ପେଟ୍ରୋଲ ଓ ଡିଜେଲ ଭର୍ତ୍ତି ପାଇଁ ଉପସ୍ଥିତ ଥିବା ଖାଉଟିମାନେ ତାହା ଦେଖି ପେଟ୍ରୋଲ ପମ୍ପର ମାଲିକଙ୍କୁ ପଚାରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । କିଛି ସମୟପରେ ଜଳେଶ୍ୱର ପୋଲିସ୍ ଆସି ସେହି ପେଟ୍ରୋଲର ନମୁନା ସଂଗ୍ରହ କରିବା ସହ ପରିସ୍ଥିତିକୁ ଶାନ୍ତ କରିଥିଲେ । ଅଭିଯୋଗ ପରେ ଆଜି ରବିବାର ଅପରାହ୍ନରେ ଅତିରିକ୍ତ ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ, ମାର୍କେଟିଂ ଇନିସ୍‌ପେକ୍ଟର ଦୀପକ ମାଝୀ, ସେଫ୍‌ଟି ଅଫିସର ସୁନିଲ କୁମାର ଓ ଯୋଗାଣ ବିଭାଗର ମାନସ କୁମାର ମଣ୍ଡଳ ପ୍ରମୁଖ ପେଟୋଲ ପମ୍ପରେ ପହଞ୍ଚି ମାନ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରି ଭୁବନେଶ୍ୱର ପଠାଇଥିବା ଜଣାଯାଇଛି ।

## ଗୌରୀ ମୁଣ୍ଡାରୀଙ୍କ ବିଜେପି ପରିତ୍ୟାଗ ଖବର ମିଥ୍ୟା ଓ ଭିତ୍ତିହୀନ : ବିଜେପି

ରାଉରକେଲା, ୨୬/୧୨(ନି.ପ୍ର): ସାଂସଦ ଜୁଏଲ ଓରାମଙ୍କ ଶ୍ରମ ପ୍ରତିନିଧି ଗୌରୀ ମୁଣ୍ଡାରୀ ବିଜେପି ପରିତ୍ୟାଗ କରି କଂଗ୍ରେସରେ ଯୋଗଦାନ କରିଛନ୍ତି ବୋଲି ସମ୍ବାଦ ପତ୍ରରୁ ଜାଣିବାକୁ ମିଳୁଛି । ଏ ଖବର ବିଷୟରେ ଗୌରୀଙ୍କୁ ପଚାରିବାରୁ ସେ ନିଜର ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଯେ ଏହା ସମ୍ପୂର୍ଣ୍ଣ କଳ୍ପକଳ୍ପିତ ଓ ଭିତ୍ତିହିନ ଖବର । ତାଙ୍କର ଭାବମୂର୍ତ୍ତୀକୁ କ୍ଷୁର୍ଣ୍ଣ କରିବା ପାଇଁ କଂଗ୍ରେସର ଏହା ରୀତିମତ ଚକ୍ରାନ୍ତ ବୋଲି କହିଛନ୍ତି । ବିଜେପିର ସାଂଗଠନିକ ବୃଦ୍ଧି ଦେଖି ଲୋକଙ୍କ ମନରୁ ହଜିଯାଉଥିବା କଂଗ୍ରେସ ଏଭଳି ଅପପ୍ରଚାର କରୁଛି ବୋଲି ସେ କହିଛନ୍ତି । ମର୍ମାହତ ଗୌରୀ ଏକ ଲିଖିତ ଚିଠି ମାଧ୍ୟମରେ ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କୁ ଜଣାଇଛନ୍ତି ଯେ ସେ ବିଜେପିର ଅଛନ୍ତି ଓ ରହିବେ । ଦଳ ଉପରେ ତାଙ୍କର ପୁରା ଆସ୍ଥା ପ୍ରକଟ କରିଛନ୍ତି । ବିଜେପି ଛାଡ଼ିବାର କୌଣସି ପ୍ରଶ୍ନ ଉଠୁନାହିଁ ବୋଲି ସେ ପ୍ରକାଶ କରିଛନ୍ତି । ଏରୁ ବିଜେପି ଜିଲ୍ଲା ତରଫରୁ ଏକ ପ୍ରେସ୍ ବିବୃତ୍ତିରେ କୁହାଯାଇଛି ଯେ ପ୍ରକାଶିସ ଖବର ଭିତ୍ତିହୀନ ଓ କଳ୍ପେକଳ୍ପିତ । ବିରୋଧୀମାନେ ବିଜେପି କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ଯେତେ ପ୍ରୟାସ କଲେ ସଫଳ ହୋଇ ପାରିବେ ନାହିଁ ବୋଲି ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକ କହିଛନ୍ତି ।

## ଅନ୍ନଦାତାଙ୍କ ପ୍ରତି ସମର୍ପିତ ମୋଦି ସରକାର ପୁସ୍ତକର ଉନ୍ମୋଚନ କଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱର,୨୭।୧୨ (ନି.ପ୍ର): ରବିବାର ଭୁବନେଶ୍ୱର ସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନ୍ନଦାତାଙ୍କ ପ୍ରତି ସମର୍ପିତ ମୋଦି ସରକାର ପୁସ୍ତକର ଉନ୍ମୋଚନ କରିଛନ୍ତି । ଭାରତ ସରକାରଙ୍କ ନୂଆ କୃଷି ଆଇନ ଉପରେ ଲିଖିତ ତଥ୍ୟ ଓ ତର୍କ ଆଧାରିତ ଓଡ଼ିଆ ଅନୁବାଦ ପୁସ୍ତକ ଅନ୍ନଦାତାଙ୍କ ପ୍ରତି ସମର୍ପିତ ମୋଦି ସରକାର ଉନ୍ମୋଚନ ସମୟରେ ଦଳର ବରିଷ୍ଠ ନେତା ମାନେ ମଧ୍ୟ ଉପସ୍ଥିତ ଥିଲେ ।
ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ପୁସ୍ତକ ଚାଷୀଙ୍କୁ ନୂଆ କୃଷି ଆଇନ ସମ୍ପର୍କରେ ପ୍ରକୃତ ତଥ୍ୟ ଦେବା ସହ ଚାଷୀଙ୍କ ମନରେ ତିଆରି କରାଯାଉଥିବା ବିଭିନ୍ନ ଭ୍ରାନ୍ତ ଧାରଣାକୁ ଦୂର କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ସମେତ ଭାରତବର୍ଷର ଚାଷୀଙ୍କୁ ସଶକ୍ତ କରିବା ପାଇଁ ବଦ୍ଧପରିକର ବୋଲି ସେ କହିଛନ୍ତି ।

## ମେଗା ରକ୍ତଦାନ ଶିବିର : ୩୩୪ ୟୁନିଟ୍ ସଂଗ୍ରହ କରି ବ୍ଲକରେ ପ୍ରଥମ

ଜଳେଶ୍ୱର, ୨୭/୧୨ (ନିପ୍ର) : ଦୁର୍ଘଟଣାଗ୍ରସ୍ତ ରୋଗୀ ଓ ଥେଲାସେମିଆ ରୋଗୀଙ୍କ ଆବଶ୍ୟକ ହେଉଥିବା ରକ୍ତ ଜିଲାର ବିଭିନ୍ନ ରକ୍ତଦାନ ଶିବିରରୁ ସଂଗ୍ରହ କରାଯାଉଥିବା ବେଳେ ଆଜି ବୁଖାରି ବାବା ଅର୍ଡର ସପ୍ଲାୟ ଓ ଜିଲା ରକ୍ତଦାତା ସଂଘର ମିଳିତ ଉଦ୍ୟମରେ ଜଳେଶ୍ୱର ମ୍ୟୁନିସିପାଲଟିର ୧ନଂ ୱାର୍ଡ ଝାଡେଶ୍ୱରପୁରଠାରେ ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୩୩୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବାରୁ ତାହା ଚଳିତ ବର୍ଷ ବ୍ଲକର ସର୍ବାଧିକ ସଂଗହ କରି ରେକର୍ଡ ସୃଷ୍ଟି କରିଥିବା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତର କହିଛନ୍ତି । ଏହି ରକ୍ତଦାନ ଶିବିରକୁ ସେକ୍‌ଇସ୍‌ଲାମ ଉଦ୍‌ଘାଟନ କରିଥିବା ବେଳେ ସେକ୍ ମୁସଲିମ୍, ସେକ୍ ସାଜନ୍, ସାଇରା ବିବି, ଜାଇରା ବିବି , ପ୍ରତାପ କେଶରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ବାଲେଶ୍ୱର ରକ୍ତଭଣ୍ଡାରର ଡ. ମହେଶ ଚନ୍ଦ୍ର ବିଶ୍ୱାଳ, ଡ. ଅଜିତ୍ ମହାନ୍ତି, ନବେନ୍ଦୁ ପ୍ରଧାନ, ଗୋବିନ୍ଦ ସାହୁ, ପାର୍ଥ ସାରଥି କର, ଜିତାଂଶୁ ସେଖର ନନ୍ଦି, ଲକ୍ଷ୍ମୀଧର ବାରିକ, ନିତାଇଲାଲ ଦେ, ସେକ୍ ସମିରୁଦ୍ଦିନ, ସୁଧିର ମହାନ୍ତି, ମଧୁସୂଦନ ସେନାପତି, ମନୋରଂଜନ ଦାସ, ଆଶିଷ ଗିରି, ସମୀର ପାତ୍ର, ସୁଦାମ ପାତ୍ର, ରିଆଜ ଖାଁ, ସେକ୍ ରମ୍‌ଜାନ, ତପନ କୁମାର ଜେନାଙ୍କ ସହିତ ସତ୍ୟରଜଂନ ମହାପାତ୍ର, ସିର୍ଦ୍ଧାଥ ପ୍ରଧାନ, ସଂଜୀବ ମହାନ୍ତି, ଏସ୍‌କେ ସଫିର, ବିଦ୍ୟୁତ୍ ପାଲ, ଗରମ ମହାପାତ୍ର, ମୋତି ଖାଁ, ଏସ୍‌କେ ସାମ୍‌ସେଦ୍, ଏସ୍‌କେ ସୈଫଅଲ୍ଲି, ଏସ୍‌କେ ମଇମୁଦ୍ଦିନ, ଇନ୍‌ତାଜ୍ ଖାଁ, ସେକ୍ ଲ୍ଲା ଖାନ୍, ଏସ୍ ଆଜମିର, ଏସ୍.କେ ସନୁ ଖାଁ ପ୍ରମୁଖ ପରିଚାଳନା କରିଥିଲେ । ଆୟୋଜକ ସେକ୍ ରକ୍ତଦାତା ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାପ୍ତାହିକ ସମ୍ବାଦପତ୍ର ଅଭିନନ୍ଦନର ଦ୍ୱାଦଶ ସ୍ୱନକ୍ଷତ୍ର ଉତ୍ସବ ପାଳିତ



ବାଲେଶ୍ୱର,୨୭।୧୨ (ନି.ପ୍ର): ବାଲେଶ୍ୱରରୁ ପ୍ରକାଶିତ ସାପ୍ତାହିକ ସମ୍ବାଦପତ୍ର ଅଭିନନ୍ଦନର ଦ୍ୱାଦଶତମ ସ୍ୱନକ୍ଷତ୍ର ଓ ବାର୍ଷିକ ଉତ୍ସବ ସ୍ଥାନୀୟ ଶିଳ୍ପାଂଚଳସ୍ଥିତ ଉଦ୍ୟୋଗ ଭବନରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ ସଦାନନ୍ଦ ଦୀକ୍ଷିତଙ୍କ ପୌରହିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟଅତିଥିଭାବେ ଯୋଗଦେଇ ସମ୍ବାଦପତ୍ରର ସ୍ୱନକ୍ଷତ୍ର ଦିବସ ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରିଥିଲେ । ଏଥିରେ ପୂର୍ବତନ ବିଧାୟକ ଅରୁଣ ଦେ, ସାପ୍ତାହିକ ସମ୍ବାଦପତ୍ର 'ନବୀନ'ର ସମ୍ପାଦକ ତଥା ଓଡିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ସଭାପତି ରବି ରଥ, ବରିଷ୍ଠ ସାମ୍ବାଦିକ ତଥା ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ଉପସଭାପତି ରତିକାନ୍ତ ପରୀକ୍ଷା, ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ରଞ୍ଜନ ବାଗ, ବଂଶୀଧର ଜେନା ପ୍ରମୁଖ ଯୋଗଦେଇଥିଲେ । ବିଜ୍ଞାନର ଅଗ୍ରଗତି ସହିତ ସାମ୍ପ୍ରତିକ ସମୟରେ ବୈଦ୍ୟୁତିକ ଗଣମାଧ୍ୟମ ଲୋକଙ୍କ ମଧ୍ୟରେ ବେଶ ପ୍ରଭାବ ପକାଇଥିବା ସତ୍ତ୍ୱେ ମୁଦ୍ରିତ ଗଣମାଧ୍ୟମ ତାର ପୂର୍ବସ୍ଥିତିକୁ ବଂଚାଇରଖିବାରେ ସକ୍ଷମ ହୋଇପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ମୁଦ୍ରିତ ଗଣମାଧ୍ୟମ ବା ସମ୍ବାଦପତ୍ରଗୁଡିକ ପ୍ରତି ପାଠକଙ୍କ ରୁଚି କମିନଥିବା ବେଳେ ସରକାରୀ ପ୍ରୋତ୍ସାହନ ଅଭାବରୁ ଅନେକ ସମ୍ବାଦପତ୍ର ସାମୟିକ ପ୍ରକାଶନ ବନ୍ଦ ରଖିବାକୁ ବାଧ୍ୟ ହେଉଛନ୍ତି ବୋଲି ସେମାନେ କହିଥିଲେ । ଏଭଳି ସ୍ଥିତିରେ ଅଭିନନ୍ଦନ ସମ୍ବାଦପତ୍ର ନିରବିଚ୍ଛିନ୍ନ ଭାବେ ଦୀର୍ଘ ୧୧ ବର୍ଷ ଧରି ପ୍ରକାଶିତ ହୋଇଆସୁଥିବା ନିଶ୍ଚିତଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଏହି ଅବସରରେ ଆଦର୍ଶ ଶିକ୍ଷକ ପଂଚାନନ ନାୟକ, ଯୁବ ସାମ୍ବାଦିକ ମହେଶ ମିଶ୍ର, ଯାତ୍ରା ଅଭିନେତା ଗୌର ଦାସ, ସଫଳ ଚାଷୀ ନିରଞ୍ଜନ ପାଲ, ସମାଜସେବୀ ନନ୍ଦିନୀ ପାଲ, ପ୍ରାବନ୍ଧିକ ନଳିନୀ କୁମାର ପଣ୍ଡା, ଗାଳ୍ପିକା ଶ୍ରଦ୍ଧାଞ୍ଜଳି ପଣ୍ଡା, କବୟତ୍ରୀ ନମିତା ପାତ୍ର, କଳା ନିର୍ଦ୍ଦେଶକ କେଶବ ମଲ୍ଲିକ ପ୍ରମୁଖଙ୍କୁ ଅଭିନନ୍ଦନ ସମ୍ବାଦପତ୍ର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବାଦପତ୍ରର ସମ୍ପାଦକ ଜଗଦିଶ ମିଶ୍ର ପ୍ରାକ ସୂଚନା ପ୍ରଦାନ କରିଥିବା ବେଳେ କାର୍ତ୍ତିକ ଚନ୍ଦ୍ର ଦାସ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ଶେଷରେ ଅମରେଶ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୁବନେଶ୍ୱରରେ କମୁଛି କରୋନା ପଜିଟିଭ୍ ସଂଖ୍ୟା

ଭୁବନେଶ୍ୱର,୨୭।୧୨ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଗତକାଲି ଅର୍ଥାତ୍ ଶନିବାର ଦିନ ୨୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଆଜି ମାତ୍ର ୧୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏଥିରେ ୯ ଜଣ ସଂଗରୋଧ ଓ ୭ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି । ଅନ୍ୟପକ୍ଷରେ ୪୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ଜଣଙ୍କର ମୃତ୍ୟୁ ହୋଇଛି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏହି ସୂଚନା ଦିଆଯାଇଛି । ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୩୧,୫୫୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୩୦,୯୯୫ ଜଣ ସୁସ୍ଥ ହୋଇସାରିଛନ୍ତି । ଏବେ ୩୦୧ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୨୩୮ ଜଣଙ୍କର ମୃତ୍ୟୁ ହୋଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ରାଜ୍ୟସ୍ତରୀୟ ଚିତ୍ରକଳା ....

ଏହି ଅବସରରେ ବିଶିଷ୍ଟ ଚିତ୍ରଶିଳ୍ପୀ ଜଗଦିଶ ଚନ୍ଦ୍ର କାନୁନଗୋଙ୍କୁ କଳା ମଉଡ଼ମଣି ସମ୍ମାନ, ବିନୋଦ ମହାରଣାଙ୍କୁ କଳା ଶିରୋମଣି ସମ୍ମାନ, ଶରତ କୁମାର ରଥଙ୍କୁ ମରଣୋତ୍ତର ଭାବେ କଳା ଚୁଡ଼ାମଣି ସମ୍ମାନ, ବୃନ୍ଦାବନ ମହାରଣାଙ୍କୁ ଚିତ୍ର ମନ୍ଦାକିନୀ ସମ୍ମାନ, ଅଲେଖ ଚରଣ ସାହୁଙ୍କୁ ଯଶସ୍ୱୀ କଳା ଐତିହାସିକ ସମ୍ମାନ, ଝୁନେନ୍ଦ୍ର ପଟ୍ଟନାୟକଙ୍କୁ ଚିତ୍ରଯୋଗୀ ସମ୍ମାନ, ଗୌରାଙ୍ଗ ବାରିକିଙ୍କୁ ଚିତ୍ର ବସନ୍ତ ସମ୍ମାନ ପ୍ରଦାନ କରାଯାଇଥିଲା । ପରେ ପରେ ମଂଚଶିଳ୍ପୀ ସଂଗ୍ରାମ ମହାରଣାଙ୍କୁ ଅଭିନ୍ନ ମଂଚଶିଳ୍ପୀ ପ୍ରତିଭା ସମ୍ମାନ ଓ ଚିତ୍ରଶିଳ୍ପୀ ପଂଚାନନ ସାମଲଙ୍କୁ ଅନିଲା କଳା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ପରେ ଶିବିରରେ ଅଂଶଗ୍ରହଣ କରିଥିବା ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

### ଅନ୍ନଦାତାଙ୍କ ପ୍ରତି ସମର୍ପିତ ମୋଦି ....

ରାଜ୍ୟ ସରକାର ହିଁ ଏହି ଆନୁମାନିକ ମୂଲ୍ୟ ଭାରତ ସରକାରଙ୍କୁ ଦେଇଛନ୍ତି । ସେହିପରି ମୋଦି ସରକାରରେ ଏମଏସପିରେ କ୍ରମାଗତ ବୃଦ୍ଧି ସହ ରାଜ୍ୟର ଚାଷୀଙ୍କ ଠାରୁ ବିପୁଳ ପରିମାଣର ଧାନ କିଣାଯାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଚଳିତ ବର୍ଷର ଶେଷ ୭୨ ତମ ମନ କି ବାତ୍ ଆମେ ଶୁଣିଲୁ । ଏହି ଅଧ୍ୟାୟ ଆମକୁ ଅନେକ ପ୍ରେରଣା ଯୋଗାଇଛି ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି । ଏହି ଅବସରରେ ବରିଷ୍ଠ ନେତା କେ.ଭି ସିଂହଦେଓ, ସାଂସଦ ଅଶ୍ୱିନୀ ବୈଷ୍ଣବ, ରାଜ୍ୟ ସାଧାରଣ ସଂପାଦକ (ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ ଉପସଭାପତି ତଥା ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ ଦଳୀୟ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

### ଗୋଟିଏ ଦିନରେ ୩୦୩ ....

କେନ୍ଦ୍ରାପଡା ଜିଲ୍ଲାରେ ସବୁଠାରୁ ଅଧିକ ୩୧-୩୧ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ୧୬ ବଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୧୬ ଜଣ, ବରଗଡ଼ରୁ ୯ ଜଣ, ଭଦ୍ରକରୁ ୪ ଜଣ, ବଲାଙ୍ଗୀରରୁ ୧୮ ଜଣ ରହିଛନ୍ତି । 'ସେହିପରି ବୌଦ୍ଧ ଜିଲ୍ଲାରୁ ୧ ଜଣ, କଟକରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ଼ରୁ ୨ ଓ ଢେଙ୍କାନାଳରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତିରୁ ଜିଲ୍ଲାରୁ ୧, ଗଞ୍ଜାମରୁ ୪ ଜଣ, ଜଗତ୍‌ସିଂହପୁରରୁ ୫ ଜଣ, ଯାଜପୁରରୁ ୧୬ ଜଣ, ଝାରସୁଗୁଡ଼ାରୁ ୫ ଜଣ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୩୧ ଜଣ, କେନ୍ଦୁଝରରୁ ୨୩ ଜଣ, ଖୋର୍ଦ୍ଧାରୁ ୩୧ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜରୁ ୧୭ ଜଣ ସଂକ୍ରମିତ ହୋଇଥିବା ବେଳେ ନବରଙ୍ଗପୁରରୁ ୬, ନୟାଗଡ ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୂଆପଡ଼ାରୁ ୧୧ ଜଣ, ପୁରୀରୁ ୧ ଜଣ ଚିହ୍ନଟ ହୋଇଥିବାବେଳେ , ରାୟଗଡା ଜିଲ୍ଲାରୁ କେହି ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ସମ୍ବଲପୁରରୁ ୨୨ ଜଣ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ୧, ସୁନ୍ଦରଗଡ଼ରୁ ୩୦ ଜଣ ଓ ଷ୍ଟେଟ୍‌ପୁଲ୍‌ରୁ ୮ ଜଣ ଚିହ୍ନଟ ହୋଇଛନ୍ତି।

### ମୋଦିଙ୍କ ମନ୍ କି ବାତ୍‌କୁ ...

କଳା କୃଷି କାନୁନ କାହା ସ୍ୱାର୍ଥରେ ଆଣିଛ ଜବାବ ଦିଅ ଆଦି ସ୍ଲୋଗାନ ଦେଇ, ଥାଳି ପିଟି, ଘଂଟ ବାଡ଼େଇ ଚାଷୀମାନେ ପ୍ରତିବାଦ କରିଥିଲେ। ଶ୍ରୀ ନନ୍ଦ କହିଥିଲେ ଯେ, ପ୍ରଥମରୁ ଭିତିଭୂମିର ଅବହେଳା, କୃଷି କ୍ଷେତ୍ର ପ୍ରତି ଚରମ ଅବହେଳା କରିଥିବା କେନ୍ଦ୍ର ସରକାର ଏବେ କୃଷି ଆଇନ୍ ଆଣି ଚାଷୀ ଓ ଖାଉଟିଙ୍କ ପାଇଁ ବିପଦ ଡ଼ାକି ଆଣିଛନ୍ତି । ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆଇନର ପରିବର୍ତ୍ତନ ପରେ ଭବିଷ୍ୟତରେ କୋଟି କୋଟି ଲୋକ ଖାଦ୍ୟ ଅଭାବରୁ ମରିଯିବେ। କମ୍ପାନୀ ହାତକୁ ଆଇନ ଅନୁଯାୟୀ ଚାଷ ଚାଲିଗଲା ପରେ ଧୀରେ ଧୀରେ ଦେଶରେ ଅନାହାର ମୃତ୍ୟୁ ଆରମ୍ଭ ହେବ । ଅଧିକାଂଶ ଗରିବ ଖାଉଟି କମ୍ପାନୀ ଅମଳ ଖାଦ୍ୟ ପଦାର୍ଥ ଖାଇବାକୁ ପାଇବେ ନାହିଁ। ଏହି କଥାକୁ ଚାଷୀମାନଙ୍କ ମଧ୍ୟରେ ପ୍ରଚାର କରିବା ପାଇଁ ଥାଳି ବାଡ଼େଇବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ବୋଲି ଶ୍ରୀ ନନ୍ଦ କହିଥିଲେ।

### କୃଷି ଆଇନ୍ ବିରୋଧରେ ....

ଆନ୍ତର୍ଜାତିକ ଜଙ୍ଗଲ କର୍ମଚାରୀ ମହାସଂଘ ପକ୍ଷରୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ନିଷ୍ପତି ନିଆଯାଇଛି । ୪ଟି ଲେବର କୋର୍ଡ଼ ଓ କୃଷକ ବିରୋଧି ୩ଟି କୃଷି ବିଲ୍ ଆଇନ୍ ପ୍ରତ୍ୟାହାର କରିବା, ବିଦ୍ୟୁତ କ୍ଷେତ୍ରକୁ ଘରୋଇକରଣ ବନ୍ଦ କରିବା, ନିଳାଚଳ ଇସ୍ପାତ ନିଗମ ଘରୋଇକରଣ ବନ୍ଦ କରିବା ଓ ବନ୍ଦ ଥିବା ଓଡ଼ିଶାରେ ସମସ୍ତ କଳାକାରଖାନା ଖୋଲିବା ପାଇଁ ଓ ଓଡ଼ିଶା ପ୍ରବାସୀ ଶ୍ରମିକମାନଙ୍କୁ ଫେରାଇ ଆଣିବା ଓ ରୋଜଗାର ଦେବା ଇତ୍ୟାଦି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଦାବୀ କରିଛନ୍ତି । ଏହି ଆଲୋଚନା ଚକ୍ରରେ ସଂଯୋଜକ ଉପସଭାପତି ମଦନ ମୋହନ ଧଳ ସମସ୍ତଙ୍କୁ ସ୍ୱାଗତ ଭାଷଣ ଦେଇଥିଲେ। ସି.ଆଇ.ଟି.ୟୁ.ର ସଭାପତି ଜନାର୍ଦ୍ଦନ ପତି, ଏ.ଆଇ.ସି.ସି.ଟି.ୟୁ.ର ସଭାପତି ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ଏଚ୍.ଏମ୍.ଏସ୍.ର ବି.ପି. ଦାସ, ଏ.ଆଇ.ୟୁ.ଟି.ୟୁ.ସି ତରଫରୁ ନିରଞ୍ଜନ ମହାନ୍ତି, ପୂର୍ବତନ ଇନ୍‌ସୁରାନ୍ସ ତଥା ଇଣ୍ଡୋ ଜର୍ମାନ ଶ୍ରୀ ବି.କେ. ସାହୁ, ନାଲକୋର ମାନବ ସମ୍ବଳ ନିର୍ଦ୍ଦେଶକ ଅମିୟ ପଟନାୟକ ପ୍ରମୁଖ ଲେବର କୋର୍ଡ଼ର ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ।

### ଜେଡିୟୁର ନୂତନ ସଭାପତ....

ନୀତୀଶ କୁମାର ଆରସିପି ସିଂଙ୍କ ନାମ ପ୍ରସ୍ତାବ ଦେଇଥିଲେ ଏବଂ ପରେ ଅନ୍ୟ ସଦସ୍ୟମାନେ ଏହାକୁ ସମର୍ଥନ କରିଥିଲେ । ଆରସିପି ସିଂ, ନୀତୀଶ କୁମାରଙ୍କ ଅତି ନିକଟତର ବୋଲି ଜଣାଯାଏ । ବିହାର ନିର୍ବାଚନ ସମୟରେ ନୀତୀଶ କୁମାର ଅନେକ ପ୍ରସଙ୍ଗରେ ତାଙ୍କ ସହିତ ପରାମର୍ଶ କରୁଥିଲେ । ଆରସିପି ସିଂଙ୍କ ସମ୍ପୂର୍ଣ୍ଣ ନାମ ହେଉଛି ରାମଚନ୍ଦ୍ର ପ୍ରସାଦ ସିଂ । ସେ ବିହାରର ଜେଡିୟୁ କୋଟାରୁ ଜଣେ ରାଜ୍ୟସଭା ସାଂସଦ । ଆରସପି ସିଂ ପୂର୍ବରୁ ଉତ୍ତରପ୍ରଦେଶ କ୍ୟାଡରରେ ଜଣେ ଆଇଏଏସ୍ ଅଧିକାରୀ ଥିଲେ ଏବଂ ନୀତୀଶଙ୍କ ସରକାରରେ ମୁଖ୍ୟ ଶାସନ ସଚିବ ଥିଲେ । ସୂଚନା ଥାଉ ଯେ, ବିହାର ନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆସନ ବାଣ୍ଟିବା ଏବଂ ପ୍ରାର୍ଥି ଚୟନକୁ ନେଇ ଆରସିପି ସିଂଙ୍କୁ ଅଧିକ ବିଶ୍ୱାସ କରୁଥିଲେ । ଆରସିପି ସିଂ ପ୍ରଥମେ ୨୦୧୦ରେ ରାଜ୍ୟସଭାକୁ ଯାଇଥିଲେ ଏବଂ ଏହାପରେ ତାଙ୍କୁ ୨୦୧୬ରେ ନୀତୀଶ କୁମାର ପୁଣି ପଠାଇଥିଲେ ।

## କରୋନାରୁ ଆଉ ୩୧୯ ସୁସ୍ଥ

ଭୁବନେଶ୍ୱର,୨୭।୧୨ (ନି.ପ୍ର): ରାଜ୍ୟରୁ ରବିବାର ଦିନ ଆଉ ୩୧୯ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।ନୂଆ ସୁସ୍ଥଙ୍କୁ ମିଶାଇ ରାଜ୍ୟରୁ ଏଯାବତ ୩୨୪୦୬୮ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ କରି ଏହି ସୂଚନା ଦେଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ ଆଜି ଖୋର୍ଦ୍ଧାରୁ ସର୍ବାଧିକ ୪୪ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ୩୫ଜଣ ବାଲେଶ୍ୱରରୁ, ୩୫ଜଣ ସୁନ୍ଦରଗଡ଼ରୁ, ୩୪ଜଣ ଅନୁଗୁଳରୁ, କଟକରୁ ୨୯ଜଣ, ସମ୍ବଲପୁରରୁ ୨୧ଜଣ, ମୟୂରଭଞ୍ଜରୁ ୧୭ଜଣ, କେନ୍ଦୁଝରରୁ ୧୨ଜଣ, ଝାରସୁଗୁଡ଼ାରୁ ୧୧ଜଣ, କେନ୍ଦ୍ରାପଡ଼ାରୁ ୧୧ଜଣ, ବଲାଙ୍ଗୀରରୁ ୧୦ଜଣ, ଯାଜପୁରରୁ ୯ଜଣ, ବରଗଡ଼ରୁ ୮ଜଣ, ନୂଆପଡ଼ାରୁ ୬ଜଣ, ଜଗତସିଂହପୁରରୁ ୫ଜଣ, କଳାହାଣ୍ଡିରୁ ୪ଜଣ, କୋରାପୁଟରୁ ୪ଜଣ, ବୌଦ୍ଧରୁ ୩ଜଣ, ନବରଙ୍ଗପୁରରୁ ୩ଜଣ, ନୟାଗଡ଼ରୁ ୩ଜଣ, ଗଜପତିରୁ ୨ଜଣ, ଭଦ୍ରକରୁ ଜଣେ, ଦେବଗଡ଼ରୁ ଜଣେ, ପୁରୀରୁ ଜଣେ, ସୁବର୍ଣ୍ଣପୁରରୁ ଜଣେ ଓ ଷ୍ଟେଟପୁଲରୁ ୯ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

## ଦକ୍ଷିଣେଶ୍ୱରୀ କାଳୀଙ୍କ ପୀଠରେ ଗୀତାଯଜ୍ଞ



ଭଦ୍ରକ,୨୭।୧୨ (ନି.ପ୍ର): ଭଦ୍ରକ ମଠସାହି ସ୍ଥିତ ମା' ଦକ୍ଷିଣେଶ୍ୱରୀ କାଳୀ ମନ୍ଦିର ପୀଠରେ ଆଜି ଗୀତାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକର ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ସକାଳ ୭ଟାରୁ ଆରମ୍ଭ ହୋଇ ୨ଟାରେ ଶେଷ ହୋଇଥିଲା। ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଗୀତା ମାହାତ୍ମ୍ୟ ସମ୍ପର୍କରେ ଅବଗତ କରାଯାଇଥିବା ବେଳେ ଗୀତା ପାଠ କରାଯାଇଥିଲା। ମହାଭାରତ ଯୁଦ୍ଧରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଉପଦେଶ ଦେଇ ଯୁଦ୍ଧ ପାଇଁ ପ୍ରେରିତ କରିଥିଲେ ଏବଂ ସାରଥୀ ହୋଇ ତାଙ୍କର ମନୋବଳ ବୃଦ୍ଧି ଘଟାଇଥିଲେ ସେ ସମ୍ପର୍କରେ ପିଲାମାନଙ୍କୁ ଆଧ୍ୟାତ୍ମିକ ଚିନ୍ତା ଚେତନା ଜ୍ଞାନ ପ୍ରଦାନ କରାଯାଇଥିଲା। ଦେଶ ବିଜ୍ଞାନକୁ ଆବୋରି ଆଧ୍ୟାତ୍ମିକ ଚେତନାକୁ ଭୁଲି ଯାଉଛି । ଛାତ୍ରଛାତ୍ରୀମାନେ ସେମାନଙ୍କ ଆହରଣ ବୟସରୁ ଏହି ଆଧ୍ୟାତ୍ମିକ ଜ୍ଞାନ ଆହରଣ କଲେ ସେମାନଙ୍କ ଭବିଷ୍ୟତ ତଥା ଦେଶର ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇ ପାରିବ ବୋଲି ମତପ୍ରକାଶ ପାଇଥିଲା। ମନ୍ଦିରର ପ୍ରଦାନ ପୁରୋଧା ସତ୍ୟ ନାରାୟଣ ଦାସ ପିଲାମାନଙ୍କୁ ଗୀତାବାଣୀ ଶୁଣାଇଥିଲେ। ପରେ ସମସ୍ତଙ୍କୁ ପ୍ରସାଦରେ ଆପ୍ୟାୟିତ କରାଯାଇଥିଲା।

# ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' ଶୁଣିଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୨୭।୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚଳିତ ଇଂରାଜୀ ବର୍ଷର ଅନ୍ତିମ 'ମନ୍ କି ବାତ୍' କାର୍ଯ୍ୟକ୍ରମକୁ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଦଳର କାର୍ଯ୍ୟକର୍ତ୍ତାଙ୍କ ସହ ଶୁଣିବା ଅବସରରେ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆହ୍ୱାନ କ୍ରମେ ସ୍ୱଦେଶୀ ସାମଗ୍ରୀ କିଣିବାକୁ ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଏ ସମ୍ପର୍କରେ ଟ୍ୱିଟ୍ କରିଛନ୍ତି ଯେ ଓଡ଼ିଶା ବିଜେପି କାର୍ଯ୍ୟାଳୟରେ ଆମ ପାର୍ଟିର କାର୍ଯ୍ୟକର୍ତ୍ତାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚଳିତ ଇଂରାଜୀ ବର୍ଷର ଅନ୍ତିମ 'ମନ୍ କି ବାତ୍' ଶୁଣିଲି । ଆଜିର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ 'ଭୋକାଲ ଫର୍ ଲୋକାଲ୍' ତଥା ଦେଶରେ ଭାରତୀୟ ସାମଗ୍ରୀର ଚାହିଦା ବଢ଼ିବା ଓ 'ଜିରୋ ଇଫେକ୍ଟ୍, ଜିରୋ ଡିଫେକ୍ଟ୍' ନୈତିକତା ଆଧାରରେ କାମ କରିବାର ସୁଯୋଗ ଉପରେ ଉଲ୍ଲେଖ କରିଛନ୍ତି। ଆମର ସାମଗ୍ରୀ ବିଶ୍ୱର ସର୍ବୋତ୍କୃଷ୍ଟମାନର ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ମୋଦି ଦେଶର ନିର୍ମାତା ଏବଂ ଶିଳ୍ପ ନେତାମାନଙ୍କୁ କହିଛନ୍ତି । ଆସନ୍ତୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଚଳିତ ଇଂରାଜୀ ବର୍ଷରୁ ଆମେ ଦେଶରେ ଉତ୍ପାଦିତ ସାମଗ୍ରୀକୁ କିଣିବାକୁ ସଂକଳ୍ପ କରିବା ଏବଂ ଆତ୍ମନିର୍ଭର ହୋଇ ଆତ୍ମନିର୍ଭର ଭାରତ ଅଭିଯାନରେ ସାମିଲ ହେବା। ଏହି କାର୍ଯ୍ୟକ୍ରମରେ କର୍ଣ୍ଣାଟକର ଯୁବା ଦମ୍ପତି ଅନୁଦୀପ ଓ ମିନୁଷାଙ୍କ ଉଦାହରଣ ଦେଇ ପରିବେଶର ସୁରକ୍ଷା ତଥା ସାମୁଦ୍ରିକ ବେଳାଭୂମିକୁ ସଫା ରଖିବା ଓ ସେଠାରେ ଆବର୍ଜନା ସଫା କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସର୍ବସାଧାରଣ ସ୍ଥାନରେ ଅଳିଆ ଆବର୍ଜନା ନପକାଇବା ସ୍ୱଚ୍ଛ ଭାରତ ଅଭିଯାନର ପ୍ରଥମ ସଂକଳ୍ପ ସହ ଦେଶକୁ ଏକକ ପ୍ଲାଷ୍ଟିକ ବ୍ୟବହାରରୁ ମୁକ୍ତ କରିବାକୁ ହିଁ ହେବ ବୋଲି ଉଦବୋଧନ ଦେଇଥିବା ବେଳେ ଶ୍ରୀ ପ୍ରଧାନ ଏହା ଉପରେ ସଚେତନ ସୃଷ୍ଟି କରିବାକୁ ଦଳର କାର୍ଯ୍ୟକର୍ତ୍ତା ମାନଙ୍କୁ ପରାମର୍ଶ ଦେଇଥିଲେ।

# ଗାନ୍ଧି ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ପୁସ୍ତକ ଲୋକାର୍ପଣ ଓ ସମୀକ୍ଷା



ଭଦ୍ରକ,୨୭।୧୨ (ନି.ପ୍ର): ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଭଦ୍ରକ ଆନୁକୂଲ୍ୟରେ ଆମେରିକୀୟ ଲେଖକ ଜେମ୍ସ ଡବ୍ଲ୍ୟୁ ଡଗଲାସ୍‌ଙ୍କ ପୁସ୍ତକ 'ଗାନ୍ଧୀ ଆଣ୍ଡ ଦି ଅନ୍‌ସ୍ପିକେବଲ୍ : ହିଜ୍ ଫାଇନାଲ ଏକ୍ସପେରିମେ ଉଇଥ୍ ଟ୍ରୁଥ୍'ର ପ୍ରଫେସର ପ୍ରୀତିଶ ଆଚାର୍ଯ୍ୟଙ୍କ ଦ୍ୱାରା କରାଯାଇଥିବା ଓଡ଼ିଆ ଭାବାନୁବାଦ ପୁସ୍ତକ 'ଗାନ୍ଧୀ ହତ୍ୟାର ଅକୁହା କଥା'ର ଲୋକାର୍ପଣ ଓ ସମୀକ୍ଷା ସମାବେଶ ଭଦ୍ରକ ନୂଆବଜାର ସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସମାବେଶରେ ମୁମ୍ବାଇର ପ୍ରଖ୍ୟାତ ସର୍ବୋଦୟ କର୍ମୀ ଓ ଗାନ୍ଧୀବାଦୀ ଅର୍ଥଶାସ୍ତ୍ରୀ ପ୍ରେରଣା ଦେଶାଇ, ପ୍ରଖ୍ୟାତ୍ ଶିକ୍ଷାବିତ୍, ଇତିହାସକାର, ଲବ୍ଧ ପ୍ରତିଷ୍ଠିତ ଲେଖକ ଓ ସ୍ତମ୍ଭକାର ପ୍ରଫେସର ପ୍ରୀତିଶ ଆଚାର୍ଯ୍ୟ, ବିଶିଷ୍ଟ ଗାନ୍ଧୀବାଦୀ ପ୍ରବକ୍ତା ଡା. ବିଶ୍ୱଜିତ୍ ରାଏ ଓ ସମୀକ୍ଷକ ପ୍ରଫେସର ବଳରାମ ମିଶ୍ର ଯୋଗ ଦେଇ ଉକ୍ତ ପୁସ୍ତକର ସମୀକ୍ଷା ଓ ଆଲୋଚନା କରିଥିଲେ। ଆଲୋଚକଙ୍କ ମତରେ ଗାନ୍ଧୀ ହତ୍ୟା ଏକ ସୁପରିକଳ୍ପିତ ଷଡଯନ୍ତ୍ରର ଅଂଶ ବିଶେଷ ଥିଲା। ଗାନ୍ଧୀଜୀଙ୍କ ଉପରେ ଦକ୍ଷିଣ ଆଫ୍ରିକାରେ ୨ଥର ଓ ଭାରତରେ ୬ ଥର ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଭାରତରେ ଗାନ୍ଧୀଜୀଙ୍କ ଉପରେ କରାଯାଇଥିବା ସମସ୍ତ ଆକ୍ରମଣ ହିନ୍ଦୁତ୍ୱବାଦୀମାନଙ୍କ ଦ୍ୱାରା କରାଯାଇଥିଲା। ୧୯୪୮ ଜାନୁଆରୀ ୨୦ ତାରିଖରେ ଗାନ୍ଧୀଜୀଙ୍କ ଉପରେ ଯେଉଁ ଆକ୍ରମଣ ହୋଇଥିଲା ଉକ୍ତ ବୋମା ଆକ୍ରମଣ ପରେ ନାଥୁରାମ ଗଡ଼ସେ ଓ ନାରାୟଣ ଆପ୍ତେ ଖସିଯିବାକୁ ସକ୍ଷମ ହୋଇଥିଲେ ମଧ୍ୟ ମଦନଲାଲ ପାହୱା ଧରା ପଡ଼ିଯାଇଥିଲା। ମଦନଲାଲ ପାହୱା ପୁଲିସ ପାଖରେ ତାର ସାଥିମାନଙ୍କ ସମ୍ପର୍କରେ ସୂଚନା ଦେଇଥିଲେ ମଧ୍ୟ ପୁଲିସ ନାଥୁରାମ ଗଡ଼ସେ ଓ ନାରାୟଣ ଆପ୍ତେଙ୍କୁ ଗିରଫ ନକରିବା ଯୋଗୁଁ ସେମାନେ ଜାନୁଆରୀ ୩୦ ତାରିଖରେ ଗାନ୍ଧୀଜୀଙ୍କୁ ହତ୍ୟା କରିବାକୁ ସକ୍ଷମ ହୋଇଥିଲେ। ପ୍ରଶାସନ ପକ୍ଷରୁ ମଧ୍ୟ ରାଷ୍ଟ୍ରପିତାଙ୍କ ପାଇଁ କୌଣସି ବିଶେଷ ସୁରକ୍ଷାର ବନ୍ଦୋବସ୍ତ କରା ନଯିବାରୁ ନାଥୁରାମ ଗଡ଼ସେ ଅତି ନିକଟରୁ ଗୁଳି କରିବାକୁ ସକ୍ଷମ ହୋଇଥିଲା। କିଛି ସତ୍ୟ ବହୁ ଲୋକଙ୍କୁ ଜଣାଥିଲେ ମଧ୍ୟ ପ୍ରକାଶ କରି ପାରନ୍ତି ନାହିଁ। ଯେଉଁମାନେ ଉକ୍ତ ଅକଥନୀୟ ସତ୍ୟକୁ ପ୍ରକାଶ କରିଥାନ୍ତି ସେମାନେ ଆତତାୟୀର ଶିକାର ହୋଇଥାନ୍ତି। ଏହି କ୍ରମରେ ଯୀଶୁଖ୍ରୀଷ୍ଟଙ୍କ ଠାରୁ ଆରମ୍ଭ କରି ସକ୍ରେଟିସ, କେନେଡି, ମାର୍ଟିନ ଲୁଥରକିଙ୍ଗ, ମାଲ୍‌କମ୍ ଏକ୍ସ, ପାଟ୍ରିକ୍ ଲୁଲୁମ୍ବା, ଆଇଜାକ ରବିନ ଆଦିଙ୍କ ନାମ ଅନ୍ୟତମ ବୋଲି ବକ୍ତାମାନେ ଆଲୋଚନା ବେଳେ ପ୍ରକାଶ କରିଥିଲେ। ଉକ୍ତ ସଭାରେ ପ୍ରଫେସର ଝରଣା ପଟ୍ଟନାୟକ ପୌରୋହିତ୍ୟ କରିଥିଲା ବେଳେ ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ସମ୍ପାଦକ ତୁଷାରକାନ୍ତି ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ନାସିର ବକ୍ସ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁସଲିମ ଓ୍ୱେଲଫେଅର ସୋସାଇଟି ପକ୍ଷର ୟୁନାନି ସ୍ୱାସ୍ଥ୍ୟ ଶିବିର



ବାଲେଶ୍ୱର,୨୭।୧୨ (ନି.ପ୍ର): ବାଲେଶ୍ୱରର ମୁସଲିମ ଓ୍ୱେଲଫେୟାର ସୋସାଇଟିର ପକ୍ଷରୁ ସହରର ଅବଦୁଲଗାନି ଷ୍ଟ୍ରିଟ୍ ସ୍ଥିତ ବିଦେ ଉର୍ଦ୍ଦୁ ସରକାରୀ ପ୍ରାଇମେରୀ ସ୍କୁଲ ଠାରେ ଏକ ୟୁନାନୀ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ସୋସାଇଟି ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ଜନହିତକର କାର୍ଯ୍ୟଧାରାକୁ ଉଚ୍ଚ ପ୍ରଶଂସା କରିଥିଲେ। ପୂର୍ବରୁ ବିଭିନ୍ନ ସମୟରେ ସୋସାଇଟି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିବା ବେଳେ ଏହିଭଳି ସ୍ୱାସ୍ଥ୍ୟ ଶିବିର ଆୟୋଜନ ନିଶ୍ଚିତ ରୂପେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆଣିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ତେବେ ବାଲେଶ୍ୱରରେ ଏକ ସ୍ଥାୟୀ ୟୁନାନୀ ଚିକିତ୍ସାଳୟ ସ୍ଥାପନ ପାଇଁ ମୁସଲିମ ଓ୍ୱେଲଫେୟାର ସୋସାଇଟିରର ଦାବୀ ଅନୁସାରେ ସେ ପଦକ୍ଷେପ ନେବେ ବୋଲି ଶ୍ରୀ ଦାସ ପ୍ରତିଶୃତି ଦେଇଥିଲେ । ଭଦ୍ରକ ୟୁନାନି ହସପିଟାଲ୍‌ର ଡ. ଅବଦୁଲ ରସିଦ, ଡ. ଶେଖ ମେହମୁଦ ସଲିମ ପ୍ରମୁଖ ଚିକିତ୍ସକମାନେ ଏହି ଶିବିରରେ ଉପସ୍ଥିତ ରହି ସ୍ଥାନୀୟ ଅଂଚଳର ୩ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଉପାଦେୟ ପରାମର୍ଶ ଦେଇଥିଲେ । ୟୁନାନୀ ହସପିଟାଲ ପକ୍ଷରୁ ସମସ୍ତ ରୋଗୀମାନଙ୍କୁ ବିନା ମୂଲ୍ୟରେ ଔଷଧ ବଂଟନ କରାଯାଇଥିଲା । ଏଥିରେ ସୋସାଇଟିର ସମ୍ପାଦକ ସଲିମ ରେଜା, ଅସଲାମ ଖାଁ, ହାଜି ଶେଖ ଜମାଲ, ହାଜି ଗୋଲାମ ଖାଁ, ମନସୁର ଅଲ୍ଲୀ, ଶେଖ ହମିଦ, ମୁକ୍ତାର ଅହମ୍ମଦ, ଶେଖ ଆୟୁବ, ହାଜି ଶେଖ ମଜିଦ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯାଜପୁରରେ ଗତ ୨୪ ଘଂଟାରେ ୪୧୦ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୭।୧୨ (ନି.ପ୍ର): ଯାଜପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା, ସାମାଜିକ ଦୂରତ୍ୱ ନିୟମକୁ ନ ମାନିବା, ବାହାରେ ଛେପ ପକାଇବା ଓ ମୋଟର ଯାନ ଆଇନ ଭାଙ୍ଗିବା ଅଭିଯୋଗରେ ୪୧୦ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସେମାନଙ୍କ ଠାରୁ ୨୦୫୫୨୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ବେଳେ ୫ ଜଣଙ୍କର ଡ୍ରାଇଭିଂଗ ଲାଇସେନ୍ସକୁ ନିଲମ୍ବିତ କରା ଯାଇଛି । ଯାଜପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

# ଦୁର୍ଘଟଣାରେ ମାଟିଆପଡ଼ା ଦଳବେହେରାଙ୍କ ପରଲୋକ



ଖୋର୍ଦ୍ଧା,୨୭।୧୨ (ନି.ପ୍ର): ପଲ୍ଲାରେ ଅବସ୍ଥାନ ଗରୁଥିବା ଗଡ଼ମାଟିଆପଡ଼ାର ଦଳବେହେରା ସଂଗ୍ରାମ କେଶରୀ ହରିଚନ୍ଦନଙ୍କର ଦୁର୍ଘଟଣାରେ ପରଲୋକ ହୋଇଯାଇଛି। ନିଜ ପୁତୁରା ସହ ବାଇକରେ ବସି ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଛକ ଦେଇ ଶିଆଳିଆ ଆଡ଼କୁ ଯାଉଥିବାବେଳେ ଶିଆଳିଆ-ବ୍ରହ୍ମପୁରା ଅନନ୍ତବର ନିକଟରେ ଗୋଟେ ଟ୍ରକ୍ ଧକ୍କାରେ ସେ ମୃତ୍ୟୁବରଣ କରିଛନ୍ତି। ତେବେ ଏହି ଦୁର୍ଘଟଣାରୁ ପୁତୁରା ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଶୋକାକୂଳ ପରିବେଶରେ ତାଂକର ଶେଷକୃତ୍ୟ ମାଟିଆପଡ଼ାରେ ସଂପନ୍ନ କରାଯାଇଥିବାର ଜଣାପଡ଼ିଛି। ତାଂକର ପତ୍ନୀ ଅଂଜଳି ଓ ଦୁଇ ପୁତ୍ର ଦୁର୍ଗାପ୍ରସାଦ ଓ ଜ୍ୟୋତିପ୍ରସାଦ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ସ୍ୱର୍ଗତ ହରିଚନ୍ଦନ ଭାରତୀୟ ସୀମା ସୁରକ୍ଷା ବାହିନୀରେ କାମ କରିବା ବେଳେ ସାଥୀ ସୈନିକମାନଂକୁ ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ସଂପର୍କରେ ଅବତାରଣା କରୁଥିଲେ। ଚାକିରିରୁ ଅବସର ନେବା ପରେ କଳିଙ୍ଗ ପାଇକ ସଂଗଠନରେ ସାମିଲ ହୋଇ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଓଡ଼ିଶାର ଗୌରବଶାଳୀ ଐତିହ୍ୟକୁ ଯୁବପିଢ଼ି ନିକଟରେ ପହଂଚାଇବା ପାଇଁ ଉଦ୍ୟମ କରୁଥିଲେ। ୨୦୧୮ ମାର୍ଚ୍ଚ ମାସରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ତିନିଦିନିଆ ପାଇକ ବିଦ୍ରୋହ ଦ୍ୱିଶତ ବର୍ଷ ପୂର୍ତ୍ତି ଉଦଯାପନ ଉତ୍ସବରେ ତାଂକୁ ସମ୍ବର୍ଧିତ କରାଯାଇଥିଲା। ତାଂକ ବିୟୋଗରେ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଭୀମସେନ ପ୍ରଧାନ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ସତ୍ୟବାଦୀ ବଳିଆରସିଂହ, ବିଦ୍ୟାଧର ଲେଂକା, ସତ୍ୟବାନ ଶ୍ରୀଚନ୍ଦନ, ଅଜୟ ମାନଧାତା, ମର୍କତ କେଶରୀ ହରିଚନ୍ଦନ, ଲଳିତ କେଶରୀ ହରିଚନ୍ଦନ, କାଳିଚରଣ ଜୟସିଂହ, ମୃତ୍ୟୁଂଜୟ ଛୋଟରାୟ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ରାଜ୍ୟ ଉପଭୋକ୍ତା ମହିଳା କଲ୍ୟାଣ ମହାସଂଘ ପକ୍ଷରୁ ସଚେତନତା

ବାଲେଶ୍ୱର,୨୭।୧୨ (ନି.ପ୍ର): ଗ୍ରାହକ ସଚେତନତା ସପ୍ତାହ ପାଳନ ଅବସରରେ ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦ ଅନୁବନ୍ଧିତ ରାଜ୍ୟ ଉପଭୋକ୍ତା ମହିଳା କଲ୍ୟାଣ ମହାସଂଘର ବାଲେଶ୍ୱର ଶାଖା ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସହରର ଗୋପାଳ ଗାଁ ଅଙ୍ଗନବାଡି କେନ୍ଦ୍ରରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ମହାସଂଘର ଜିଲ୍ଲା ସଭାପତି ସ୍ୱାତିପ୍ରଭା ଦାଶ ଯୋଗ ଦେଇ ଗ୍ରାହକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ପ୍ରତ୍ୟେକ ଦିନକୁ ଖାଉଟି ଅଧିକାର ଦିବସ ଭାବେ ପାଳନ କରିବା ଉଚିତ ବୋଲି ମତପ୍ରକାଶ କରିଥିଲେ । ସାମ୍ପ୍ରତିକ ସ୍ଥିତିରେ ଖାଉଟି ସଜାଗ ନ ରହିଲେ ପ୍ରତ୍ୟେକ ମୁହୂର୍ତ୍ତରେ ଠକାମିର ଶିକାର ହେବ ବୋଲି ଶ୍ରୀମତି ଦାଶ କହିଥିଲେ । ତେବେ ଏହି ଠକାମିର ପରିମାଣ ଯେତେ କମ ହେଲେ ମଧ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ଘଟଣାକୁ ଖାଉଟି ଫୋରମ ସମ୍ମୁଖକୁ ଅଣାଯିବା ଆବଶ୍ୟକ । ଫଳରେ ଠକୁଥିବା ଦୋକାନୀ ବା କମ୍ପାନୀ ଗ୍ରାହକଙ୍କୁ ଠକିବା ପୂର୍ବରୁ ଥରେ ଚିନ୍ତା କରିବା ଏବଂ ଏହାଦ୍ୱାରା ଖାଉଟି ସଚିତ ସେବା ପାଇପାରିବ ବୋଲି ଶ୍ରୀମତି ଦାଶ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହାସଂଘର ସମ୍ପାଦିକା ସୁବାସିନୀ ପଟ୍ଟନାୟକ, ଯୁଗ୍ମ ସମ୍ପାଦିକା ସସ୍ମିତା ବାରିକ ଓ ପୂର୍ବତନ କାଉନସିଲର ରେଣୁବାଳା ଦାସମହାପାତ୍ର ପ୍ରମୁଖ ଏଥିରେ ଯୋଗଦେଇ ଖାଉଟି ସୁରକ୍ଷା ଓ ଏନେଇ ମହିଳାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରତ୍ୟେକ କ୍ଷେତ୍ରରେ ନିଜର ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହେବା ସହ ଗ୍ରାହକଙ୍କୁ ଠକୁଥିବା ସଂସ୍ଥା ବିରୋଧରେ ରାଜ୍ୟ ଉପଭୋକ୍ତା ମହିଳା କଲ୍ୟାଣ ମହାସଂଘ ସହ ମିଳିତ ସ୍ୱର ଉତୋଳନ କରିବାକୁ ସେମାନେ ଆହ୍ୱାନ ଦେଇଥଲେ । ସ୍ଥାନୀୟ ଅଂଚଳର ବହୁ ମହିଳା ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ଭଦ୍ରକ ଜିଲ୍ଲା କନ୍‌ଜ୍ୟୁମର ଫୋରମ୍ ଗଠିତ



ଭଦ୍ରକ,୨୭।୧୨ (ନି.ପ୍ର): ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦ ଆନୁକଲ୍ୟରେ ରାଜ୍ୟ ଉପଭୋକ୍ତା ମହିଳା ସଂଗଠନ ପରାମର୍ଶ କ୍ରମେ ଆଜି ଭଦ୍ରକ ସହରର କୁଆଁସ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ କଳିଙ୍ଗରତ୍ନ ପଣ୍ଡିତ ଦୈତ୍ୟାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇ ଭଦ୍ରକ ଜିଲ୍ଲା କନ୍‌ଜ୍ୟୁମର ଫୋରମ୍ ସମ୍ପର୍କରେ ବିଧିବଦ୍ଧ ଆଲୋଚନା କରାଯାଇଥିଲା। ଅନୁଷ୍ଠାନ ସମ୍ପର୍କରେ ବିଷଦ୍ ବିବରଣୀ ପ୍ରଦାନ କରିଥିଲେ ସମାଜ ସେବିକା ଶକୁନ୍ତଳା ଦାଶ ଓ ବରିଷ୍ଠ ବିଧିବକ୍ତା ସୁବାସ ଚନ୍ଦ୍ର ବୈରୀଗଞ୍ଜନ। ଉପସ୍ଥିତ କର୍ମକର୍ତ୍ତାମାନେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କନ୍‌ଜ୍ୟୁମର ଫୋରମ୍ ଗଠନର ଲକ୍ଷ୍ୟ, ଉଦ୍ଦେଶ୍ୟ, ଏବଂ ରାଜ୍ୟ ଖାଉଟି ସୁରକ୍ଷା ଦିବସ ପାନସମ୍ପର୍କରେ ନିଜ ନିଜର ମତ ରଖିଥିଲେ। ରାଜ୍ୟ ଉପଭୋକ୍ତା ମହିଳା ସଂଗଠନ ପରାମର୍ଶକୁ ଗୁରୁତ୍ୱ ଦେଇ ଉପସ୍ଥିତ ସଭ୍ୟସଭ୍ୟାମାନଙ୍କୁ ନେଇ ଭଦ୍ରକ ଜିଲ୍ଲା କନଜ୍ୟୁମର ଫୋରମ୍ ଗଠନ କରାଯାଇଥିଲା। ସେଥିରେ ସର୍ବସମ୍ମତି କ୍ରମେ ପଣ୍ଡିତ ଦୈତ୍ୟାରୀ ମହାପାତ୍ର ଉପଦେଷ୍ଟା, ବରିଷ୍ଠ ବିଧିବକ୍ତା ସୁବାସ ଚନ୍ଦ୍ର ବୈରୀଗଞ୍ଜନ ବିଧିଉପଦେଷ୍ଟା (ଲିଗାଲ ଆଡଭାଇଜର), ଜିଲ୍ଲା ସଭାପତି ଭାବେ ଶକୁନ୍ତଳା ଦାଶ, ବ୍ରଜଗୋପାଳ ଦାସ ଉପସଭାପତି, ନିରୂପମା ମହାନ୍ତି ସାଧାରଣ ସମ୍ପାଦିକା, କାଳିପଦ ରାୟ ସଂଗଠନ ସମ୍ପାଦକ, ଦେବପ୍ରସାଦ ମିଶ୍ର କୋଷାଧ୍ୟକ୍ଷ, ରଞ୍ଜୁଲତା ଗାହାଣ ଓ ମଞ୍ଜୁଲତା ରଥ କାର୍ଯ୍ୟନିର୍ବାହୀ ସଦସ୍ୟା ଭାବେ ମନୋନୀତ କରାଯାଇ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଗ୍ରାହକ କଲ୍ୟାଣ ପରିଷଦ ଏବଂ ରାଜ୍ୟ ଉପଭୋକ୍ତା ମହିଳା ସଂଗଠନ କିଭଳି ପୂର୍ଣ୍ଣ ରୂପରେ କାର୍ଯ୍ୟକାରୀ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ନିରୂପମା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଜପାର ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ଶିବିର

ଜଳେଶ୍ୱର,୨୭।୧୨ (ନି.ପ୍ର): ଆଜି ରବିବାର ବାଲେଶ୍ୱର ଜିଲା ଜଳେଶ୍ୱର ମ୍ୟୁନିସିପାଲଟିର ୧୩ନଂ ୱାର୍ଡ ନନ୍ଦିକାଠାରେ ଭାଜପାର ଦୁଇ ଦିନିଆ ନଗର ମଣ୍ଡଳୀ ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଅତିଥିଭାବେ ଜିଲା ଭାଜପା ସଭାପତି ଉମାକାନ୍ତ ମହାପାତ୍ର ଯୋଗ ଦେଇ ତୃଣମୂଳ ସ୍ତରରେ କର୍ମୀ ମାନଙ୍କୁ ୨୩ ସୂତ୍ରୀ କାର୍ଯ୍ୟକ୍ରମ ସଂପର୍କରେ ପ୍ରଶିକ୍ଷଣ ଦେବା ସହିତ କେନ୍ଦ୍ର ପ୍ରଦାନ କରୁଥିବା ବିଭିନ୍ନ ଯୋଜନା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ ପୌରହିତ୍ୱ କରିଥିବା ବେଳେ ଜିଲ୍ଲା ମୁଖ୍ୟ ସଂଯୋଜକ ପର୍ଶୁରାମ ପରିଡା, ଜିଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ,ବ୍ଲକ ସଂଯୋଜକ ବସନ୍ତ କୁମାର ବାରିକ୍. ବରିଷ୍ଠ ଭାଜପା ନେତା ଅରୁଣ ବେଜ, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଅନନ୍ତ ଦାସ, ସିଦ୍ଧାର୍ଥ ଶଂକର ପାଳ, ସୁମତୀ ଦେ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଯୁବମୋର୍ଚ୍ଚା ନଗର ସଭାପତି ରବିନ୍ଦ୍ର ପାତ୍ର ମଂଚ ଆହ୍ୱାନ, ଆଦିତ୍ୟ ପାତ୍ର ଅତିଥି ପରିଚୟ କରିଥିବା ବେଳେ ହେମନ୍ତ ଦାସ, ବନମାଳୀ ଧଳ, ନନ୍ଦନ ଦତ୍ତ, ବିକାଶ ଧର, ସୁଶାନ୍ତ କୟାଳ, ଭରତ ଧଳ, ଅକ୍ଷୟ ପାତ୍ର, ଅରୁଣ ଦାସ, ରାଜୀବ ଘୋଷ, ପ୍ରହ୍ଲାଦ ପାଣିଗ୍ରାହୀ, ଗଦାଧର ସିଂ, ବରେନ୍ଦ୍ର ପରିଡା, ସେଖ୍ ସୁଲତାନ, ଗୌରୀ ଶଂକର ପ୍ରମାଣିକ, ମହେଶ୍ୱର ସେନାପତି, ରଂଜନ ପାତ୍ର, ବିନୋଦ ଦତ୍ତ, ସଂଜୀବ ପ୍ରଧାନ, ଅଂଜନ ଦାସ, ଗୋପିନାଥ ଧଳ, ବାଂକବିହାରୀ ଦାସ, ମୁକ୍ତରାମ ପାତ୍ର, ନଗେନ୍ଦ୍ର ପାତ୍ର, ଦେବବ୍ରତ ପାଣିଗ୍ରାହି ପ୍ରମୁଖ ପରିଚାଳନା କରିଥିଲେ ।

# ପୂଜ୍ୟପୂଜା ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ ହେଲେ ବିଇଓ ଓ ସାମ୍ବାଦିକ



ଖଇରା,୨୭।୧୨ (ନିପ୍ର)ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ପଳାସପୁର ଠାରେ ପୂଜ୍ୟ ପୂଜା ସଂସଦ ତରଫରୁ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ ଖଇରା ବ୍ଲକର ଗୋଷ୍ଠି ଶିକ୍ଷାଧିକାରୀ ମୁଖ୍ୟ ଅତିଥି ଯାତ୍ରା ଜଗତର ଖଳନାୟକ ଦାମୋଦର ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପୂଜ୍ୟ ପୂଜା ସଂସଦ ତରଫରୁ ଖଇରା ଗୋଷ୍ଠି ଶିକ୍ଷାଧିକାରୀ ସୁଦର୍ଶନ ରାଉତ ଓ ସାମ୍ବାଦିକ କିଶୋର କୁମାର ବେହେରାଙ୍କ ସମେତ ରବିନ୍ଦ୍ର କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ ସମାଜସେବୀ ବିଭୂତି ଭୂଷଣ ରାଉତ,କୁଞ୍ଜଲତା ମାହୁନ୍ତ,ବାସୁଦେବ ଦାସ, ରାମଚନ୍ଦ୍ର ସାହୁ,ଅନାମ ଚରଣ ସାମଲ, ରଘୁନାଥ କର, ସାମ୍ବାଦିକ ଉତ୍କଳ ବନ୍ଧୁ ପଣ୍ଡା, ଦାୟାନିଧି ମହାପାତ୍ର, ତପୋଧନ ବାରିକ, ସଞ୍ଜୟ କୁମାର ବେହେରାଙ୍କ ସମେତ ଅବସର ପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ନାୟକ, ପ୍ରଫୁଲ କୁମାର ସାମଲ, ନିତ୍ୟାନନ୍ଦ ମହାନ୍ତି, ରମାକାନ୍ତ ମହାନ୍ତି,ଲମ୍ବୋଧର ଦାସ, ଲୋଚନ ଦାସ, ସୁବାଷ ଚନ୍ଦ୍ର ସାମଲ, ପ୍ରଫୁଲ ଚନ୍ଦ୍ର ଖଣ୍ଡା, ନାରାୟଣ ମହାକୁଡ, ବଂଶିଧର ନାୟକ, ଉପେନ୍ଦ୍ର ପ୍ରସାଦ ଭୂୟାଁ କୃଷକ ସଂଗଠନର ମୁଖ୍ୟ ପ୍ରଶାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ମୁନି ସମାଜର ପ୍ରତିଷ୍ଠା ଦିବସ





ରୁପସା,୨୭।୧୨ (ନି.ପ୍ର): ହାତିଆଡିହା ଯୋଗ ଶିକ୍ଷାକେନ୍ଦ୍ରରେ ମୁନିସମାଜର ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି । ସତ୍ୟ ପତାକା ଉତ୍ତୋଳନ ଏବଂ ସଭାପତି ଆସନ ଅଳଂକୃତ କରିଥିଲେ ଆଶ୍ରମରୁ ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ବାରକ । ମୁନିସମାଜର ପ୍ରତିଷ୍ଠାର ଉଦ୍ଦେଶ୍ୟ, ସିଦ୍ଧାନ୍ତ ଏବଂ ଦର୍ଶନ ଉପରେ ଆଲୋକପାତ କରିଥିଲେ, ଆଶ୍ରମରୁ କୋଷାଧକ୍ଷ ଯୋଗୀ ଭିକାରି ଚରଣ ମୁନି । ମୁନିସଙ୍ଗୀତ ଗାନ କରୁଥିଲେ ଆଶ୍ରମରୁ ଯୋଗଶିକ୍ଷିକା ମଞ୍ଜୁଲତା ବେହେରା ।ଆତ୍ମା ହି ବ୍ରହ୍ମ-ପରିଷ୍କାର ବୁଝାଇ ଥିଲେ ଯୁଗ ଶିକ୍ଷିକା କଳ୍ପନା ମିଶ୍ରି ମହୋଦୟା । ଉପସ୍ଥିତ ଥିଲେ, ଆଶ୍ରମରୁ ଉପାଧକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର, ଶକୁନ୍ତଳା ପରିଡ଼ା, ଜାହ୍ନବୀ ଗିରି ଇତ୍ୟାଦି । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ମୁନିକୁମାରୀ ମିନତୀ ଦଳାଇ । ସମସ୍ତେ କରୋନାର ନିତୀ ନିୟମ ପାଳନ କରୁଥିଲେ ଏବଂ ହଳଦିପଦା ସଦ୍‌ଗୁରୁଦେବ ଶିବମୁନି ଯୁଗ ଶିକ୍ଷା କେନ୍ଦ୍ରରେ ମୁନିସମାଜର ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ସତ୍ୟପତାକା ଉତ୍ତୋଳନ ସହିତ ସଭାପତିତ୍ୱ କରିଥିଲେ ଯୋଗାଚାର୍ଯ୍ୟ କମଳାକାନ୍ତ ପାଣିଗାହୀ । ମଞ୍ଚକୁ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ ଜିଲ୍ଲା ସମ୍ପାଦକ ଯୋଗୀ ଅନନ୍ତ ପ୍ରଧାନ । ଶିବମୁନିଙ୍କ ଫଟୋ ଚିତ୍ରରେ ପୁଷ୍ପା ମାଲ୍ୟ ଅର୍ପଣ, ସମୂହ ପ୍ରମଣ ଏବଂ ଗୁରୁ ବନ୍ଦନା କରାଯାଇଥିଲା । ମଞ୍ଚାସୀନ ଥିଲେ ଯୋଗୀ ଲମ୍ବୋଦର ସାହୁ, ଯୋଗୀ ସୁବ୍ରତ ରାଉତ, ଯୋଗୀ ସୁଚିତ୍ରାନନ୍ଦ ରାଉତ, ଯୋଗୀ କଳ୍ପତରୁ ରାଉତ, ଯୋଗୀ ଚିତ୍ତରଞ୍ଜନ ଭୂୟା, ଯୋଗୀସୁଶୀଳ ମହାପାତ୍ର, ଯୋଗୀ ମାନିକଲାଲ ପ୍ରଧାନ, ଯୋଗଶିକ୍ଷୟତ୍ରୀ ପାର୍ବତୀ ବିଶ୍ୱାଳ, ଦମୟନ୍ତୀ ବିଶ୍ୱାଳ ଏବଂ କମଳିନୀ ଦେ ଇତ୍ୟାଦି । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ଯୋଗୀ ବଂଶୀଧର ମୁଣ୍ଡା ।

# ପରୀକୁ ନ୍ୟାୟ ଏବଂ ନିଖୋଜ ଶିଶୁଙ୍କ ଉଦ୍ଧାର ଦାବି ନେଇ ଉଦଳାରେ ଭାଜପାର ପଦଯାତ୍ରା



ଉଦଳା,୨୭/୧୨(ନି.ପ୍ର)-ବହୁ ଚର୍ଚ୍ଚିତ ପରୀ ହତ୍ୟା କାଣ୍ଡର ସିବିଆଇ ତଦନ୍ତ ଏବଂ ରାଜ୍ୟରେ ନିଖୋଜ ହୋଇଥିବା ୫୫୦୩ ଶିଶୁଙ୍କ ଉଦ୍ଧାର ଦାବୀ ନେଇ ଭାରତୀୟ ଜନତା ପାର୍ଟି ତରଫରୁ ଉଦଳା ନିର୍ବାଚନ ମଣ୍ଡଳୀ ମଧ୍ୟରେ ଏକ ପଦଯାତ୍ରା ଚଳିତ ଡ଼ିସେମ୍ବର ୨୬ ତାରିଖ ଦିନ ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ ପୂର୍ତ୍ତ ବିଭାଗ ଡ଼ାକ ବଙ୍ଗଳା ତରଫରୁ ଏହି ପଦଯାତ୍ରା ବାହାରି ଉଦଳା ବଜାର ପରିକ୍ରମା କରିଥିଲା । ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ଏହାର ନେତୃତ୍ୱ ନେବା ସହିତ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଆମେ ପ୍ରସ୍ତୁତ ଅଛୁ ବୋଲି ଗଣମାଧ୍ୟମକୁ ଜଣାଇଥିଲେ । ପଦଯାତ୍ରାରେ ଅନ୍ୟ ମାନଙ୍କ ମଧ୍ୟରେ ଭାଜପାର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟା ପ୍ରମିଳା ପଣ୍ଡା, ସଦସ୍ୟ ନିହାର ରଂଜନ ମୋଦି, ପୁର୍ବତନ କାଉନ୍‌ସିଲର ପ୍ରଭାତ ପରିଡ଼ା, ଉଦଳା ଏନ୍.ଏ.ସି.ର ପୁର୍ବତନ ଅଧ୍ୟକ୍ଷ ସୌଭାଗ୍ୟ କୁମାର ସାହୁ । ଉଦଳା ପଞ୍ଚାୟତ ସମିତିର ପୁର୍ବତନ ଅଧ୍ୟକ୍ଷ ସୋରଜ ଚନ୍ଦ୍ର ଦାସ, ବରିଷ୍ଠ ନେତା କମଳ ଧଳ, ଶୁଭଦିପ ମହାନ୍ତି, ମମତା ସାହୁ, ପ୍ରମୁଖ ଯୋଗ ଦେଇ ପରୀ ହତ୍ୟା ମାମଲାରେ ଏସ୍‌ଅଇଟି ତଦନ୍ତର ସତ୍ୟତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ବୋଲି ବ୍ୟକ୍ତ କରିଥିଲେ। ୫ ମାସ ପରେ ପଖୋରୀରୁ ପରୀର ବସ୍ତ୍ର ମିଳିବା, ଜନଗହଳି ଭିତରେ ଥିବା ପୋଖରୀରେ ଶବ ରହିଥିଲା ବେଳେ ତାହା କିପରି ଗନ୍ଧ ହେଉନଥିଲା ଏବଂ ପରୀର ବାପା ମା ସନ୍ଦେହ କରୁଥିବା ବ୍ୟକ୍ତି ମାନଙ୍କୁ ତଦନ୍ତ ପରିସରଭୁକ୍ତ ନକରିବା ଆଦି ଘଟଣା ଏସ୍‌ଆଇଟି ତଦନ୍ତର ସତ୍ରାସତ୍ୟ ଉପରେ ସନ୍ଦେହ ସୃଷ୍ଟି କରୁଛି ବୋଲି କହିଥିଲେ। ପରୀ ଘଟରାର ପ୍ରକୃତ ଦୋଷିକୁ ମନ୍ତ୍ରୀ ଅରୁଣ ସାହୁଙ୍କ ଚାପରେ ଘଣ୍ଟ ଘୋଡ଼ାଇ ରଖା ଯାଉଛି, ତେଣୁ ଅରୁଣ ସାହୁଙ୍କୁ ତୁରନ୍ତ ବହିଷ୍କାର କରାଯାଉ ଏବଂ ଘଟଣାରୁ ସିବିଆଇ ତଦନ୍ତ କରାଯାଇ ପ୍ରକୃତ ଦୋଷିକୁ ଦଣ୍ଡିତ କରାଯାଉ ବୋଲି କର୍ମୀ ମାନେ କହିଥିଲେ । ଏହା ସହିତ ସମଗ୍ର ଓଡ଼ିଶାରେ ନିଖୋଜ ଥିବା ଶିଶୁ ମାନଙ୍କୁ ଉଦ୍ଧାର କରାଯାଉ ବୋଲି ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଆଜିର ଏହି ପଦ ଯାତ୍ରାକୁ ସଫଳ କରିବା ପାଇଁ ଉଦଳା ମଣ୍ଡଳ ସଭାପତି ଧିରେନ୍ଦ୍ର ଖଣ୍ଡେଲୱାଲ, ସଦର ମଣ୍ଡଳ ସଭାପତି ଜିତେନ ଦ, ନୁଦଡ଼ିହା ମଣ୍ଡଳ ସଭାପତି ଅନ୍ତର୍ଯ୍ୟାମୀ ପରିଡ଼ା, ଗୋପବନ୍ଧୁନଗର ମଣ୍ଡଳ ସଭାପତି ଗୁରୁପ୍ରସାଦ ପ୍ରଧାନ, ମହିଳା ନେତ୍ରୀ ସୁଜାତା, କୁନ୍ତିଲତା, ରଞ୍ଜୁରାଣୀ, ସଞ୍ଜିବ, ଆଦର୍ଶ ପ୍ରମୁଖ ସହଯୋଗ କରିଥିଲେ ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida

❒ Editor: Sairindhree Sahoo